

# ଛାୟା ସଙ୍ଗିନୀ

ଲେଖକ:—

ଶ୍ରୀ ଅନନ୍ତ ନନ୍ଦ

ପ୍ରଥମ ସଂସ୍କରଣ— ୧୦୦୦

ପ୍ରାପ୍ତିସ୍ଥାନ:—

ଏକାମ୍ର ଷ୍ଟୋର, ଭୁବନେଶ୍ୱର

**Printer:- H. H. Kar**

**KEDAR-GOURI PRESS,**

**BHUBANESWAR.**

**1958.**

ମୂଲ୍ୟ ଏକଟଙ୍କା ପଚିଶ ନୂଆ ପଇସା

# ଉତ୍ସର୍ଗ

ଯାହାଙ୍କର ଆଶୀର୍ବାଦ, ଉତ୍ସାହ ଓ ପ୍ରେରଣାରେ ଔପନ୍ୟାସିକ ବୋଲାଇବାର ଆଶା ପୋଷେଉଛି, ସେହି ମୋର ପରମାରାଧ୍ୟ ଶ୍ରୀଯୁକ୍ତ ବିରୂପାକ୍ଷ ନନ୍ଦଙ୍କ ଶ୍ରୀଚରଣରେ ଭକ୍ତିର ନୈବେଦ୍ୟ ସ୍ୱରୂପ ଆଜିର ଏହି ଶୁଭ ଦିନରେ ଏ ପୁସ୍ତିକା ଖଣ୍ଡିକ ଉତ୍ସର୍ଗ କରାଗଲା । ଇତି

ଅନନ୍ତ

# ପଦେ ଅଧେ

"ସ୍ୱପ୍ନ ସଙ୍ଗିନୀ" ଉପନ୍ୟାସର ପ୍ରଥମ ଖଣ୍ଡ । ପ୍ରାଥମିକ ପ୍ରଚେଷ୍ଟାରେ ଯେଉଁ ସବୁ ବାଧା - ବନ୍ଧନର ସମ୍ମୁଖୀନ ହେବାକୁ ହୁଏ—ସେଥିରୁ ମୁଁ ମଧ୍ୟ ବାଦ୍ ଯାଇ ପାରିନାହିଁ । ଏହାହିଁ ବିଶେଷତଃ ଓଡ଼ିଆ ଲେଖକଙ୍କର ଦୁର୍ଭାଗ୍ୟ । ସେ ଯାହାହେଉ, ମୋର ହିତାକାଂକ୍ଷୀ ବନ୍ଧୁ ଶ୍ରୀ ରାଜକିଶୋର ପ୍ରଧାନ ଓ ଶ୍ରୀବେଦ ପଟ୍ଟନାୟକ ଓ ପୂଜ୍ୟ ଗୁରୁଜୀ ଶ୍ରୀଯୁକ୍ତ ବୈକୁଣ୍ଠନାଥ ପ୍ରତିହାରୀଙ୍କ ସାହାଯ୍ୟ, ସହଯୋଗ ସହାନୁଭୂତି ଓ ଆଶୀର୍ବାଦରେ ସମସ୍ତ ଦୁର୍ଲଙ୍ଘ୍ୟତାକୁ ଅତିକ୍ରମ କରି ବହିଟିକ ପ୍ରକାଶ କରିବାରେ ସାହସ କରିପାରିଛି । ଅତଏବ ମୋର ହିତାକାଂକ୍ଷୀଙ୍କ ନିକଟରେ ମୁଁ ଚିର ଋଣୀ ।

+ + +

ପ୍ରଥମେ 'ଲକ୍‌ସାବାଈ' ବୋଲି ପୁସ୍ତକଟିର ନାମକରଣ କରା ଯାଇଥିଲା । କିନ୍ତୁ, କେତେକ ବନ୍ଧୁଙ୍କ ପରାମର୍ଶରେ 'ସ୍ୱପ୍ନସଙ୍ଗିନୀ' ବୋଲି ପରିବର୍ତ୍ତିତ କରାଗଲା । ନୂତନ ନାମକରଣର ଯଥାର୍ଥତା ନାୟିକା ଚରିତ୍ର ବିଶ୍ଳେଷଣରୁହିଁ ସୁସ୍ପଷ୍ଟ ।

ବିନୀତ

ଲେଖକ

# ଅଭିମତ

ବନ୍ଧୁ ଶ୍ରୀମାନ୍ ଅନନ୍ତ ନନ୍ଦଙ୍କ "ଛାୟା ସଙ୍ଗିନୀ" ଉପନ୍ୟାସର ପାଣ୍ଡୁଲିପି ପାଠକରି ବିଶେଷ ଖୁସିହେଲି । ପ୍ରାଥମିକ ପ୍ରଚେଷ୍ଟାରେ ଶିଳ୍ପ ବସ୍ତୁର ନିର୍ବାଚନ ଉଜ୍ଜ୍ୱଳମୟ ଭବିଷ୍ୟତର ଇଙ୍ଗିତ ଦିଏ ।

ପଙ୍କଜ ପଦ୍ମକୁ ଫୁଲ ଉପରେ ଅତି ସରାଗର ସହ ଲୋକ ଧରିବାକୁ ଚେଷ୍ଟା କେବେ ସ୍ୱପ୍ନରେ ସୁଦ୍ଧା କୁଣ୍ଠାବୋଧ କରନ୍ତି ନାହିଁ । କିନ୍ତୁ ପଙ୍କକୁ ନିଜ ଦେହରେ ବୋଳି ହେବାକୁ କାହାର ପସନ୍ଦ ହୁଏନାହିଁ । ଏହି ନିଷ୍ଠୁର ସତ୍ୟକୁ ଉଦୀୟମାନ୍ ଔପନ୍ୟାସିକ ଅତି କୌଶଳତାର ସହ ଅସ୍ୱୀକାର କରିବାକୁ ଉପନ୍ୟାସଟିରେ ଅକ୍ଳାନ୍ତ ପ୍ରଚେଷ୍ଟା କରିଛନ୍ତି । ଏହାହିଁ ଲେଖକଙ୍କର କୃତିତ୍ୱ । ତେବେ, ପଙ୍କର ଦୁର୍ଗନ୍ଧରେ ପାଠକଙ୍କ ନାକ ଫଟାଇବା ସଙ୍ଗେ ସଙ୍ଗେ ଏହାର ସୂକ୍ଷ୍ମତା ବିଶ୍ଳେଷଣ କରିବାରେ ସାମାନ୍ୟ ପ୍ରୟାସ କରି ପାରିଥିଲେ ଲେଖାଟି ବେଶ୍ ଉପଯୋଗୀ ହୋଇ ପାରନ୍ତା ବୋଲି ମୋର ମତ ।

ଭବିଷ୍ୟତରେ ନନ୍ଦ ବାବୁଙ୍କ ସାହିତ୍ୟିକ ଜୀବନ ସରସ, ସୁନ୍ଦର ଓ ସମ୍ଭ୍ରାନ୍ତ ହେଉ - ଏହାହିଁ ମୋର କାମନା ।

ଭୁବନେଶ୍ୱର } ଇତି
ତା ୧୨ । ୧୦ । ୭୮ } ଶ୍ରୀ ବଳରାମ ମିଶ୍ର

"ବାବୁ ! ହେଇଟି ଦେଖ…ବାବୁ ! ହେଇଟି ଦେଖ… ବାଘ ଛାତେ ରାଣୀ ଶୋଇଛନ୍ତି ଦେଖ…। ବାବୁ ! ବାହାରିଲା ବଂବେଇ ସହର…। ହେଇଟି ବାବୁ ! ବମ୍ବେଇ ସହର… ବଡ଼ ବଡ଼ କୋଠା, ବଡ ବଡ଼ ଘର…"।

× × ×

ଆରବ ସାଗର; ଗଭୀର, ଗଂଭୀର ଓ ଶାନ୍ତ ! ସ୍ଥିର ନୁହେଁ କିନ୍ତୁ। ବଙ୍ଗୋପସାଗର ପରି ଧୁ…ଧୁ… ଗର୍ଜନ ନାହିଁ ସତ - ତଥାପି, ବହୁ ଦୂରରୁ ଢେଉ ବଡ ଢେଉ ଭାସି ଆସି କୂଳରେ ମଥା କୋଟେ। ମଥା କୋଡି,ମଥାଏ ବାଲି ଓ ମାଟି ଧୋଇ ନିଏ। ତେବେ ବି ବେଳାଭୂମି ଖାଲି ହୁଏନା, ବାଲି ମାଟି ସବୁ ଯାଏନା। କୁଆଡ଼ୁ କେମିତି ହେଲେ ଜମିଯାଏ ଗଦା ଗଦା ବାଲି ଲୁଢ଼। ସାଗର ଘୁଂଚି ଯାଏ ଥୋଡ଼ାଏ ଦୂରକୁ ।

— ଝୋଟ ଭଳି ତେଜ ଗ୍ରସ୍ତ ହୁଏ । ବାଲି କୁଦକୁ ଚାହିଁ ପାରେନି ସେ ।

ସାଗରର ଢେଉ ବାଲିବନ୍ତ ଡେଇଁ ପାରେନି ବୋଲି ଯେ ସବୁଟି ବ୍ୟର୍ଥରେ ଯଥା କୋଟେତ ତା ବ ନୁହେଁ । ବ୍ୟର୍ଥତାକୁ ଆତ୍ମଗୋପନ କରି ମନେ ମନେ ଘୁମୁରୁ ଥାଏ । ସୁଯୋଗ ଜଗି ଥାଏ ସମୟ ପାଇଲେ ବେଳା ଭୂମିକୁ କ୍ଷତ ବିକ୍ଷତ କରିବାକୁ ।

ସବୁବେଳେ ନିରାଶା, ନିରାଶା ଭିତରେ ରହେନି । ସମୟ, ସୁଯୋଗ, ସୁବିଧା ଆସିଲେ ନିରାଶା ଭିତରେ ଆଶାର ହସିଲା ଗୁଲ୍ମ ଗୁଳ୍ମ ମୁହଁ ଦିଶେ । ସେତେବେଳେ ମନ ଉତ୍ତଳା ହୁଏ । ଆଖି ଝଲସି ଉଠେ । ଦେହ ରୋମାଂଚ ହୁଏ । ନିଶ୍ୱାସ ବଢ଼େ । —ହେଉ, ହେଉ ଯେ ସୁଯୋଗ ଆସିଲା । କେହି ଅଟକାଇ ପାରିବନି ନିରାଶା, ବାଧା ମାନିବନି । ବ୍ୟର୍ଥତାକୁ ଭୁଷି ଦେଇ ମାଡିଯିବ ଆଗକୁ ଯେଉଁ ଯାଏଁ ତାର ଦମ୍ ପାଇବ । ସେତେବେଳେ, ବ୍ୟର୍ଥତାର ସୁଅ କ୍ଷୀଣ, ପ୍ରବଳ । ଅଟକାଇ ହୁଏନି ।

ସେଇ ସୁଯୋଗର ଅନୁକୂଳରେ ଆଉବ ସାଗରର ଢେଉ ଧୀର ଶାନ୍ତ ହେଲେ ବି ସାଗରର ନିଗୁଣ ବେଳା ଭୂମିକୁ କ୍ଷତ ବିକ୍ଷତ କରି ଠାଏ ଠାଏ ଏକ ନିଶ୍ୱାସରେ ପଶି ଯାଇଛି ଭିତରକୁ, ସ୍ଥଳଭାଗ ଆଡକୁ । —ଯାହାକୁ କହନ୍ତି ଦନ୍ତୁରିତ । ସେଇ ଦନ୍ତୁରିତ ଅବକ ସାଗର ଉପକୂଳରେ ବମ୍ବେ; - ବାବୁ ! ହେଇଟି ଦେଖ ବମ୍ବେ ସହର-ବଡ଼ ବଡ଼ କୋଠା-ବଡ଼ ବଡ଼ ଘର···

ପିଲାଦିନେ, ଯେତେବେଳେ ବୟସ ଆଠ, ଦଶ ବର୍ଷ ମଫସଲ ଗାଁରେ ବାଇସ୍କୋପ ବାଲା ଛବି ଦେଖାଇବାକୁ ଉଚ୍ଚ କଣ୍ଠରେ, ଢଙ୍ଗରେ, ଟିଣ ବାକ୍ସ ବାଡେଇ-"ବାବୁ ! ହେଇଟି

ବାହାରିଲା, ବାହାରିଲା ବାବନା ଭୂତ । ବଡ ବଡ ହାତ, ଦଗଣ୍ଡା ନାକ ।”—ଏମିତି ଅଦ୍ଭୁତ ରକମର ଝଙ୍କାରରେ ଗାଁ ଦାଣ୍ଡରେ ଗହଳ ଜମିଯାଏ । କେହି ଅଟକାଇ ପାରେନି ସେ ବୟସର ପିଲାଙ୍କୁ । ସେ ଦେଖିବ ବାବନା ଭୂତ, ବାରହାତ ଶାଣୀ, ତାଡ଼କା ଅସୁରୀ, ରାମ ରାବଣ ଲଢ଼େଇ, ଆଉ ବମ୍ବେଇ ସହର ।

ଫଟୋ ଦେଖିଲା ବେଳେ ବାରହାତ ଶାଣୀ ଦେଖିବାକୁ ଖୁସି ଲାଗେ । ଆଉ ବାବନାଭୂତ ଭୟଙ୍କର ଦର୍ଶନ । ପିଲା ଡରେ । ଛାନିଆଁ ହୁଏ । କାନ୍ଦେ । କାନ୍ଦିଲେ, ପିଲାର ମା’ ନେଇଯାଏ ଛୁଆକୁ । —ଆଉ ସେ ଦେଖେନି । ମା’ କୋଳରେ ଜାବୁଡ଼ି ରହୁ ଭୟ ପାଇଲା ମୁହଁରେ ଟିକିଏ ଟିକିଏ କଣେଇ ଚାହେଁ । ମନଦେଇ ଶୁଣେ କହିଲା ବାଲାର ଢଂଗ । ତା’ ସହିତ ଟିଣ ବାକ୍ସରେ ଦୁମ୍ ଦୁମ୍ ହାତ ବାଡ଼ଆ ତାଳ । ଭୟ ପାଇଲା କଥା ଭୁଲିଯାଏ । ଖୁସିରେ ଟିକିଏ ହସେ । ପୁଣି ମନଦେଇ ଶୁଣେ, ସେ ଲୋକଟା କହୁଛି —“ବାବୁ ! ଦେଖନ୍ତି ବାହାରିଲା ତାଡ଼କା ଅସୁରୀ, ହାଣ୍ଡିଆ ଦାନ୍ତ, ହାତ ଦଣ୍ଠା କରୁଛି ।” ଛୁଆର ମନହୁଏ କେମିତି ଟିକିଏ ତାଡ଼କା ଅସୁରୀ ଦେଖନ୍ତା ? ଠିକ୍ ତାର ପରେ ପରେ ଭୟ ଆସେ “ନାଇଁଲୋ ବୋପା, କାଲେ ବାବନା ଭୂତ ପରି ହୋଇଥିବ ।”

ପଂଚାଏ ମନଦେଇ ଶୁଣୁଥାନ୍ତି କଥାର ଭଂଗୀ, ଟିଣ ବାଡ଼ଆ ତାଳ । ତାଙ୍କର ଭିତରୁ ଆଉ କେତୁଟା ଛୁଆ ତାଡ଼କା ଅସୁରୀର ଛାନିଆଁ ରୂପ ଦେଖି ଭୟ ପାଇଲେ ବି ମନ ଟାଣକରି ଦେଖନ୍ତି । ନାଇଁ ତ ଆଖିବୁଜି ଦିଅନ୍ତି । ନାଇଁ ତ ଝୁଣିକିଏ କାନ୍ଦି ଉଠେ । ସେଥିରୁ ଦେଖା ସରେ । ସେ ଯାଏ ମା’ କୋଳକୁ ପିଲାଘର ।

ଲୋକଟା ସେମିତି ପାଟିକରି କହେ, "ବାବୁ ! ହେଇଟି ବାହାରିଲା ବମ୍ବେଇ ସହର" ! ଆରେସତେତ, କେଡେ ସୁନ୍ଦର କୋଠା - ବଗିଚା-ଆଲୁଅଖମ୍ବ-ଦୋକାନ ବଜାର-ମୋଟର ଗାଡ଼ି- କେତେକଣ । ଆଃ, ଖୁବ୍ ସୁନ୍ଦର ବମ୍ବେ ସହର !

ପିଲା ଖୁସିରେ ଫାଟି ପଡ଼େ । ମା' ପାଖରେ ଅଳିକରେ, "ପୁଣି ଦେଖିବ ବମ୍ବେଇ - ସେ ଦୋକାନରୁ କିଣିବ ଖେଳନା- ଗୋଟାଏ ଫାଉଁଣ୍ଟେନ କଲମ ଗୋଟାଏ ସାଇକଲ ଗୋଟାଏ ରେଁ ଗାଡ଼ି—"

ପିଲା ଅଳିକରେ 'ଦେ, ଦେ' । ବମ୍ବେଇ ସହରରୁ ତାର ଘୋଡ଼ା ଏସବୁ ଜିନିଷ । ମା' ଥରେ ଶୁଣେ, ଦି'ଥର ଶୁଣେ । ଶେଷରେ ଚିଡ଼ିଉଠେ । ପିଲାକୁ ମାରେ । ଗାଳିଦିଏ । କହେ- ନିଆଁଠା କିଣିବୁ । ସେଗୁଡ଼ା ସବୁ ଚିତ୍ରର । ଦୋକାନ କାହିଁ ?

-ତଥାପି ପିଲା ବୁଝେନି । ବମ୍ବେଇ ସହରର ଚକ ଚକାଅ ଚିଜ ତାକୁ ପାଗଳ କରେ । ତାର ଘୋଡ଼ା ଖେଳନା, ରେଁ ଗାଡ଼ି, ଫାଉଁଣ୍ଟେନ କଲମ । ମା ଦକ୍ଦାର ହୋଇ ପଡ଼େ । ପିଲା ଉପରେ ରାଗେ । ବନକ୍ରେ ପିଲାକୁ କାଖରୁ କାଢ଼ି ଦିଏ । ରାଗରେ ଗାଳିଦିଏ ସେଇ ବାଇସ୍କୋପ "ବାଲାକୁ । -ବାଡ଼ିପଡ଼ା ନିଆଁ, ଧୂଆଁ ଆଣିଛୁ ଦେଖାଇ ବାକୁ । ପୋଡ଼ିଯାଉ ତୋ ବୋମ୍ବେଇ -ତୋ ବୋମ୍ବେଇ ମୁହଁରେ ନିଆଁ, ତୋ' ମୁହଁରେ ଧୂଆଁ—"

\+ \+ \+

"ଆରେ, ରକ୍ସା ବାଲା । ହେ ରକ୍ସା ବାଲା"—

ଅନା ଚମକି ପଡ଼ିଲା । ରିକ୍ସା ଗଦି ଉପରୁ ମୁଣ୍ଡ ଟେକି ଚାହିଁଲା । ଆଗରେ ବଙ୍ଗୋପସାଗର । ଦକ୍ଷିଣ ଉପକୂଳ କୂଳେ କୂଳେ ବଡ଼ ବଡ଼ କୋଠାଘର, ଦୋକାନ ବଜାର-ଜାତି ଜାତିକା ରଙ୍ଗ ବେରଙ୍ଗର ମଟର-ପ୍ରଶସ୍ତ ପିଚୁ ରାସ୍ତା ।

ଅନା ସମସ୍ତଙ୍କ ଉପରେ ଥରେ ଆଖି ବୁଲାଇ ଆଣିଲା । ଦେଖିଲା, ସମସ୍ତେ ଠିକ୍ ରହିଛନ୍ତି । କେହି ଜଳିଯାଇ ନାହାଁନ୍ତି । ସେ ପୁଣି ଥରେ ଚମକିଲା । ହୋସ୍ କୁ ଆସିଲା । ସାରା ଦିନର ହାଡ଼ଭଙ୍ଗା ଖାଟଣିରେ ତାକୁ ଟିକିଏ ନିଦ ହୋଇ ଯାଇଥିଲା । ସେଇ ପତଳା ନିଦ ଭିତରେ ସେ ଦେଖିଥିଲା ବାଇସ୍କୋପ ବାଲାର ସୁଆଙ୍ଗ । ମା' ଗାଳି ଦେଉଛି ବିରକ୍ତରେ, "ଜଳୁଛୁ-ପୋଡ଼ିଯାଉ ତୋ ବୋମ୍ବେଇ । ତୋ ବୋମ୍ବେଇ ମୁହଁରେ ନିଆଁ, ତୋ ମୁହଁରେ ଧୂଆଁ" ।—ଇସ୍ସ୍! ନିଜ ବୋମ୍ବେଇ ପୋଡ଼ିଯିବ ? ପୋଡ଼ିଗଲେ ହେବ କଣ ? ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ବହୁମୂଲ୍ୟ ଜୀବନ ନଷ୍ଟ ହେବନି ? ନଷ୍ଟ ହେବନି ଗୋଟିଏ ବିରାଟ ସଭ୍ୟତା ? ପ୍ରାଚ୍ୟ-ପାଶ୍ଚାତ୍ୟର ମିଳନ ସଂସ୍କୃତି । କେହି ଆଉ ରହିବେ ରାଜପଥରେ ଯିବାକୁ ? ସେ ଯଦି ନିଆଁ ମୁହଁରୁ ବଞ୍ଚିଯାଏ, ବଞ୍ଚି ପାରିବ ତାର ବେଉସା ? କିଏ କାହିଁକି ଆଉ ଲୋଡ଼ିବ ରିକ୍ସା ? ହଁ, ଶେଷରେ ସେ ନିରାଶ ହେବ । ଭୋକ, ଉପବାସରେ ଜୀବନ ଦେବ । ସେ ଶେଷରେ ଜଳିପୋଡ଼ି ପାଉଁଶ ହେବ । ନା, ନା, ବୋମ୍ବେ ରହୁ । ପୋଡ଼ି ନଯାଉ । ଅଧିକରୁ ଅଧିକରେ ଉନ୍ନତି ହେଉ । ଉନ୍ନତି ହେଲେ ତୋ ବେଉସା ବଢ଼ିବ । ସେ ରହିବ, ବଞ୍ଚିବ । ଧିକ୍ ସେ ମା ବୁଢ଼ୀଙ୍କୁ । କାହିଁକି ସେ ଏତେ ବଡ଼ ଅମଙ୍ଗଳ କଥା ଦେଖିଲା । ସତରେ ବୋମ୍ବେ, ତୁ ଭାରି ବଡ଼- କଳା ହେବନି ତୋର ରୂପ, ତୋର ଗୁଣ, ତୋର ବିଭବ ।

ବମ୍ବେ ! ତୁ କେତେ ଲୋକଙ୍କୁ ଆଶ୍ରୟ ଦେଉଛୁ ତୋ କୋଳରେ । ବଡ଼-ସାନ, ପୂର୍ବ-ପଶ୍ଚିମ ସମସ୍ତେ ତୋ କୋଳରେ ଖେଳା କରୁଛନ୍ତି । ଭରସା ପାଇଁ ପଇସ ମେଲୁଛନ୍ତି । ସମସ୍ତଙ୍କୁ କଣ ନିରାଶ କରିବୁ ପୋଡି ଜାଳିଯାଇ ? ତୋର କଣ ମନେ ନାହିଁ ସେଦିନର କଥା ଟିକିଏ ମନେ ପକାଉଛୁ—ତାର ଏଠାକୁ ପ୍ରଥମ ହୋଇ ଆସିବା ଦିନର କାହାଣୀ । କଣ ଥିଲା ତାର ? ନିଃସ୍ୱ ନିସ୍ସହାୟ ଘରେ ଦୂର ଓଡ଼ିଶା ମୂଲକରୁ ଧାଇଁ ଆସିଥିଲା ତୋ କୋଳକୁ । ଯେଉଁଦିନ ପ୍ରଥମ ପଦ ତୋ ଉପରେ ପକାଇଲା ଆକାଶରେ ଥିଲା ଅଗଣନ ବାଦଲ -ଟିପ୍ ଟିପ୍ ବର୍ଷା -ଟ୍ରାମ ମଟରର ଗୁମ୍ ଗୁମ୍ ଶବଦ - କେତେଜଣ ଯାତାୟାତ କରୁଥିଲେ ତୋ ବକ୍ଷରେ ? ଗୃହଅଭେଡ଼ ଥିଲା ଫାଙ୍କା । ଭିକ୍ଟୋରିଆ-ଟର୍ମିନାଲ ମୁସାଫିର୍‌ଖାନା ଥିଲା ନୀରବ । ସମସ୍ତ ଲେସଟେଭେଲେ ଗୃହ ଗୋଟାଏ । ଭୋକରେ ପେଟ ଜଳୁଥିଲା । ପାଖରେ ନଥିଲା ପଇସା । 'କଣ କରିବ' ବୋଲିମନ ବିଚଳିତ ହୋଇ ପଡୁଥିଲା । ଗୋଟିଏ ଝୁଂକରେ ସିନା ଗୁଳି ଆସିଲା । ଏବେ ଉପାୟ ହୀନ । ବଞ୍ଚିବ କପରି ? ଖାଲି ବଞ୍ଚିବା ଲାଗି ଶହ ଶହ ମାଇଲ ଦୂର ସହରକୁ ପଳାଇ ଆସିଛୁ । ଏଠି ମରିବ -କେହି ଜାଣିବନି ସେ କୁଆଡେ ଗଲା, କଣ ହେଲା ? ଖାଲି ବମ୍ବେ କର୍ପୋରେସନର ମଡ଼ା ବୁହା ଯାନ, ମୁର୍ଦାର ବୁହା ସିପାହୀ ଦଳ ତାର ମାଟି ପିଣ୍ଡଟାକୁ ନେଇ କେଉଁଠି ଫିଙ୍ଗି ଦେବେ । ବିଲୁଆ, କୁକୁର ଝୁଲା ଝୁଲା ମାଂସ ଛିଙ୍କି ଖାଇବେ । ନା, ନା- ସେ ଏତେ ଅସହାୟ ଅବସ୍ଥାରେ ମରିବନି । ସେ ମରିବାକୁ ଆସିନି । ଆସିଛୁ ସାରା ଜୀବନକୁ ଦୁନିଆ ଭିତରେ ପରୀକ୍ଷା କରି ଦୁନିଆଁକୁ ଚିହ୍ନିବାକୁ -ଅନୁଭବ କରିବାକୁ -ଜାଣିବାକୁ, ଦୁନିଆଁ କଣ ?

ସେ ଏତେ ଶୀଘ୍ର ମରିବାକୁ ପ୍ରସ୍ତୁତ ନୁହେଁ। ସେ ଚାହେଁ ଜୀବନ; ପ୍ରତିଷ୍ଠା -ଅନୁଭୂତି ।

ଅନା ହାତର ପାପୁଲିରେ ଆଖି ମକଚିଲା । ଦୀର୍ଘ ନିଶ୍ୱାସ ମାରି ଚାହିଁଲା ଜଣେ ବାବୁ କହୁଛନ୍ତି —"ରିକ୍ସାବାଲା ! ହେ ରିକ୍ସାବାଲା, ରିକ୍ସା ନେବୁ ?"

ଅନା, ବାବୁଙ୍କର ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଥରେ ଚାହିଁ ଆସିଲା । ବାବୁ ପିନ୍ଧିଛନ୍ତି ସୁଟ୍ -ପାଦରେ ଦାମିକିଆ ଯୋତା ଆଖିରେ ସୁନା ଫ୍ରେମର ଚଷମା -ହାତରେ ଘଣ୍ଟା -ମୁଣ୍ଡରେ ଟୋପି ହାତରେ ସୁନା ରଙ୍ଗର ବାଡ଼ି । ଆଧୁନିକ ପୋଷାକ ପରିଚ୍ଛଦରେ କୌଣସିଟିର ଅଭାବ ନାହିଁ । ତାପରେ ବାବୁ ଏକା ନୁହଁନ୍ତି । ପାଖକୁ ଲାଗି ଜଣେ ଯୁବତୀ ଝିଅ । ଝିଅଟି ଆଧୁନିକା । ଭେଲଭେଟର ସବୁଜ ଶାଢ଼ୀ-ଗୋଲାପି ବ୍ଲାଉଜ-ଗୋଲ୍ଡ ରିଷ୍ଟୱାଚ-ଭେନିଟି ବ୍ୟାଗ ହାଇହିଲ ସୁ- ଶ୍ୟାମଳାଂଗୀର ଶ୍ୟାମଳ ବର୍ଣ୍ଣକୁ ଲୁଚାଇ ଦେଉଛି ସ୍ନୋ ପାଉଡ଼ର ।

ଅନା ଦୁହିଁଙ୍କୁ ଚାହିଁଲା । ବାବୁ ଖୁବ୍ ଚଞ୍ଚଳ ହେଉଛନ୍ତି କେଉଁଆଡ଼େ ଯିବାକୁ ।

ଅନାର ଏଠି ରିକ୍ସା ଚଳାଇବାର ହାତ ଗଣତିରେ ସାତ, ଆଠ ବର୍ଷ ହେଲାଣି । ଦୀର୍ଘ ଏତେଗୁଡ଼ାଏ ବର୍ଷର ଅଭିଜ୍ଞତା କିଛି କମ୍ ନୁହେଁ । ସେ ଜାଣେ ବାବୁମାନେ ବୁଲିବାକୁ କେଉଁ କେଉଁ ଜାଗାକୁ ଯାଆନ୍ତି । ଏପରିକି କେତେକଙ୍କୁ ସେ ଚିହ୍ନି ଗଲାଣି । ସେମାନେ ଅନାକୁ ଡାକିଲା ମାତ୍ରେ ସେ ରିକ୍ସା ଟାଣି ପାଖକୁ ନେଇ ଯାଏ । ଭଡ଼ା କେତେ, କେଉଁଠାକୁ ଯିବେ

ଘୁରିବା ଦରକାର ପଡେନା । ଠିକ୍ ଯାଗାରେ ପହଞ୍ଚାଇ ଦେଇ ଫେରେ ତାର ଯାତ୍ରୀ ଭଡା ପାଇ ।

## ଏ ବାବୁ ଯିବେ—

ଅନା ମନେ ମନେ ଭାବିଲା, ହୁଏତ ମେରିନ୍ ଡ୍ରାଇଭ୍ ଏଲିଫେଣ୍ଟା- କୁଇନ୍ସପାର୍କ- ନାସନାଲ୍ ପାର୍କ- ଜୁ * ନାଇଁ ତ ଏମିତି କେଉଁଠାକୁ ଯିବେ, ସେ ଲକ୍ଷ୍ୟକଲା, ଯୁବତୀ ଜଣଙ୍କର ଭାବନାରୁ ଜଣାପଡୁଛି, ସେ ଏଠି ନୂଆ ହୋଇଥିବେ । ଏଇତ ସେ ଖୁବ୍ ଶଙ୍କିତ ଜଣା ପଡୁଛନ୍ତି ! ଚାଲିଲାବେଳେ ଥାଂକ ଥାଂକ ରହି ଯାଉଛନ୍ତି । ହୁଏତ ଏହା ପୂର୍ବରୁ ସେ ବୋମ୍ବେରେ ନଥିଲେ । ଏବେ ନୂଆ ହୋଇ ଆସିଛନ୍ତି । ନହେଲା ଏ ଯୁବକ ବନ୍ଧୁ ତାଙ୍କର ନୂଆ ହୋଇ ପରିଚିତ ହୋଇ ପାରିଥା'ନ୍ତି । କାରଣ ଦୁହିଁଙ୍କ ଭିତରେ ଟିକିଏ ବେଶୀ ଫାଙ୍କ ରହୁଛି । ଏତ ବୋମ୍ବେର ବିଶେଷତ୍ୱ ନୁହେଁ । ଏଠି ସ୍ତ୍ରୀ-ପୁରୁଷ ସବୁବେଳେ ପାଖକୁ ପାଖ, ଏପରିକି

---

*'ଜୁ'- ସାନ୍ତାକ୍ରୁଜ ବିମାନ ଘାଟି ପାଖରୁ ଆରବ ସାଗର କୂଳରେ ଏକ ସ୍ଥାନର ନାମ । ସନ୍ଧ୍ୟା ସମୟରେ ସାଗରର ମୁକ୍ତ ପବନରେ ଦେହ ଧୋଇଦେବା ପାଇଁ ଅନେକ ଲୋକ ସମବେତ ହୁଅନ୍ତି । ଏମାନଙ୍କ ଭିତରେ ବେଶୀ ଦେଖାଯାଆନ୍ତି ଯୁବକ-ଯୁବତୀ, ପ୍ରେମିକ- ପ୍ରେମିକା । ରବିବାର ଦିନ ଏ ସ୍ଥାନ ସବୁଠାରୁ ଜନ ଗହଳି ହୁଏ ଏବଂ ବିଭିନ୍ନ ଦେଶର ଲୋକ ଓ ଭାଷାର ସମ୍ପର୍କରେ ଆସିବାକୁ ପଡେ ।

ଦେଖିବାକୁ ଉତ୍ସୁକ ଲୋକ ଲାଗି ହୋଇ ରହିଲେ । କାରଣ ହାତରେ ଆଜି ଜଣଙ୍କର ହାତ ସବୁବେଳେ ବନ୍ଧାଥାଏ । ସେ ହୁଏତ ବୁଢ଼ା-ବୁଢ଼ୀ, ତରୁଣ-ତରୁଣୀ, ବାଳକ-ବାଳିକା ହୁଅନ୍ତୁ । କିଛିମାତ୍ର ବ୍ୟତିକ୍ରମ ହେବନି । ଜଣେ ନିଶ୍ଚୟ ଆଜି ଜଣଙ୍କର ହାତ ଟାଣି ଧରିଥିବ ।

ଅନାଗ୍ରହୀଁ ସେ, ବାବୁ ଜଣଙ୍କ ଦୂରରେ ଠିଆ ହୋଇଛନ୍ତି । ଯୁବତୀ ଜଣକ ସମ୍ପୂର୍ଣ୍ଣ ହାତ ଧରିଲେ । ଯୁବତୀ କେବେ ନୂଆ ହୋଇ ଆସିଛନ୍ତି । କିନ୍ତୁ ଏ ବାବୁ ଜଣଙ୍କ ଏଠାରେ ବହୁ ପୁରୁଣା । ସେ ତାଙ୍କୁ ଏଠାକୁ ଆସିବା ଦିନୁ ଅନେକ ବାର ଦେଖିଛନ୍ତି ।

ଯେଉଁ ଦିନ ସେ ନୂଆ ହୋଇ ଆସିଥିଲା ତା ପାଖରେ ପଇସା ପାହୁଲାଟିଏ ବି ନଥିଲା । ସେ ନିଜକୁ ହତଭାଗ ମନେ କରୁଥିଲା । ଏଇ ବାବୁଙ୍କ ପାଖରେ ପେଟ ଦେଖାଇ ଅଳି କରିଥିଲା । ମିଳିବା ନ ମିଳିବା କଥା ଗୌଣ । ସେତ ବିଧାତାର ବିଚାର । ସେଦିନ ଠିକ୍ ଏଇ ବାବୁଙ୍କର ଏମିତି ପୋଷାକ ଥିଲା । କେବଳ ରଙ୍ଗର ପ୍ରଭେଦ ଯାହା । ଏ ବାବୁଙ୍କର ଠିକ୍ ଏମିତି କଥା । ଖାଲି ଏ ଯୁବତୀ ଜଣଙ୍କ ତାଙ୍କ ପାଖରେ ନଥିଲେ । ଥିଲେ, ଆଉଜଣେ । ଯେ ବାବୁଙ୍କର ହାତ ଧରି ଟାଣି ନେଲେ ଅନ୍ୟ ଦିଗରେ । ସେଦିନ ସେ ଅସ୍ପୃଶ୍ୟ ଭାବରେ ଗୃହୀଥିଲା । – ଅରେ ବାପାରେ ! ମାଇକିନିଆଟା ନ୍ୟୁଆନ ମରଦଟାର ହାତ ଟାଣି ଟାଣି ଭିଡ଼ିନେଲା- ଲୋକ ଗହଳି ଭିତରେ ଠେଲି ପେଲି ଆଗେଇ ଗଲା । ଅସ୍ପୃଶ୍ୟ - ଅଦ୍ଭୁତ ! ! ଆଜି ସେ - ସେଦିନ ଅସ୍ପୃଶ୍ୟ ହୋଇଥିଲା । ଏବେ

ଅସ୍ପୃଶ୍ୟ ହୁଏନି । ଭଲରୁ ଯେ ଘରକୁ ନେଉଛନ୍ତି ଏଠି ମାଇପିଙ୍କ ବିନା କୌଣସି କାମ-କାର୍ଯ୍ୟ ହୋଇ ପାରେନା ।

\+ \+ \+

ଅନା ବାବୁଙ୍କ ଡାକରେ ଯବାବ ଦେଲା । କହିଲା-ହଁ ବାବୁ ଯିବ । ଏଇତ ମୋର ବେଉସା । ବେଉସା ନକଲେ ପେଟ ପୋଷିବ କେମିତ ? ବାବୁ କେଉଁଠାକୁ ଯିବେ ?

—ବାବୁ ଜଣଙ୍କ ଯୁବତୀଙ୍କ ଆଡକୁ ଚାହିଁଲେ । 'କେଉଁଠାକୁ ଯିବେ'— ଚାହିଁବାରେ ଥିଲା ପ୍ରଶ୍ନ । ଯିବାକଥା ଯୁବତୀଙ୍କ ଇଚ୍ଛା ଉପରେ ନିର୍ଭର କରୁଛି ।

ଅନା ତଳକୁ ମୁହଁପୋତି ଆଗ ଚକରୁ ଧୂଳି ପୋଛୁଥିଲା । ଭିତରେ ଯାବତେ ଲଜ୍ଜା ହେଲା, ବାବୁ ଚାହିଁଛନ୍ତି ଯୁବତୀଙ୍କୁ ଯୁବତୀ ଚାହିଁଛନ୍ତି ତଳ ଜଳ ହୋଇ । ଅନାକୁ ହସ ଲାଗିଲା । ମନେ ମନେ ହସିଲା । ଏ ଘଟଣା ଆଜି ନୂଆ ନୁହେଁ । ଅନେକ ଥର ଦେଖିଛି । ଦେଖି ଆଖି ବୁଜି ଦେଇଛି । ଘଟଣା ବହୁଳ ଜୀବନ । ଜଣେ ରିକ୍ସା ବାଲା ପକ୍ଷରେ ଏହାର ଗୁରୁତ୍ୱ କେତେ କି କମ ବିବେଚନା କରିବା ସେ ଦରକାର ମନେ କରେନା । ବରଂ ଆଖି ବୁଜି ଦୀର୍ଘ ନିଶ୍ୱାସ ମାରୁଛି ମନେ ପକାଉଛି ନିଜର କଥା । ସେ ବି ଦିନେ ଚାହିଁଥିଲା ଜଣକୁ ।-ସେ ହେଉଛି ନିଜକଥା ।

-ନିଜକଥା ।

ଅତୀତ ଦଶ, ବାର ବର୍ଷ ତଳେ ତାର ବୟସ ଥିଲା ଅଠର । ଘର, ଓଡ଼ିଶାର ଉପକୂଳ ଅଂଚଳର ହରିଣପୁର

ପାଟଣାରେ । ଯେଉଁଠାକୁ ଯେଣୁ ପିନାବାବୁ ଗଲେ ମରହଟି ଲୋକେ ନାକ ଟେକନ୍ତି -ଟୋକା ଝାଙ୍କେଣିଆ ଠଗଠର ଛୁଅନ୍ତି । ଶଂକ ଝଂକ, ଠେଲା ପେଲା ହୋଇ ପାଖକୁ ଆସନ୍ତି । ବହୁ ବହୁ ପଚାରନ୍ତି—ବାବୁ ! ଆପଣ ! ଆପଣଙ୍କ ଘ··· ଘର···

ଘର ତାର ସେଇ ମଫସଲ ଗାଁରେ । ସେ ଜଣଟି ମଫସଲୀ ଗଣ୍ଡ । ସହରର ବଜାରର ଲୋକଙ୍କ ଗାଁ ଗହଳର ଲୋକଙ୍କୁ ଏଇ ନାମରେ ଚିହ୍ନନ୍ତି । କିନ୍ତୁ ତାକୁ କେହି ମଫସଲୀ, ଓଲୁ ବୋଲି ଠଉରେଇ ପାରିଲେନି । ସେ ତାର ଭାଗ୍ୟଫଳ ଘଟଣା ଚକ୍ରରେ ଘୂରି ଘୂରି, ଧୀରେ ଧୀରେ ସହର ବଜାରର ଆଦବ କାଇଦା ହାସଲ କରି ନେଇଛି ।

ଅନାକୁ ହସ ଲାଗିଲା । ନିଜ କଥାରେ ନିଜେ ହସିଲା । ସେ ରିକ୍ସା ଟାଣେ- ପେଟପାଇଁ ଅକ୍ଳାନ୍ତ ପରିଶ୍ରମ କରେ- କେତେ କାହାଠୁ ଭର୍ତ୍ସନା ଶୁଣେ - ତଥାପି ଦିନ ସରେନି । ସବୁ ସହେ । ସହୁଛି । କେବଳ ପେଟ ପାଇଁ- ଜୀବନ ପାଇଁ-ପରୀକ୍ଷା - ଅନୁଭୂତି ଅଭିଜ୍ଞତା ପାଇଁ -ଦୁନିଆଁକୁ ଚିହ୍ନିବା ପାଇଁ । ତେବେ ତାର ଗୋଟାଏ ଆଦବ କାଇଦା କଣ ?

—ହଁ, ହଁ । ତା'ର ଆଦବ କାଇଦା ରହିଛି । ସେ ରିକ୍ସା ଟାଣୁଛି, ପୁଣି ବମ୍ବେ ସହରରେ - ବାବୁ ହୋଇଛି ଦେଖ ବମ୍ବେ ନଗର, ବଡ଼ ବଡ଼ କୋଠା, ବଡ଼ ବଡ଼ ରାସ୍ତା··· ସବୁ ଏଠି ବଡ଼ ବଡ଼ । -ପିଲା ଦିନର ବାଇସ୍କୋପ ଦେଖା ବମ୍ବେଇ ସହର । ସେଇ ବମ୍ବେ ସହରରେ ସେ ରିକ୍ସା ଟାଣୁଛି । ତା'ର ଲୋଡ଼ା ବଡ଼ ଧରଣର ଅଦବ କାଇଦା । ନହେଲେ ତା ଉପରେ

କେହି ଦୃଷ୍ଟି ପକାଇବେ ନ । –ଠେକାହୁ ଆସିବେନ । ତା ଭିକ୍ଷାକୁ ବେଉସା ଭାବି ବୁଝିବେ । ସେ ଲୋକ ଉପାସରେ ମରିବ । କଳି ପାଉଁଶ ହେବ । ନା···ନା··· ସେ ମରିବନି – ଚୋଉ ଯିବନି କେହି ମରି ବେନି, ପୋଡ଼ି ପାଉଁଶ ହେବେନି ସମସ୍ତେ ରହିବେ । ସମସ୍ତଙ୍କର ଉନ୍ନତି ହେବ । ତା ବେଉସା ବଢ଼ିବ । ସେଥିପାଇଁ ସେ ଗ୍ରହଣ କରିଛି ପାଞ୍ଚ ଧରଣର ଅଦବ କାଇଦା । ସେ ଭିକ୍ସା ବାଲା ହେଲେବି ।

ପାଞ୍ଚ ଧରଣର ଅଦବ କାଇଦାରେ ସେ ମୁଣ୍ଡ କୁଣ୍ଡେଇଛି । ସେଥିପାଇଁ ସାଲୁନ ବାଲା ନେଇଛି ଦି' ଟଙ୍କା । ହଁ, ନଇ ମାସର ଫେରନ୍ତି । ନାଲି ଚଲକୁ ଧାରୁଆ ଖୁରୁଆଇ ନଣ । ଶସ୍ତା କନାର ଫୁଲ ପ୍ୟାଣ୍ଟ – ହାଓ୍ୱାଇ ସାର୍ଟ । ସେସବୁ ବେଶୀ ମଇଳା ହେବା ପର୍ଯ୍ୟନ୍ତ ଧୁଏନି । ହାତରେ ଶସ୍ତା ଦାମର ଘଣ୍ଟା । ସେ ଚାଲୁଛି କି ବନ୍ଦ ରହିଛି, କି ତା' ଭିତରେ ଚଂକ୍ ନଥାଇ ଖାଲି ଗୋଟାଏ ଖୋଳ ବନ୍ଧା ଯାଇଛି – ସେ ବିଷୟରେ ଅନୁସନ୍ଧାନ କରିବା ଦରକାର ନାହିଁ । ପକେଟରେ ଭାଙ୍ଗି ପକାଇ ରଖା ଯାଇଛି ଖଣ୍ଡେ ରୁମାଲ କନା । ପାଦରେ ମୋଟା ତଳିଆ ସାଣ୍ଡଲ ; କିନ୍ତୁ, ସାଣ୍ଡଲର ଟେକ୍ ମୂଲ୍ୟଠାରୁ ବେଶୀ । –ଏ ଗଲା ପୋଷାକ ପରିଚ୍ଛଦର ଅଦବ କାଇଦା । ଆଉ ବାଦ ଗୋଟାଏ ହାତରେ ରିକ୍ସା ଚଳାଇବା ନିଜ ଗାଡ଼ିକୁ ନାନା ପ୍ରକାର ରଙ୍ଗିନ ଫୁଲରେ ସଜାଇବା ଚାଲିଗଲା ବେଳେ 'ମେରା ଲାଲ ଦୁପଟ୍ଟା' ତୁମି, ହଁ, ବମ୍ବେଇକା ବାବୁ' ଇତ୍ୟାଦି ଶସ୍ତା ସିନେମା ସଙ୍ଗୀତରୁ ପଦେ ଅଧେ ଗାଇବା ବାବୁମାନଙ୍କୁ ଭଦ୍ରତା ଖାତିରରେ ସଲାମ ବଜାଇବା – ଦରକାର ବେଳେ ପଦେ ଅଧେ ଇଂରାଜୀ କହିବା, ହେଉଛି ଅଦବ-

କାଇଦାର ବିଶେଷ ଗୁଣ । ସେ ଏତିକି ଗ୍ରହଣ କରି ନେଇଛି । ସେ ରିକ୍ସା ଟାଣୁ ଥିଲେବି ତାର ଲୋକ ଆଦବ କାଇଦା । ତାକୁ ମୁହିଁ 'ତା'ର ଆଦବ କାଇଦା ଯଥେଷ୍ଟ ହୋଇଛି । ଅନ୍ୟ ରିକ୍ସା ବାଲାଙ୍କ ଅପେକ୍ଷା ସେ ଟାଏ ବେଶୀ ଦାମୀ । ଅନ୍ୟ ଆଖିରେ ଅନ୍ୟ ତୁଳନାରେ ଜଣେ ରିକ୍ସା ବାଲାର ଆଦବ କାଇଦା ତୁଚ୍ଛ, ମାତ୍ର, ଘୃଣ୍ୟ ହୋଇ ପାରିଲେବି ନିଜ ଆଖିରେ ତାର ମୂଲ୍ୟ ବେଶୀ । ସେତ ଆଜି ଏଇ ବାବୁଙ୍କ ପରି କାଂଚ ଗ୍ଲାଂସରେ ମୁଣ୍ଡ ଟେକି ପାରିବନି ! ଯଦି ସେ ପାରନ୍ତା ରିକ୍ସା ଟାଣନ୍ତା କାହିଁକି ? କାହିଁକି ଦିନସାରା ଗଧଭଳି ଖଟି ଦେହର ବଳ ତୁଟନ୍ତା ?

— କାହିଁକି ··· କାହିଁକି ··· ?

ଅନାର ମନ କୁହୁଡ଼ିଆ ଧରି ଆସିଲା । ମୁହଁ ଛେତା ପଡ଼ିଗଲା । ଆଖିରେ ଯକେଇ ଆସିଲା ଲୁହ । ଲୁହ ବୋଲି କହୁଛେ ଭୁଲ ହେବ । କହିବାକୁ ହେବ, ଅତୀତର ଅଭୁଲା କଥାକୁ ଲିଭାଇ ଦେବାକୁ ସେ ହେଉଛି ଟିକିଏ ବଳ ।

ଅତୀତର କଥା ଅଭୁଲା । ସେଇ ଅଭୁଲା କଥାକୁ ଭୁଲିଯିବା ପାଇଁ ସେ ଟାଣୁଛି ରିକ୍ସା । - ଯେଉଁଠି କେହି ତାର ପରିଚୟ ପାଏନି - ଭାଇ ଭଉଣୀ ସମ୍ପର୍କର ପ୍ରଶ୍ନ ନାହିଁ - କେହି ଜାଣିବାକୁ ଇଚ୍ଛା କରେନି - ଏ ଅନା କିଏ ? ଖାଲି ପେଟ ଲାଗି ବଞ୍ଚି, ରହିବା ଲାଗି ସେ ଖଟୁଛି ଅବିଶ୍ରାନ୍ତ ଭାବେ । ଦିନ ରାତି ନିଜକୁ ବୁଡ଼ାଇ ରଖୁଛି କାମରେ, ଅତୀତର ବର୍ବର କଥାକୁ ଭୁଲି ଯିବାକୁ । କିନ୍ତୁ ସେ ପାରୁନି । ଏମିତି ବେଳେ ବେଳେ ଅନ୍ୟ ଯୁବକ-ଯୁବତୀଙ୍କୁ ଦେଖି ଆଖିରୁ ବହି ଆସୁଛି ଲୁହ । ସେ ଲୁହର ମୂଲ୍ୟ ଆଜି କିଏ

ଜାଣିବ ନାହିଁ ଏଠି । ଜାଣିବ ନିଜେ – ଜାଣିବ ଉପରେ ଆକାଶ ମୁକ୍ତ ପବନ । – ଢେଉଁମାନେ ତାକୁ ଦେଖି ଆସିଛନ୍ତି ପିଲାଟି ଦିନରୁ ।

ଆଖିରୁ ଲୁହ ବହି ଆସିଲା । ରୁମାଲ କାନିରେ ଆଖି ପୋଛିଲା । ଦେଖୁ ପାରୁନାହିଁ – "କାହିଁକି ?" କାହିଁକି ସେ ଜୀବନ ମୂର୍ଚ୍ଛା ଖାଉଛି ? ଗୋଟାଏ ପେଟ ଲାଗି ଦୁଇଘଣ୍ଟା ପରିଶ୍ରମ ଯଥେଷ୍ଟ । ତେବେ ସେ ଦିନସାରା ଖଟେ କାହିଁକି ?

–ଆଖି ପୋଛି ଦୀର୍ଘ ନିଶ୍ୱାସ ମାରିଲା ନିଜ ଉପରେ ଥରେ ଆଖି ପାଇଲା ଯାଏ ଦୃଷ୍ଟି ପକାଇଲା । ଆଗର ଆଉ ସେ ଦୀର୍ଘ ବପୁ, ଲୁହାପରି ଶକ୍ତ ବାହୁ ଦୁଇଟା ନାହିଁ । ସବୁ କ୍ଷୀଣ ଦୁର୍ବଳ ହୋଇ ଆସିଲାଣି । ହୁଏତ ଆଉ କେତେଦିନ ପରେ ଅଚଳନ୍ତ ହୋଇ ପଡିବ । ତା ପରେ କଣ ହେବ···?

'କଣ' ହେବ —ଦେଖିବାକୁ ଦୃଷ୍ଟି ଲମ୍ବାଇଲା ଦୂରକୁ । ଆଖି ପାଇଲାନି । 'କଣ ହେବ' – ଲମ୍ବି ଲମ୍ବି କାହିଁ କେଉଁଠି ମିଶି ଯାଇଛି । ଯେଉଁଠି ମିଶିଛି ସେ ହେଉଛି ଭବିଷ୍ୟ । ଭବିଷ୍ୟତରେ କଣ ହେବ ଜାଣି ପାରିବନି କେହି । କେହି ଜାଣି ପାରେନି ।

ଭବିଷ୍ୟତ 'କଣ ହେବ' ଜାଣିବାକୁ ଚେଷ୍ଟା କଲାନି ସେ । ତା'ର ଲୋଡ଼ା – 'ବର୍ତ୍ତମାନ', – ଯାହା ଉପରେ ସେ ଗତି କରୁଛି । ସେଇଥିରେ ନିଜକୁ ପକାଇ ବାଢ଼େଇ ପିଟି, ଭାଙ୍ଗିରୁଜି ନୂଆ ଢ଼ଂଗରେ ଗଢ଼ିହୋଇ ଦାଣ୍ଡରେ ଚାଲିବ । ନିଜକୁ ଭଲ ଭଳି କରି ପରୀକ୍ଷା କରିବ । ନିଜର ଆଶା ଓ ଅଭିଜ୍ଞତାକୁ ବିଶ୍ଳେଷଣ

କହି ଦେଖାଇ ଦେବ – ଦୁନିଆ କ'ଣ ? ପ୍ରମାଣ କରିବାକୁ ଚେଷ୍ଟା କରିବ ତା ବିଶ୍ଳେଷଣର ସତ୍ୟତା । ଏହାହିଁ ଅନାର ଅଟଳ ପଣ । ଅନ୍ୟ ଆଖିରେ, ସେସବୁ ଭୁଲ ହୋଇ ପାରେ । ହେଲେ, ତା ପାଖରେ ସେଇଟା ବଡ଼ । ଅନ୍ୟର ସମାଲୋଚନା ଉପହାସ ବା ଉପଦେଶରେ ତାର ପ୍ରୟୋଜନ ନାହିଁ । ସେ ନିଜ ଦୁଃଖ-ସୁଖରେ ପାଣିରେ କାଳ କାଳ ଛନ୍ଦରେ ଗଢ଼ି ଚାଲିବ । ଏ ତାର ଅଭିଜ୍ଞତା । ଆଜି କିଏ ସ୍ୱୀକାର କରୁ, ନ କରୁ, ସେ କାଲି ସ୍ୱୀକାର କରିବ, ଚିନ୍ତିଲେ ଶ୍ରୀଚନ୍ଦ୍ର' କଥାଟା ଠିକ୍ ।

ସେ ଠିକନ୍ତି । ଅଂଶଗ ଲାଗିଛନ୍ତି ! ଅନ୍ୟର କଥା ଶୁଣି ଅନ୍ୟର ମତାମତ ନେଇ – ଅନ୍ୟର ଭଲ ମନ୍ଦ ଦୃଷ୍ଟି କୋଣକୁ ନିଜର କରି ଦୁନିଆଁ ଗୁଳରେ ଚାଲିବା ଅସମ୍ଭବ । କେତେ ଜଣ ଅଛନ୍ତି ଅନ୍ୟର ଭଲମନ୍ଦ, ହାନି - ଲାଭରେ 'ଆହା' କରିବାକୁ । ଅବଶ୍ୟ ସୁଖବେଳେ, ସମ୍ପଦ ବେଳେ 'ଆହା' କହିବାକୁ ବହୁତ ଲୋକ ମିଳିବେ । ହେଲେ, ଦୁଃଖ ଅଭାବ, ଅନାଟନ ବେଳେ କେହି ହେଲେ ପାଖକୁ ଆସିବେ ନାହିଁ । ଯେଉଁମାନେ ବା ପାଖରେ ଥିବେ ଆସ୍ତେ ଆସ୍ତେ ମୁହଁ ଛପା ଦେବେ । ଦାଉ ସାଧିବାକୁ ଆହୁରି ଟିକଏ ଦୁଃଖ ଭିତରକୁ ପେଲି ଦେବେ – ଠିକ୍ ଯେମିତି ଅନ୍ଧ, ଛୋଟା, ପାଗଳଙ୍କ ପ୍ରତି ପିଲାଙ୍କ ବ୍ୟବହାର ହୁଏ ।

— ଅନ୍ଧ - ଛୋଟା - ପାଗଳଙ୍କ ପ୍ରତି ପିଲାଙ୍କ ବ୍ୟବହାର ?
— ପିଲାଏ ଏଇମାନଙ୍କୁ ଦେଖି ତାଙ୍କର ସହିତ ତାମସା କରନ୍ତି । ଅନ୍ଧକୁ, ଅବାଟ ବାଟ ବୋଲି ବତାଇ ଦିଅନ୍ତି । ଅନ୍ଧ ଯାଇ ଯାଇ ଝୁଂଟି ପଡ଼ିଲେ ପିଲାଏ ହୋ... ହୋ... ହସି ଉଠନ୍ତି । ଅନ୍ଧ

ବହୁତ ନକାମିଆଁ କଟୁତା ଖାଇ ମନେ ମନେ କାନ୍ଦେ – ପିଲା-ଛୁଆଙ୍କୁ ଗାଳିଦିଏ । ହେଲେ, ସେ କାନ୍ଦ, ସେ ଗାଳିର କଣାକର ମୂଲ୍ୟ ନାହିଁ । ଯାହାର ପ୍ରତିରୋଧ କରିବାର ଶକ୍ତି – ପ୍ରତିଶୋଧ ନେବାର ଉପାୟ ନଥାଏ, ତାର କାନ୍ଦଣା, ଗାଳି ଦେବାର ମୂଲ୍ୟ କିଛି ନଥାଏ ? ବରଂ ଲୁହ ଢାଳି, ଅନ୍ୟକୁ ଗାଳିଦେଇ ନିଜର ଆନ୍ତରିକ ଶକ୍ତି କ୍ଷୟ କରିବା ସାର । ସେ ଅସହାୟ, ଅସହାୟ ପକ୍ଷରେ ଅନ୍ୟକୁ ଦୋଷ ପଗୁରିବା, ଅନ୍ୟର ମତାମତ ଲୋଡ଼ିବା ନିହାତି ଭୁଲ । ନିଜର ବିବେକ ଯୁଆଡ଼େ କହିବ ସିଆଡ଼େ ମାଡ଼ିଯିବା ଉଚିତ । ଗତ ପଥରେ ଖାଲ ପଡୁ, ଢିପ ପଡୁ – ଝୁଂଟି ଅଣ୍ଟୁ ଗଣ୍ଠି ଛିଣ୍ଡୁ – ନାଇଁ ଜୀବନ ବାହାରି ଯାଉ । ସେ ଜୀବନ ବାହାରି ଯିବାରେ ଯଥେଷ୍ଟ ନିଜସ୍ୱ ରହିଛି – ଶାନ୍ତି ରହିଛି । ଅନ୍ୟ ଉପରେ ଦୋଷ ଲଦି ବୃଥା ଅଭିଶାପ ଦେବାର ଅବକାଶ ନାହିଁ । ଗାଳି ଦେବତ ନିଜକୁ ଦେବ – ନିଜ ଭାଗ୍ୟକୁ ନିନ୍ଦିବ । ଅନ୍ୟକୁ କହିବ କାହିଁକି ? ସେମାନେ ତ ଶୁକୁଟି ଦେଖିବାକୁ ଭୁଲ ବାଟ ବତାଉଛନ୍ତି । ପିଲା ଖେଳ । ପିଲାର ଭୁଲ କଲେ ଦଣ୍ଡ ଦେବାକୁ ଆଇନ୍ ନାହିଁ । ଅଢ ବଗୁର ମରୁ ଅନ୍ୟର ସେଥିରେ ଭାସି ଯାଉଛନ୍ତି କଣ ? ସେ ନିସ୍ସହାୟ – ଦୁଃଖୀ । ଅନ୍ୟକୁ ଦୋଷ ପଗୁରି ଭୁଲ କରନ୍ତି ?

ନିଜେ ଅନ୍ୟମାନଙ୍କୁ ପଗୁରି ଭୁଲ କରନ୍ତି ? ହଁ ସେ ଭୁଲ କରିଛନ୍ତି । କ'ଣଥିଲା ତାର ଅନ୍ୟମାନଙ୍କୁ ପଗୁରିବାରେ ସାଂଗ ସାଥୀଙ୍କର ମତାମତ ଲୋଡ଼ିବାରେ । – "ସେ ଭଲ ପାଉଥିଲା ଗାଁ – ଗହଳିର ଗୋଟିଏ ଝିଅକୁ ।" – ଏଇ କଥା କହୁଥିଲା ନିଜର କେଉଁଜଣ ଅତି ଆପଣା'ର ସାଥୀଙ୍କୁ । ତାଙ୍କଠାରୁ ଲୋଡ଼ୁଥିଲା ଟିକିଏ ମତାମତ । ଭାବିଥିଲା, ସେମାନେ ତାକୁ

ସାବାସ ଦେବେ । ଖୁରୁଖୁଣ୍ଟରେ ବଡ଼ ହେବାକୁ ବାଟ ବତାଇ ଦେବେ ନିଜେ ସେମାନେ ତା' ଭବିଷ୍ୟର ଦାୟୀ ହେବେ; କିନ୍ତୁ କାହିଁରେ କିଛି ହେଲାନି । ସବୁ କଥାଗୁଡ଼ା ଭାବନାର ବିପରୀତ ଫଳ ହେଲା । ଚୁପ୍ ଚୁପ୍ ନିଜ ଇଚ୍ଛାରେ କିଛି ଗୋଟାଏ କରି ପାରିଥିଲେ ଭଲ ହୋଇଥାନ୍ତା । ହଁ, ସବୁଠୁ ଭଲ ହୋଇଥାନ୍ତା ଦୁହେଁ ଗାଁ ଛାଡ଼ି ପଳାଇ ଥିଲେ । କିନ୍ତୁ ହୋଇ ପାରିଲାନି । ସାଥୀ-ମାନଙ୍କର ହିଂସାରେ ସବୁ ବ୍ୟର୍ଥ ହେଲା । ଗଲା ସାରା ଜୀବନ ଯେମିତି ଚାଲିବା ସାର ।

ମନେପଡ଼େ, ସେଦିନ ଥିଲା ଗୁନ୍ଦମୀ ରାତି । ତାରି ଗାଁର ଝିଅ ଭାମା ଫେରୁଥାଏ ଦୋକାନରୁ । ସେ ଜଗି ରହିଥିଲା ତା ବାଟକୁ । ଭାମା ଆସିଲା । ସେ ଚୁପ୍ ଚୁପ୍ ତା' କାନ ପାଖରେ କହିଲା, "ଭାମା ! କଣ କରିବା, କୁଆଡ଼େ ଯିବା ? ଗାଁ ସାରା ଛିଃ ଛିଃ ହେଲାଣି, ମୁଁ ତତେ ଭଲ ପାଏ ବୋଲି । କହତ ଜଗା, ସମସ୍ତଙ୍କର ଏତେ ରାଗ କାହିଁକି ? ମୁଁ ବି ଭଲ ପାଉଛି ସବୁକଥା ତାଙ୍କ ଆଗରେ ପ୍ରକାଶ କରି । ନିଜେ ନିଜେ ସବୁ କାମ ଲୁଚାଇ କରି ପାରିଥିଲେ କାହାର ଯୁ ନଥିଲା ଆକଟ କରି ଚପେଇ ଦବାକୁ । ସେ ଦୁଇଟା କେତେ ସାଥୀ ନୁହଁନ୍ତିଲ ! ଏଡ଼େ ଅକଣ ତାଙ୍କର ? ମିଛରେ ମିଛରେ ଆଉ କେତେ କଥା ଲଗାଇ କଟାକ୍ଷାକୁ କେତେ ମୋଟାଇଲେ"।

—ଭାମା ସେଦିନର ଦୁଃଖରେ ବି ହସିଥିଲା । କହିଥିଲା, - ଭୁଲ ବୁଝୁଛ କାହିଁକି ? ମିଛ ସପନ, ମିଛ ସତ । ସେ ଦୁହେଁ କେତେ ତା ବାଟକୁ ଅଟକାଇ ବସିଥିଲେ । ହେଲେ, ହେଉ କ'ଣ ଭଲା ଜାଣ ? ତାଙ୍କର ଛାତିରେ ଗୋଇଠା ମାରି ଜୁମର ଛାତିରେ

ଉଲାଙ୍କ ପଡ଼ିଲା । କୁହ, କେମିତି ସହରେ ସେ ବୁଲିଥା ? ତାଙ୍କ ମନରେ ହିଂସା ଆସିବନି ? ସେଇ ରାଗରେ ତୁମକୁ କୂଅକୁ ଠେଲିବାକୁ ଭୁଲ ବାଟ ବତେଇ ଦେଲା ? କୁହ, କାହିଁକି ତାଙ୍କୁ ଉପାୟ ମାଗୁଥିଲ ? ବେଶ ସେ ବୁଦ୍ଧି ଉପାୟ ବତେଇଦେଲେ । ଗାଁରେ ଘରେ ଘରେ ହାଟ ବସିଛି - ଘରେ କଥା ପଡ଼ିଛି - ତୁମ ସହିତ ନ ମିଶିବାକୁ । ନହେଲେ ତା ଘରକୁ ଜାତିଭାଇ ବାସନ୍ଦ କରିଦେବେ । କୁହ, ଅନୁଭାଇ ! କଣ ସେ କରିବ ? କୂଅକୁ ଯିବ ?—

× × ×

ଅନା ଚମକି ଉଠିଲା ! ବାବୁ ଖସୁରୁ ଛନ୍ତି - ଶିପ୍ରା ! କେଉଁଠାକୁ ଯିବା ?

ଅନା ଗାଡ଼ ପୋଛୁ ପୋଛୁ ହାତ ରହିଗଲା । ଦରବୁଢ଼ା ଲୋକ ଦୁଇ କଣ୍ଠାପାକୁ ବୋହି ଯିବାକୁ ନ ଦେଇ ପୋଛୁଥିଲା । ମନେ ପଡ଼ୁଛି ଅତୀତ ଦିନର କଥା । ଅତୀତ ସତ, ହେଲେ ବର୍ତ୍ତମାନ ପରି ଲାଗେ । ଏହାହିଁ ପ୍ରକୃତି, ଏହି ପ୍ରକୃତିରୁ ଯଦି ମଣିଷ ବଞ୍ଚିତ ହୁଏ ତାହା ହେଲେ ସେଇଟି ସୃଷ୍ଟି ହୋଇ ଯାଏ ବ୍ୟତିକ୍ରମ, ଅନା ଝୁରୁଛି, ଅନୁଭବ କରୁଛି - ଏପର୍ଯ୍ୟନ୍ତ ଦେହରେ କାହାର ସ୍ପର୍ଶ ପରଶ ଲୋମମୂଳ ଉଷୁମ କରି ଦେଉଛି । ହେଲ, ସବୁ ଯେମିତି ଲିଭି ରହୁଛି ତା' ପାଖରେ - ସବୁ ସ୍ମୃତିର ପରି । ଠିକ୍ ଏମିତି ଖଣ୍ଡେ ଦୂରରେ ଠିଆ ହୋଇଛି ପ୍ରଶ୍ନବାଚୀ ଚିହ୍ନଟିଏ । ଏଇ କଣ ସେପା ? ପଚାରୁଛନ୍ତି "ଅନୁଭାଇ ଉପାୟ ? କେଉଁଠାକୁ ଯିବ ! ସମାଜ ତାଙ୍କୁ ଦଣ୍ଡ ଦେବାକୁ ପ୍ରସ୍ତୁତ - ବାଟ ବାନ୍ଧ ।

ଅନୁଭୂତି ! ବତାଇ ଦିଅ ସେ ସେଇ ବାଟରେ ଯିବ ତୁମେ କେଉଁ ବାଟରେ ପାଦ ବଢାଇବ ।"

ଅନା ନୀରବରେ ଚାହୁଁଲା । ଏ ହେଉଛି ବମ୍ବେ ସହର —'ପିଲାଦିନର ବାଗ୍ ହେଉଛି ଦେଶ' ବମ୍ବେ ସହର । କାହିଁ ଓଡିଶାର ମଫସଲ ଗାଁ - କେଉଁଠି ହେବ ! ଭ୍ରମା ଆସିବ କପରି ? ଭୁଲ ସେ ଭାବୁଛି । ଏ ଯୁବତୀ ଭ୍ରମା ନୁହେଁ । ବମ୍ବେର ଅଧୁନିକା କେଉଁ ଆଡେ ଯିବେ ?

ସିପ୍ରା ଚାହୁଁଛି । ସେ ଯୁବତୀ ତାର ଅପରିଚିତା । ଜଣେ ଅପରିଚିତା ଯୁବତୀ ଉପରେ ସେବା କ'ଣ ମତା ମତ ଦେବ । ପୁଣି ଅନ୍ୟ ଉପରେ ମତା ମତ ଦେବା ତାର କ ଅଧିକାର ଅଛି ଏବଂ ତାର ମତା ମତକୁ କିଏ ବା ଏଠି ଖାତିର କରୁଛି । ଏଠିତ ଆଉ ଗାଁ - ଗହଳିର ସମାଜ ନାହିଁ ହୁଁକାପିଟା ଜାତିରେ ବାନ୍ଧି ଗୋଟେ ଏ ସମ୍ପ୍ରୁ ଦେବାକୁ । ଏଠି କେତେ ଯୁବତୀ ହିଁଅ ଯୁବକଙ୍କ ସାଂଗରେ ହାତ ଛନ୍ଦି ବୁଲନ୍ତି, ମୁହଁରେ ମୁହଁ ଲଗାଇ ଚୁମା ଖାଆନ୍ତି, ମନ ଫୁଲାଣିଆ ଗୀତ ଗାଇ ସାଗରର ବେଲା ଭୂମିକୁ ମୁଖରିତ କରନ୍ତି - ଦେହରେ ଦେହ ଲଗାଇ ହାଓ୍ୱା ଖାଆନ୍ତି । କେହି ନାହିଁ ଏଠି ତାଙ୍କର କାନ ମୋଡି ଅଟକ କରିବାକୁ । ଦୁଇଟି ଉଚ୍ଛୁଳା ମନର ମନଭୋଳା ଜୀବନ - ତରଣୀ ଭସାଇବାକୁ ଯାଗାଟା ବେଶ୍ ପ୍ରଶସ୍ତ ଓ ଅତି ଅଧୁନିକ ।

ଅନା ମନେ ମନେ ଭ୍ରମାକୁ ଡାକିଲା କହିଲା ଭ୍ରମା ! ତୁ ପରା ଅନେକ ଦୂରରେ ? ଓଡିଶାର କୌଣସି ମଫସଲ ଗାଁ ଭିତରେ କର୍ମ ଆଦର ଖୋଜୁଛୁ । କେହୁ ନାହିଁ ତୋତେ ଭଲ ମନ୍ଦ ବୁଝିବାକୁ ।

ବେଶ୍ -ନ ବୁଝନ୍ତୁ କେହୁ । ଭଲ ମନ୍ଦର ବୁଝିବେନି କେହି, ବରଂ କଣ୍ଟା ଘାରେ ଚଢ଼ି ଦେଇ ଜଳେଇ ପୋଡେଇ ମାରିବାକୁ ବାହି ଗରିବେ । ମନେ ରଖ ଭ୍ରମା ! କାହାରିକୁ ପଚାରିବୁନି - 'କ'ଣ କରିବି' ବୋଲି । ଯାହା ତୋର ଇଚ୍ଛା କରିଯିବୁ । ସେଥିରେ ଭଲ ହେଉ, ମନ୍ଦ ହେଉ, ସେ ଫଳ ତୋର । ତୁ ସେଥିରେ ଭାଗୀ । କେହି କିଛି ଉତାରି ନେବେନି ତୋ ମୁଣ୍ଡରୁ । ତେବେ ପଚାରିବା ଲାଭ କଣ ?

— ଉଃ, ହେଲା... ହେଲା । ମନର କଥାଗୁଡ଼ା ଅନ୍ୟ ପାଖରେ ନ କହିଲେ ତା' ଉପଭୋଗ କରି ହୁଏନି - ଦୁଃଖ ଲାଘବ ହୁଏନି । - ସୁଖର କଥା କହିବାକୁ ଗର୍ବ ଲାଗେ । କିନ୍ତୁ ସେଥିରେ ସେତେ ଗୁରୁତ୍ୱ ନଥାଏ । ଦୁଃଖର କଥା —?

ଏଇଠି ରହିଛି ଓଜନ । ଦୁଃଖର କାହାଣୀ ଅନ୍ୟ ଆଗରେ ଥରେ ବଖାଣି ଗଲେ, ଓଜନିଆଁ ମନ ଟିକଏ ହାଲୁକା ହୁଏ । ଦେହ ଜୁଡ଼ି ଆସିଲା ଲାଗେ । କହିସାରି ଦୀର୍ଘ ନିଶ୍ୱାସ ମାରିଲେ ତୃପ୍ତି ଆସେ । - ଅନେକ ଦୁଃଖ କମିଯାଇଛି ଅନ୍ତତଃ କେତେ ସମୟ ପାଇଁ ।

ସେ ମନର ପୁଞ୍ଜିଭୂତ କଥା ଗୁଡ଼ାକ ଅନ୍ୟକୁ କହି, ନିଜକୁ ଦୌରୁସ ମନେ କରିବ ବୋଲି - ଆମାକୁ ସେ ଅନ୍ତର ଦେଇ ଭଲ ପାଏ ବୋଲି ଜଣାଇ ଦେବାକୁ - ପଞ୍ଚାନ୍ତରେ ଭଲ ପାଇବା ଠାକୁ ଉପଭୋଗ କରିବ ବୋଲି ତା'ର ସାଙ୍ଗ-ସାଥୀଙ୍କୁ ସତ କଥା କହିଥିଲା । ତାରି ଫଳ ସେ ପାଇଲା । ସେମାନେ ଯେ ତୋ ଶତ୍ରୁଙ୍କର ଭକ୍ତ ଥିଲେ ଏ କଥା ସେ ଜାଣିବ କିପରି ? କେମିତ ସାରା ଜୀବନ ପାଇଁ ନିଜର ବୋଲି ବାନ୍ଧି ରଖିବ, ଏଇ ଭାବନାରେ

ପାଗଳ ହୋଇଥିଲା ବେଳେ ଆଗ ସାଥୀଙ୍କଠାରୁ ଉପାୟ, ସାହାଯ୍ୟ, ସହାନୁଭୂତି ପାଇବ ବୋଲି କହୁଥିଲା । ସେତେବେଳେ କହୁସାଇଲା ପରେ ଶେଷ ଯେଉଁ ତୃପ୍ତି ପାଉଥିଲା ସେ କଥା ବ୍ୟକ୍ତ କରିବାକୁ ଭାଷା ନାହିଁ । ଆଉ ସାଙ୍ଗ ସାଥୀମାନେ ମନ ଯୋଗ ପୂର୍ବକ ଶୁଣି ସବୁ ଯେଉଁ ଆଶ୍ୱାସନ ବାଣୀ ଶୁଣାଉଥିଲେ, ତାର ଅନ୍ତରାଳରେ ଯେ ସେମାନେ ତାକୁ ଲାଗି ଭୀଷଣ ଷଡଯନ୍ତ୍ର କରୁଥିବେ ଏକଥା ସେ ଭାବିବ କାହିଁକି ? ହେଉ ଏବେ ଆମେ ଦୁହେଁ ପୃଥକ । ଭୁଲିବୁଝ ସେ ଦିନର ଏଇ ଉପଦେଶ ପଦକ । ଭୁଲରେ କାହାରିକୁ କହିବୁନି ନିଜ ମନର କରୁଣ କାହାଣୀ, ଆଉ ଲୋଡିବୁନି କାହାର - ଉପାୟ । ଯଦି ପାଖରେ ଥା'ନ୍ତୁ ଦେଖାଇ ଦିଅନ୍ତି ଏଇ ସିପ୍ରା ନାମ୍ନୀ ଯୁବତୀଙ୍କୁ କେତେ କରୁଣ ଦେଖା ଯାଉଛି ତାଙ୍କର ମୁଖମଣ୍ଡଳ ! - ତଥାପି, ସେ କହିବାକୁ ପ୍ରସ୍ତୁତ ନୁହଁନ୍ତି ନିଜର ଦୁଃଖ କାହାଣୀ । ହେଲେ ଚେଷ୍ଟା କରୁଛନ୍ତି ମୁଖଭଙ୍ଗୀ ବଦଳାଇ ହସିବାକୁ - ଯୁବକଙ୍କୁ ହସାଇବାକୁ । କିନ୍ତୁ, ଚେଷ୍ଟା ବିଫଳ ହେଉଛି । ନିଶ୍ଚୟ ଦୁଃଖର ଦାଗ ଅତି କଠିନ । ଯାହା ସେ ଲୁଚାଇବାକୁ ଚେଷ୍ଟାକରି ଅସମର୍ଥ । ତଥାପି ସେ ଅସମର୍ଥ ବୋଲି ସ୍ୱୀକାର କରୁନି । ଆଖି କୋଣରେ ଲୁହ ଯକାଉଛି । ହଁ, ଏ ବାବୁ ଖୁବ୍ ଚଞ୍ଚଳ ହେଉଛନ୍ତି । ବମ୍ବେର ସୁନ୍ଦର ପ୍ରକୃତି କୋଳରେ ତାଙ୍କୁ ବୁଲାଇ - ବୁଲାଇ ମନର ଦାଗକୁ ଲିଭାଇ ଦେବାପାଇଁ ସେ ଯେପରି ପ୍ରୟାସୀ । ସେଇଥିପାଇଁ ପଚାରୁଛନ୍ତି ବାରମ୍ବାର । - "ସିପ୍ରା ! କେଉଁଠାକୁ ଯିବା ?" ସିପ୍ରା କିନ୍ତୁ ଉତ୍ତର ଦେଇପାରୁ ନାହାନ୍ତି । ହଁ କ୍ଷମା ! ସିପ୍ରା ଉତ୍ତର ଦେଇପାରୁ ନାହାଁନ୍ତି - ଲାଜରେ ?

— ନା, ଭ୍ରମା ! ମୋଟେ ନୁହେଁ । ଏ ସହରରେ ଯେ ପାଦ ପକାଏ, ସେ ଲଜ, ସରମ ଏଇ ଆରବ ସାଗର ଗର୍ଭକୁ ଫିଙ୍ଗି ଦେଇଥାଏ । ଲାଜ ସରମର ଢାଙ୍କୁଣି ଖୋଲି ଦେବା ତ ସଭ୍ୟତା, ନାରୀ ସ୍ୱାଧୀନତା । ପୁଣି ବମ୍ବେ ସହର ସଭ୍ୟତାର ଚରମ ପୀଠ । ଏଠି ଲାଜ - ସରମ ଆପେ ଆପେ ମୁଣ୍ଡ ପୋତୁଛନ୍ତି ସାଗର ଗର୍ଭରେ । ନଇଲେ ପୁରୁଷ ସହିତ କାନ୍ଧ ମିଳାଇ ପାଦରେ ପାଦ ଛନ୍ଦି ରାଜପଥରେ କିପରି ବୁଲନ୍ତେ ନାରୀ ? — ଏ ସିପ୍ରା ଜାତି, ସମାଜର ବେଷ୍ଟନୀ ଛାଡି, ନାରୀ ସ୍ୱାଧୀନତା ଲଭିକରି, ସ୍ୱେଚ୍ଛାଗୃହୀତାରେ ଯେତେବେଳେ ଏକାକୀ ପୁରୁଷ ସହିତ ବାହାରିଛନ୍ତି ବମ୍ବେର ରାଜପଥରେ ତାଙ୍କର କି ଗାଉଁଲି ଲାଜ କାହିଁକି ? ଭ୍ରମା ! ଆମେ ଦୁହେଁ, ମଫସଲ ଗାଁର ପୁଅ - ଝିଅ ବୋଲି ସିନା ସମାଜର ଶାସନକୁ ଡର ଦୁହେଁ ଇଚ୍ଛା ବିରୁଦ୍ଧରେ ପୃଥକ ହେଲେ । ତୋର ସିନା ନାରୀ ସ୍ୱାଧୀନତା ନଥିଲା ନିଜର ଜାତିଅଣର କଡା ଆଖି ଆଗରେ ଠିଆ ହେବାକୁ ଯୁ ନଥିଲା । ଏଠି ଜାତିଅଣର ନାଲିଆଖି ନାହିଁ । ନାରୀ ସ୍ୱାଧୀନତା ପାଇଛି । ସେ ଧରମ ଜାଣେନା । ବିନା ଦ୍ୱିଧାରେ ଯୁବକ ସହିତ ମିଶିପାରେ - କ୍ଲବ ଥିଏଟର - ବ୍ଲୁ ଭେଲ୍ଭେଟରେ ଯୋଗ ଦେଇ ପାରେ । ଏ ସିପ୍ରା ! ସିପ୍ରା କାହିଁକି ଲଜ୍ୟାବତୀ ପରି ମୁରୁଛିଟାରୁ ହୁଟେଇ ରହୁଛନ୍ତି - ଲାଜ ସରମରେ ମଥା ପୋତୁଛନ୍ତି ? ନା---ନା-- ସେ ଲାଜ ସରମରେ ମଥା ନୁଆଁଇ ନାହାନ୍ତି । କେଉଁ ଦୁଃଖର ଦାଗ ମନେରେ ତାଙ୍କର ଉକୁଟିଦେଇଛି ଆଘାତ । ସିପ୍ରା ପ୍ରସ୍ତୁତ ନୁହନ୍ତି ପ୍ରକାଶ କରିବାକୁ ଦୁଃଖ । ସେଇ ଦୁଃଖରେ ରୁଦ୍ଧପ୍ରାଣ ନୁଆଁଇ ଦେଇଛି ତାଙ୍କର ସ୍ୱାଧୀନତା - ମୁଣ୍ଡ । ହଁ, ଭ୍ରମା ! ସିପ୍ରା ନଇଁ ପଡିଛନ୍ତି ।

ଅନା ମନେ ମନେ ସିପ୍ରାଙ୍କୁ ଧନ୍ୟବାଦ ଦେଲା, ତାଙ୍କର ସାହାସ ଲାଗି । କିଏ କହେ ନାରୀ ଦୁଃଖରେ ଭାଙ୍ଗିପଡ଼େ ବୋଲି ? ଭୁଲ ହେଲା ଏଠି ତାଙ୍କର ମନ୍ତବ୍ୟ । ହେଇତ ସିପ୍ରା ନାରୀ । ସେ ଦୁଃଖରେ ମ୍ରିୟମାଣ ନୁହଁନ୍ତି । ପ୍ରକୃତରେ ଦୁଃଖ କୁହ, ମନର ଅଭାବ କୁହ ଯହିଁରେ ମଣିଷ ଭାଙ୍ଗିପଡେ ବୋଲି ଉଲ୍ଲେଖ ରହିଛି – ସେ ଦୁଃଖ, ସେ ଅଭାବରେ ନିଜକୁ ହଜାଇ ଦେବା ଭୁଲ । ହଜାର ମନସ୍ତାପରେ ଥିଲେ ବି ବାହାରେ ଖୁବ୍ ସତେଜ ରହିଛ ବୋଲି ଦେଖାଇ ହେବା ଉଚିତ । ନଚେତ୍ ଅନ୍ୟମାନେ ସେଇ ଦୁର୍ବଳତାର ସୁଯୋଗ ନେଇ ବଢେଇ ଦେବେ ଭୁଲବାଟ । ଯେଉଁ ବାଟରେ ଅନ୍ଧପର ପଡି ନିଜକୁ କ୍ଷତ ବିକ୍ଷତ କରିବ । ସେମାନେ ତାଳିମାରି ହୋ ହୋ ହସୁଥିବେ, ତୁମେ ପୋଡ଼ା ଜ୍ୱାଳାରେ 'ଅହା - ଓହୋ' ହେଉଥିବ କେବଳ ।

ସିପ୍ରା ! ଠିକ୍ କହୁଛ ତୁମେ । ଏବେ କୁହ କେଉଁଠାକୁ ଯିବ - ନାସନାଲ ପାର୍କ - ଗ୍ରାଣ୍ଡ ରୋଡ - 'ଲିବର୍ଟି' ଚକ ? ନାସନାଲ ପାର୍କ - ଯେଉଁଠି ହେନା, ରଜନୀଗନ୍ଧାର ମହକରେ ଲୁଟୁଛି - ନାନା ରଙ୍ଗର ବିଲାତି ଫୁଲ ସ୍ଥାନେ ସ୍ଥାନେ ହସି ଉଠୁଛି ପର୍ବତର ଢାଲେ ଢାଲେ ଉଦ୍ୟାନରେ ପ୍ରକୃତିରାଣୀ ହସୁଛି - ସନ୍ନିକଟ ପର୍ବତ ଗହ୍ୱରରୁ ପ୍ରପାତର ଗୁମ୍... ଗୁମ୍... ଶବ୍ଦ ନିର୍ଜନତାକୁ ମୁଖରିତ କରୁଛି - ଯେଉଁଠି ଆମ୍ବ - ବଉଳ ମାଧବୀ ଲତାର ତଳେ ଯୁଥହରା ତରୁଣ - ତରୁଣୀ ଏବଂ ଯୁବକ - ଯୁବତୀ ମୁକ୍ତ କଣ୍ଠରେ ପ୍ରେମର ମଧୁରତା ଆସ୍ୱାଦନ କରନ୍ତି, ମନ ଫୁଲାଣିଆ ଗୀତ ଗାଇ ଜୀବନକୁ ସୁଖ ସ୍ୱାଚ୍ଛନ୍ଦରେ ଉପଭୋଗ କରନ୍ତି କୁହ ସିପ୍ରା ! ସେଇ ନାସନାଲ ପାର୍କକୁ ଯିବ ?

—ସିପ୍ରା ! ତୁମଲାଗି ସେ ଯାଗା ବେଶ୍ ପ୍ରସସ୍ତ । ତୁମେ ଖୁବ୍ ଦୁଃଖୀ, ଅଭିମାନିନୀ ପରି ମନେହୁଅ । ଯାଅ ସେଇ 'କାର୍ଜନ୍ ଉଦ୍ୟାନକୁ' ଏଠି ରାସ୍ତା ଉପରେ ଶହ ଶହ ଜନତା ଧାଇଁଛନ୍ତି ସମସ୍ତେ ଚାହିଁଛନ୍ତି ତୁମର ଆନତ ମୁଖକୁ । ହୁଏତ ମନେ ମନେ ସେମାନେ ଆଶା ପୋଷୁଥିବେ ତୁମଠାରୁ ପଦେ ଅଧେ କଥା ଶୁଣିବାକୁ । ହେଲେ କିନାରା ପାଉ ନାହାଁନ୍ତି । ଦେଖ, ଦେଖ ସିପ୍ରା । - ସେ ବନ୍ଧୁ ଜଣକ କିପରି ଅପଲକ ନୟନରେ ତୁମ ଆଡକୁ ଚାହିଁ ଚାହିଁ ମନ୍ଥର ଗତିରେ ଚାଲିଛନ୍ତି । ବେଶ୍ ଭଲ କରିଛ । ଏମିତି ନିଜର ଗାମ୍ଭୀରତା ରକ୍ଷାକର । ନଚେତ୍ ସମସ୍ତେ ତୁମକୁ ଚୋବେଇ ଖାଇଯିବେ । ଦୁଃଖ, ଅଭାବରେ କେହି ଲୋକଙ୍କ ଭାଗିବେ ନାହିଁତ ବରଂ ତୁମର ଦୁଃଖକୁ ବଢ଼ାଇବେ । ତୁମେ ଠିକ୍ କରିଛ ।

ସିପ୍ରା । ଏଠି ଆଉ ବେଶୀ ସମୟ ରୁହନା । ହେଇ ସେ ପୁଲିସ ବାଲା ଆସୁଛି । ଅନେକ ବେଳୁଁ ଏଠି ଏମିତି ଠିଆହେବା ଦେଖି ମନରେ ସନ୍ଦେହ କରୁଥିବ । ଆଉ ଅଳ୍ପକ୍ଷଣ ପରେ ତୁମ ପାଖରେ ପହଞ୍ଚିବ । ଖୋଳି ତାଡ଼ି କେତେଆଡ଼ୁ କେତେ କଥା ପଚାରିବ । କାହିଁକି ସତ - ମିଛ କହି ନିଜକୁ କଟାଇବ ? ଆସ ଶୀଘ୍ର ଆସ ସେଇ ପାର୍କକୁ । ସେଠି ଯଥେଷ୍ଟ ଗୋପନର ରମ୍ୟସ୍ଥାନ ମିଳିବ । କେଉଁ ଲତାର ଫୁଲ କୁଞ୍ଜ ତଳେ ବସି ପ୍ରକୃତିର ରୂପ, ରସ ଓ ଗନ୍ଧରେ ନିଜକୁ ବୁଡ଼ାଇଦେଇ କରିବ । ଅକାଶର ହସିଲା ଜହ୍ନପରି ନିଜକୁ ହସାଇ ଦେବ । ଅତୀତର ଅଭାବ, ଅନାଦର, ଦୁଃଖ, ଶୋକ ସବୁ କିଛି ଆପେ ଆପେ ଅନ୍ତର୍ହିତ ହେବ । ବାସ୍ତବରେ ସିପ୍ରା, ପୁରୁଣା କଥାକୁ ସେଠି ଭୁଲି ହୁଏ ।

ସେଠାକୁ କେହି ମନସ୍ତାପ କରିବାକୁ ଯାଆନ୍ତି ନା । ଅତୀତକୁ ଲୁଚାଇଦେଇ ନିଜକୁ କେହି କହାଇବାକୁ ଚେଷ୍ଟା କରନ୍ତି ନାହିଁ । ଏପରି ବାନ୍ଧ ଛାନ୍ଦ ନିଜର ଦୀର୍ଘ ଭବିଷ୍ୟତକୁ ଦଗ୍ଧ କରେ ନାହିଁ ନିଜର ଆତ୍ମାକୁ ହାଣଖିଆ ସାପପରି ହନ୍ତସନ୍ତ କରେନାହିଁ । ଦେଖନା ଆଖି ଲୁହରେ ତୁମର କୁନ୍ଦ କେଳସର ଭଳି ଭଅଁର ଆଖିର ପତା ଗୁଡାକ କେମିତି ଫୁଲି ଯାଇଛି । ରିକ୍ସା ଉପରେ ବସ ସିପ୍ରା !

ସିପ୍ରା ପୂର୍ବପରି ସେମିତି ନିର୍ବାକ ଓ ନିଷ୍ପନ୍ଦ ମଧ୍ୟ ।

ଅନା ସେ ଦୁହିଁଙ୍କ ସଂପର୍କ ବିଷୟରେ ଖୁବ ଖୁବ ବଡ଼ କୌତୁହଳ ଅନୁଭବ କରୁଥିଲା, କିନ୍ତୁ···

ସେ ରିକ୍ସାବାଲା । ରିକ୍ସା ଟାଣିବା ତାର ଧର୍ମ । କାହାରିକୁ ମୁହଁଖୋଲି କଥାଟିଏ କହିବା ତାର ଅଧିକାର ନାହିଁ । ଯିଏ ପାଉଣା ଦେଲା ତା ପାଇଁ ସେ ରିକ୍ସା ଟାଣିବ । ହଁ, ପାଉଣା ଠିକଣା ହେଲା ତାର, ତାର ଏ ବ୍ୟକ୍ତିଗତରେ ଯାଏ ଆସେ କ'ଣ ?

ଅନା ଆକାଶ ପାତାଳ କେତେ କଣ ଭାବି ଯାଉଥିଲା । ସିଅଲ ଫୁଂକ୍‌ରେ ଡାକିଲା - ବାବୁ ! ଶୀଘ୍ର ଆସ 'ନାସନାଲ ପାର୍କ' ହେଇ ପୁଲିସ ଆସିଲେ ତୁମକୁ ବିବ୍ରତ କରିଦେବ । ବ୍ୟକ୍ତିଗୁରୁଙ୍କୁ ବିବ୍ରତ କରିଦେବା ପୁଲିସ୍‌ର ପ୍ରଧାନ ଧର୍ମ ।

ସଭକୁ ସତ ବାବୁ ଜଣଙ୍କ ସିପ୍ରାର ହାତଧରି ଆଣି ବସାଇ ଦେଲେ ରିକ୍ସା ଉପରେ । କହିଲେ - ଚଲା ରିକ୍ସା 'ନାସନାଲ ପାର୍କ' । ଖୁବ୍ ଜୋରରେ - । ବକ୍‌ସିସ୍ ମିଳିବ··· ।

ଅନା ଖପକନା ରିକ୍‌ସା ଉପରେ ବସିଗଲା କସି କାରି ଦୁଇ ଗୁରଣ୍ଡା ପ୍ୟାଡ଼ଲ ମାରିଲା । ରିକ୍‌ସା ପିଚୁ ରାସ୍ତାରେ ଗଡ଼ି ଚାଲିଲା ଘର୍‌...ଘର୍‌... । ଖୁବ୍ ଜୋରରେ ଗଡ଼ି ଯାଉଥିଲା ରିକ୍‌ସା ଖାଲ - ଢିପର ବାଧା ବନ୍ଧନ ନ ମାନି । ଅଜ୍ ମହିଁରେ ମହିଁରେ ଅନା ଗାଇ ଦେଉଥିଲା ପଦେ ପଦେ ସିନେମା ସଙ୍ଗୀତ, "ତୁ ଉଡ଼ିଯାରେ ପାଂଛୀ........ ।"

ରିକ୍‌ସା ଘର୍‌…ଘର୍‌… ଗଡ଼ି ଚାଲିଛି । ଅନାର ଭାବନା ଝିଅଲି ତାଠୁଁ ଅଧିକ ବେଗରେ ଧାଇଁଛି । କେତେବେଳେ ସେ ସିନେମା ସଙ୍ଗୀତର ସ୍ରୋତ ବନ୍ଦ କରି ସାରିଲାଣି ନାହିଁ ଜାଣେନା କେବଳ ସେ ଜାଣେ ହାତମୁଠାରେ ଜଣେ ଗୋଟାଏ ରହିଛି । ପଛରୁ କାଣ ଘର୍‌ ଘର୍‌… ଶୁଣାଯାଉଛି ନିଜ ମୁଣ୍ଡରେ ଗୁଡ଼ାଏ ଅଡୁଆ ତଡୁଆ ଭାବନା । ସାଇକଲ ଗଡ଼ି ଚାଲିଲା ପରି, ସେଗୁଡ଼ା ଘର୍‌… ଘର୍‌…… ହୋଇ ଲମ୍ବି ଯାଉଛି । ଅଡୁଆ ସୂତାର ମୁହଁ ନପାଇ ଯେପରି ପାଞ୍ଚ ସାତଟା ଗିଣ୍ଠ ବାନ୍ଧାରେ, ଅଡୁଆ ଭାବନାର ମୂଳ ନପାଇ ପାଞ୍ଚ ସାତଟା ଭାବନା-ଗିଣ୍ଠ ବାନ୍ଧାରୁଛି । କେଉଁଠିକୁ ସେ ପ୍ରଥମେ ଦେଖିବ ବୁଝି ପାରୁନି । ସବୁ ଗୋଳମାଳ ହୋଇ-ଯାଉଛି । ଚାଳକଟି ବିବ୍ରତ ହୋଇ ଅଧିକ ଜୋରରେ ପ୍ୟାଡ଼ଲ ମାରୁଛି ନାଇଁତ ଗୋଡ ଶିଥିଳ ହୋଇ ରିକ୍‌ସାର ଗତି ମନ୍ଥର ହେଉଛି । ସେ ମୁଣ୍ଡ ହଲାଇ ଗୁଣୁ ଗୁଣୁ ହେଉଛି ।

ମୁଣ୍ଡ ହଲାଇ ଗୁଣୁ ଗୁଣୁ ହେଉଛନ୍ତି ସତ । କିନ୍ତୁ ସେ ଯେ କେଉଁ ଗୀତର ପୁନରାବୃତ୍ତି କରୁଛନ୍ତି ତା ନୁହେଁ । ସ୍ୱବନାର ଅଙ୍କୀକ୍ତ ଘଣ୍ଟା ଗୁଡ଼ିକୁ ଗୁଣୁ ଗୁଣୁ ହୋଇ ମନେ ମନେ ଦେଖି ଯାଉଛନ୍ତି । ଦେଖୁଛନ୍ତି ଦୀର୍ଘ ଆଠ ଦଶ ବର୍ଷ ତଳର ଗୋଟିଏ ଘଣ୍ଟା-ଯାତ୍ରା ଗଡ଼ି ଯାଇଛି ତାର ଉପରେ ଶକ୍ତ ସ୍ତୂପ ପକାଇ— ଦଶବର୍ଷ ତଳେ—

—ଓଡ଼ିଶାର ଗୋଟିଏ ମଫସଲ ଗାଁରେ ତା'ର ଘର । ସେ ଓ ସୁମା - ଗୋଟିଏ ଫୁଲର ଦଉଟି ପାଖୁଡ଼ା ପରି । ସେମାନଙ୍କ ପରିଚୟ ଅଳ୍ପ ଦିନର ନୁହେଁ । ସେ ପରିଚୟ ଅନେକ ଦିନର । ଜଣେ ନୂଆ ହୋଇ ଭୁଇଁରେ ପଡ଼ି କାନ୍ଦିବାର ଦୁଇ ବର୍ଷ ପରେ ଆଉ ଜଣେ ପ୍ରଥମେ କାନ୍ଦିବାକୁ ଆସିଥିଲା ।

ଅନା ଦୁଇବର୍ଷ ବଡ଼ ।

ଦୁହେଁ ପିଲାଦିନରୁ ହେଉଛି ପାଇଲେ ଯାଏ ଗୋଟିଏ ଗାଁ ମାଟିରେ ଖେଳିଛନ୍ତି । ହେଲେ ସେ ଦୁହେଁ କାହିଁକି ? ତାଙ୍କର ବୟସର ଆଉ ଆଉ ସବୁ ପୁଅ - ଝିଅ ଏକାଠି ଖେଳି, ଭସରତ କରି ସମସ୍ତ ବିତାଇଛନ୍ତି - ଗୋଷ୍ଠୀଏ ମେଳରେ । କିଏ ବଡ଼, କିଏ ସାନ ଏବଂ ଜାତିଆଣର ଉଚ୍ଚନୀଚର ପାର୍ଥକ୍ୟ ସେମାନେ ଧରି ପାରି ନାହାନ୍ତି । ସମସ୍ତେ ସମାନ - ସମସ୍ତେ ଗୋଟିଏ ବାପା, ମାଆ ପୁଅ ଝିଅ ଯେମିତି ।

ହେଲେ ଅନା ଓ ସୁମାର ସ୍ନେହ ଥିଲା ଅନ୍ୟମାନଙ୍କଠୁ ପୃଥକ୍ 'କାହିଁକି' ବୋଲି ପଚାରିଲେ ଉତ୍ତର ଦେଇ ହେବନି । ତା' କେବଳ ଦୈବର ଯୋଗସୂତ୍ର ବୋଲି ଧରି ନେବାକୁ ହେବ । କାରଣ, ଖେଳିଲା ବେଳେ ଅନା ସୁମାକୁ ଯେତେ

ଯାଉଥିଲେବି ସେ ଛଳ କରେନ । ଇଚ୍ଛା ହୋଇଯେ ସେ ନକାପିଆ ମାଡ ଖାଇ ନ ଜାଣେ, ତା ନୁହେଁ । କ୍ଷଣକ ଲାଗି ସେ ଚୁପେ ଚାପେ ଅଭିମାନ କରେ । ପରେ ଅପେ ଅପେ ଧାଇଁ ଯାଏ ଅନା ପାଖକୁ। ଚେଗ୍ଲାଇ ହେଇ ଡାକେ - "ଅନାଇ .." । ଅନା ଫେଁ କନା ହସିଉଠେ । ଘଡ଼େ କହେ । ଏଇଲେ ଘର ମୋ ଉପରେ ରାଗିଥିଲୁ ?" ଭୀମା କିଛି ଉତ୍ତର ଦେଇ ପାରେନା । ଫିକ୍ କନା ହସିଦେଇ ଅନାକୁ ଧୂଳେ ଗମୁଚି ଦେଇ ପଳାଏଁ । ଅନା ପଛରୁ ଏକ ଲୟରେ ଗୁହେଁ । କେବେ କେବେ ଡାକେ - ଭୀମା··· ।

ଖାଲିଯେ ମାନ ଅଭିମାନରେ ସେ ଦୁହେଁ ଏକାଠି ବଢ଼ିଛନ୍ତି ତାହା ନୁହେଁ । ଦୁହେଁ ଏକାଠି ମୂଲ ଲାଗିଛନ୍ତି । ଜଣେ, ଅନ୍ୟ ଜଣକୁ ବିଶ୍ରାମ କରିବାକୁ କହି ତା'ର ସେବା, ଯନ୍ନ ନେବାକୁ ଚେଷ୍ଟା କରନ୍ତି - ଚେଷ୍ଟା କରନ୍ତି ତାର ବାକିଆ କାମତକ କରିନେବାକୁ । ହଳ ମାଳ ବୁଲି ଘସି, ଗୋବର ଗୋଟେଇଛନ୍ତି - ଡୋଙ୍ଗା ବଗିଚାରୁ ଜାଲ ଭାଙ୍ଗିଛନ୍ତି ।

-ସବୁଠି ମିଶିଛନ୍ତି ସେ ଦୁହେଁ ।

ଗାଁର ସମସ୍ତେ ଦେଖିଛନ୍ତି ସେ ଦୁହିଁଙ୍କୁ ଏକାଠି ଖେଳିବା, ବୁଲିବା, କାମକରିବା । କେହିହେଲେ ଅଙ୍କ ଭରି ନଥିଲେ - ବରଂ କହୁଥିଲେ ପିଲା ଦୁହିଁଙ୍କର ଖୁବ୍ ମନ ମିଳୁଛି-ଦିନେ ଭଲରେ କଳିଗୋଳ ନାହିଁ । ହଉ· ହଉ, ପିଲା ବୟସର - ଶାଗ ସାଥୀ ହୋଇ ଖେଳନ୍ତୁ ।

ପିଲା ବୟସରେ ସେ ଦୁହେଁ ଏକାଠି ମିଶିବାକୁ ସମସ୍ତେ ପସନ୍ଦ ମନେ କରୁଥିଲେ । ପରେ-ସେ ପସନ୍ଦ ବେ ପସନ୍ଦ ହେଲା।

ଯେଉଁମାନେ କହୁଥିଲେ ଭଲ ଭଲ - ସେଇମାନେ କହୁଛଲେ - ଏଇଟା ଢେଲ୍ ହେଲା। ଯୁଆନ ପୁଅ ପାଖରେ ଯୁବତୀ ଝିଅ ରହିବା ନିହାତି ଅସୁନ୍ଦର।

\+ \+ \+

ଅନୀର ହାତ ଚହଲି ଗଲା। ତା ସହିତ ରିକ୍ସା ଚହଲି ଗଲା। ସିପ୍ରା ଢଳି ପଡିଲେ ବାବୁଙ୍କ ଉପରକୁ। ବାବୁ ସିପ୍ରାର ଓଷ୍ଠ ଗାଲଟିରେ ମୃଦୁ ଚୁମ୍ବ ଦେଇ ତୋଳି ଧରିଲେ। କହିଲେ ସିପ୍ରା। ତୁମେ ଏତେ ଅନ୍ୟମନସ୍କ କାହିଁକି? ଭାବୁଛି, ତୁମକୁ ପ୍ରତାରଣା କରିବି? ତୁମେ ମଫସଲ-ଗାଉଁଲି-ଗରିବ - ପଲ୍ଲୀର ଝିଅ ହୋଇପାର ସତ। କିନ୍ତୁ, ତୁମେ, ତୁମର ପ୍ରେମ, ଯୌବନ ତହିଁରୁ ପୃଥକ। ଗାଁ - ଗାଉଁଲି-ଗରିବ-ପଲ୍ଲୀ। ଏସବୁ ସେ ଭୁଲି ଯାଇଛି। ତୁମେ ତା'ର ଅତି ଆପଣାର। କେହି ତୁମକୁ ପୃଥକ କରି ପାରିବେନି ଏ ବନ୍ଧନରୁ। + + +

ନିଜ ଭାବନାରୁ ଫେରି ଆସିଲା ଅନୀ। ଆଗରେ ଆଗରେ ଯେ ମସ୍ତବଡ଼ ଖାଲ। ଆଉ ଟିକେକେ ଦୁହେଁ ପଡିଥାନ୍ତେ ସେଇ ଖାଲରେ। ଦୈବକୁ ରକ୍ଷା ମିଳିଗଲା।

ଅନୀ ମନରେ ଭୟ ଆସିଲା। କଣ କହିବେ ବାବୁ? ହକ୍ ସେ ପଇସା ନେବ, ଏମିତି ତାଙ୍କର କସୁର କଣ? ହଁ, ହଁ ତା'ର ଭୁଲ ହୋଇଛି। କ୍ଷମା ମାଗିନେବ ସେ।

ସାଇକଲରୁ ଓହ୍ଲାଇ ଛଡ଼ିଲା, ଦେଖିଲା ବାବୁ ଜଣଙ୍କ ସିପ୍ରାଙ୍କର ଦୁଇ ବାହୁରେ ମୃଦୁସ୍ପର୍ଶ ଦେଇ କହୁଛନ୍ତି ସିପ୍ରା। କେହି ତୁମକୁ ପୃଥକ କରି ପାରିବେନି ଏ ବନ୍ଧନରୁ।

—ବନ୍ଧନରୁ କେହି ପୃଥକ କରି ପାରିବେନି ?

ଅନା ମୁହଁ ପୋଛି ଦେଲାକୁ ଚାହିଁଲା। ମୁଣ୍ଡଠାରୁ ଗୋଡ ପର୍ଯ୍ୟନ୍ତ ବହି ଆସିଲା ଟମ୍ ଟମ୍ ଝାଳ। ମୁହଁରୁ ଝାଳ ପୋଛିଲା। ଚାହିଁଲା ଝାଳବୋଳା ନେଫକୁ। ସେ ଝାଳବିନ୍ଦୁ କହୁଛି - ଏ ବନ୍ଧନରୁ କେହି ପୃଥକ କରି ପାରିବେନି। ···

ଅନାର ଆଖି ଛଳ ଛଳ ହୋଇଗଲା। ଗୀତ ଥରି ଉଠିଲା। ଚାହିଁ ପାରୁନାହିଁ ସେ ଝାଳ ବିନ୍ଦୁକୁ। ସେ ଝାଳ ବିନ୍ଦୁ ନୁହେଁ ସେ ହେଉଛି ତା'ର ଅନୁଭୂତିର ରକ୍ତ ଭିଜା ରକ୍ତ କଣିକାର ରୂପାନ୍ତରିତ ପାଣିଫୋଟା - ରକ୍ତବିନ୍ଦୁ। ନିଜ ରକ୍ତ ବିନ୍ଦୁ ନ ଦେଖିବାକୁ ଆଖି ଦୁଇଟା ଚୁପି ଧରିଲା। କହିବ କହିବ ହେଲା କାହିଁ ଭୁଲ, ଭୁଲ ତୁମର ଜବାବ। "ଦୁନିଆରେ କେହି ନାହିଁ ତୁମର ଏ ବନ୍ଧନକୁ ପୃଥକ କରିବାକୁ? ହିଁ ହୋଇପାରେ ଦୁନିଆରେ ଆଜିକେହି ନାହିଁ ତୁମର ବନ୍ଧନ ଖୋଲି ଦେବାକୁ। ହେଲେ ତୁମେତ ଅଛ ଏ ଦୁନିଆରେ ? ତୁମେ କଣ ସେ ବନ୍ଧନ ପୃଥକ କରି ପାରିବନି ? - ଏକଥା ତୁମେ ସାହସରେ କହି ପାରିବ ? ମୋଟେ ନୁହେଁ। ତୁମେ କାହିଁକି, କେହି ନାହିଁ ଏତେ ବଡ଼ ଜବାବ ଟାଏ ଦେଇ ପକାଇବ। ଏ ତା ନିଜର ଅନୁଭୂତି - ଗୋଟାଏ ବାସ୍ତବ ଘଟଣା ଏମିତି କେତେ ଘଟଣା ଦେଖି ଦେଖି ଆଠବର୍ଷ ହେଲା ସେ ରକ୍ଷା କରୁଛି। ସେ ରକ୍ଷାବାନ୍ଧି ହେଲା

ବୋଲି ଯେ ତାର ବୋଧ ଶକ୍ତି ନାହିଁ, ଜୀବନ ନାହିଁ - ଏପରି ଭାବିବା ବଡ଼ ଭୁଲ । ସେ ମଣିଷ । ତାର ଜୀବନ ରହିଛି - ହୃଦୟ ଅଛି । ସେ ଭଲମନ୍ଦ ବିଚାର କରି ପାରିବ । କେହି ଯଦି ତାକୁ ଛାଇ ଭଳିଆ ବାଳ୍ୟ ଭାବି ତାର ଅନୁଭୂତିର ମୂଲ୍ୟକୁ ଅସ୍ୱୀକାର କରେ - ତାକୁ ଘୃଣାରେ ପରିତ୍ୟାଗ କରେ; ସେ, ସେ ଘୃଣାକୁ ଗ୍ରହଣ କରିବନି । ବରଂ ପର ଚାଣି ସେ ଘୃଣାକୁ ଛାଡ଼ିଦେବ । ସେଇ ଘୃଣା ଦେବ ତାକୁ ପ୍ରବଳ ଆଘାତ । ସେ କହିବ ନିଜର ଅଭିଜ୍ଞତା - ମଣିଷ ଜୀବନ ଅଭିଜ୍ଞତା । - କାରଣ ସେବି ମଣିଷ ।

ମଣିଷ ଜୀବନର କଥା - ନିଜକଥା - ଶ୍ୟାମା କଥା ।

ଶ୍ୟାମା -,

ତାର ପିଲାଦିନର ସାଥୀ । ଲୋକେ କହୁଥିଲେ "ଆହା ପିଲା ଦୁହିଁଙ୍କର ପରସ୍ପର ପ୍ରତି କି ମମତା, ସ୍ନେହ !!" ସେଇ ମମତାରେ ଦୁହେଁ ବାନ୍ଧି ହୋଇ ଗଲେ । ସ୍ନେହ ମମତାର ବନ୍ଧନ କେହି ଦେଖି ପାରେନି । ତା କେବଳ ଦୁଇଟି ହୃଦୟ ଜାଣେ । ସେ ବନ୍ଧନ ଅକାଟ୍ୟ - ଅଚ୍ଛେଦ୍ୟ - ଅଦାହ୍ୟ । ତଥାପି ସେ ବନ୍ଧନ ଛିଣ୍ଡି ଯିବ, ପୋଡ଼ି ଯିବ - ମନରୁ ପାଶୋରି ହୋଇ ଯିବ । କେମିତି ?

—କେମିତି କଣ ? ଅତି ସହଜ ଢଙ୍ଗରେ । ହଁ, ସେ ଭଲ ପାଉଥିଲା ଶ୍ୟାମାକୁ; ଗାଁରେ କିଏ ନଜାଣେ ଏକଥା ? ସମସ୍ତଙ୍କର ଜାଣତରେ ସେ ଶୁଣୁଥିଲା ଶ୍ୟାମା ରହିବ ସବୁଦିନେ ତା'ପାଖେ ସାଙ୍ଗ ପିଲାଦିନେ ଦୁହେଁ ଯେମିତି ଏକାଠି ବସି - ଖେଳି କଟାଇ

ନେଇ ଥିଲେ କାହିଁ ହୋଇ ପାରିଲା ? ସେ ଦୂର ରାଜ୍ୟ ବମ୍ବେରେ ଭୂମା ଓଡ଼ିଶାର କାହିଁ କେଉଁ ମଫସଲ ଗାଁରେ । ସେଠି ସେ ବସୁନ୍ଧୁ-
କୁ ଜାଣନ୍ତି କହି ପାରିବନି ।

ଅନୁମାନରେ ବସୁନ୍ଧୁ ବୋଲି ଯଦି ଧରିନେବ, ତାହା ହେଲେ ଗୋଟାଏ ଅସମ୍ଭବ ରକମର କଳ୍ପକଥା ବୋଲି ଧରି ନେବାକୁ ହେବ । କାରଣ ସେଇଦିନ ଗାଁ - ପଞ୍ଚାୟତ, ଜାତି ଭାଇମାନେ ଏକାଠି ବସି ସିଦ୍ଧାନ୍ତ କଲେ - "ଅନାର ଏ ଅପରାଧ ଲାଗି ତିନି ଶହ ଟଙ୍କା ଜରିମାନା ଦେଉ । ନଚେତ୍ ଏ ଗାଁ ମାଟିରେ ତାର ରହିବାର ଅଧିକାର ନାହିଁ" - ସେ ନୀରବରେ ଏଇ ନିଷ୍ପତ୍ତିକୁ ଶୁଣିଲା ।

ତିନିଶହ ଟଙ୍କା ! ସେ କୋଉ କୋଡ଼ି ଗଣିଲା ହେଲା ପନ୍ଦର କୋଡ଼ି । ତା ପାଖରେ ପନ୍ଦର କଡ଼ା ନଥାଏ । - ସେ ଦୀର୍ଘ ନିଶ୍ୱାସ ମାରିଲା । ଭାବିଲା କେଡେ ନିଷ୍ଠୁର ଜାତିଆଣ ଭାଇ ତୁମେ ! ହୃଦୟ ନାହିଁ ତୁମର । ବିଚାର କରି ପାରିଲେନି କେତେ ବଡ଼ ଆଘାତ ଦେଉଛ ଦୁଇଟି ସରଳ ଜୀବନରେ । ଭୁଲୁ ସେ କେବଳ ଆଙ୍ଗୁଠି ଗଣି ଗଣି ନୀରବରେ ଲୁହ ଢାଳିଲା । ପନ୍ଦର କୋଡ଼ି । ତା ପକ୍ଷରେ ମିଳିବା ଅସମ୍ଭବ । ସପନରେ ସେ ଏକା ବେଳକେ କୋଡ଼ିଏ ଟଙ୍କା ଦେଖିନି । ପନ୍ଦର କୋଡ଼ି ଦେବ କେଉଁଠୁ ?

ତେବେ ତାକୁ ନିଶ୍ଚୟ ଗାଁ ଛାଡ଼ିବାକୁ ହେବ - ଅଶେଷ ସ୍ନେହର ଭୂମାକୁ ଛାଡ଼ିବାକୁ ପଡ଼ିବ । ଗାଁ ପଞ୍ଚାୟତ ମୀମାଂସା କରିଛି

ସତ ପାହିଲା ବେଳକୁ ଅନା ନଥିବ ଗାଁରେ - ନଇଲେ ତିନିଶହ ଦେଉ । ନଇଲେ···

—ନଇଲେ କଣ ହେବ ?- ସ୍ପଷ୍ଟ । ସେ କଥାରୁ ଅର୍ଥ କ ମିଳବ । ହେବା, ନହେବା କଥା ହାତରୁ ଖସି ଯାଇଛି - ନେଇ ଗୁରୁ କହୁଣୀକୁ ବହୁ ଯାଇଛି । ତାକୁ ଗାଁ ଛାଡିବାକୁ ହେଲା । ପ୍ରତିବାଦ କରିବାକୁ ଶକ୍ତି ନଥିଲା । ଚାଲି ଆସିଲା ସୁଦୂର ବମ୍ବେ ତା ପିଲା ଦିନର ହସ - ବେକାର ବମ୍ବେ ।

ଅନା ମୁଣ୍ଡପାତି ଆଦେଶ ଗ୍ରହଣ କଲା । ଆଖିରେ ଲୁହ, ଓଠ ତଳେ କୋହ ଆସିଲା ! ମନେ ମନେ କେତେଥର ଡାକିଲା "ଭୂମା ! ··· ଭୂ ··· ମା !" କଣ କହୁଛି ବୋଲି । କିନ୍ତୁ କହି ପାରିଲାନି ।

ସେ ନିଶହାପୁ ହୋଇ ଘରେ ଆଡ଼କୁ ଚାହିଁଲା । -କିଏ ଅଛି ତାକୁ ରକ୍ଷା କରିବ ? କେହି ନଥିଲେ । ନିଶ୍ଚୟ ସେ ଗାଁ ଛାଡ଼ିବ । ହଁ, ହଁ ସତ ପାହିଲା ପୂର୍ବରୁ ସେ ଗାଁରୁ ପଳାଇ ଥିବ । ତେବେ, ତାପୂର୍ବରୁ ଥରେ କଣ ? ଅନା ଆପଣାର ଭୂମାକୁ ଦେଖି ପାରିବନି ? ଦୁହେଁ ସ୍ୱପ୍ନ - କାହ୍ନା ପରି ଭାବିଥିଲେ । ଭୂମା କଣ ସ୍ୱପ୍ନାପରି ଅପସରି ଯିବ ସ୍ୱପ୍ନାଏର ଲାଗି ରହିବ ।

ଅନା ସେଦିନ ଏମିତି କେତେ କଣ ଭାବି, କେତେ ଆଶାରେ ଗାଢ଼ ଅନ୍ଧକାର ରାତିରେ ଭୂମାଘର ବାଡ଼ି ପଟକୁ ଆସିଲା । ଭଲା କିଛି କିଛି ଅନ୍ଧାର - ନିଶା ଗରଜୁ ଥାଏ ସାଇଁ ସାଇଁ ପବନ ଖସା ଶବ୍ଦ ପଥର ପଡିଲା ପରି ବୋଧେ ହେଉଥିଲା।

ଭିଲ ମାଳରୁ ଝିଲ୍ଲିଆର ରଡ଼ - ଗଧିଆର ମୂର୍ଚ୍ଛାର ଝିଣା କୁହୁକ ଥିଲା ଅନ୍ଧାରର ସ୍ୱଗତ ଥକ୍କା। ସେ ସବୁ ଶୁଣିଲା। ପଥର ପରି ବସି ରହିଲା ବହୁ ଦିନର ପରିଚିତ ବୋଳିଆ ଗଛମୂଳେ - ଯେଉଁଠି ଦେଖିଥିଲା ସେ ଭେଟିଛି ଭୀମାକୁ। ମନରେ ନିବିଡ଼ ଆଶା - ନିଶ୍ଚୟ ଭୀମା ଆସିବ।

ଅନେକ ସମୟ ସେ ଅପେକ୍ଷା କଲା - ମଶା, ଡାଆଁଶର ଦଂଶନ ବାଧିନି। ଭୀମା ଆସିବ - ପ୍ରବଳ ଆଶା।

ରାତି ଗଡ଼ି ଆସିଲା। ମନର ଆଶା ମରି ମରି ଆସିଲା। ଶେଷଥର ପାଇଁ ଭୀମାର ସେ ଦେଖା ପାଇବନି। ରାତି ପାହିଲେ ଗାଁରେ ଯେତେବେଳେ ସ୍ପଷ୍ଟ ହେବ "ଅନା ଗାଁ ମୁଣ୍ଡ ପକାଇଛି" ସରଳା ଝିଅଟିର ଦଶା କଣ ହେବ? - କିଏ ତାକୁ ସାନ୍ତ୍ୱନା ଦେବ? - କେହି ନାହିଁ ତା ପାଇଁ। ସେ ଖାଲି କାନ୍ଦିବ, ଲୁହ ଢାଳି ଢାଳି ସଢ଼ିବ। ନଇଲେ—

—ନଇଲେ କଣ କରିବ ସେ? ଅନା ବହୁତ ହୋଇଛି। ଆତ୍ମହତ୍ୟା! ନଇଲେ ସେ କରିବ ଆତ୍ମହତ୍ୟା। ଦୁଃଖର ଦାଗ ଲିଭାଇ ବାକୁ ଜାଣି ଜାଣି ସେ ନିଜକୁ ମିଶାଇବ ମାଟିରେ।- ଅନା ସ୍ତବଧ୍ ହୋଇଛି, ନିର୍ଜନତାକୁ ଚାହିଁଛି। କିଏ ଅଛି ଉପାୟ ଦେବାକୁ? କେବଳ ଥିଲା —

ଝିଲ୍ଲିଆର ଡାକ, ନିର୍ଜନତାର ସାଇଁ ସାଇଁ ଯବାବ। ଶେଷରେ ମର୍ମାହତ ଆକୁଳ ବିକଳ ବେଦନା କରୁଣ କଣ୍ଠରେ ଅନା ତା'ର ନଗାଧରି ଭାଷା ଭୀମା ଉଦ୍ଦେଶ୍ୟରେ ଅର୍ଦ୍ଧ ସ୍ପନ୍ଦିତ ମଉଳା ସ୍ୱରକୁ ଶୁଣାଇ ଦେଇ ଗଲା, —

ଭ୍ରମାଲୋ ! ଜାଣି ଶୁଣି ନିଜକୁ କେବେ ମାଟିରେ ମିଶାଇବୁ ନାହିଁ । ମଣିଷ ଜୀବନ ଅତି ଦୁର୍ଲଭ । ବହୁ ତପସ୍ୟା କଲେ ଜୀବାତ୍ମା ମଣିଷର ରୂପ ଧରେ । ସେ ମଣିଷ ଜୀବନକୁ ଜାଣି ଶୁଣି ଏମିତି ଅସହାୟ ଭାବେ ବ୍ୟର୍ଥ କରିବୁ ନାହିଁ । ବ୍ୟର୍ଥ କଲେ ମହାପାପ ହେବଲୋ !

ମହାପାପ ! ଅନାର ଅନ୍ତର ଭିତରଟା ଶୀତେଇ ଉଠିଲା । ଅପଲକ ଆଖିରେ ଜଳ ଜଳ ହୋଇ କ୍ଷଣିକ ପାଇଁ ଅଶ୍ରୁଳ ଦୃଷ୍ଟି ନିକ୍ଷେପ କଲା ଅନନ୍ତ ଆକାଶରେ ଆଉ ସେହି ଅନନ୍ତ ଆକାଶର ଅନ୍ତରାଳରେ, ଅନାର ଅନ୍ତର ଭିତରଟା ସ୍ପଷ୍ଟ ଶୁଣିବାକୁ ପାଇଲା ଠିକ୍ ମଣିଷର ଭାଷା—

—ସତରେ ଅନା ! ଜାଣି ଶୁଣି ଜୀବନଟାକୁ ବ୍ୟର୍ଥ କଲେ ମହାପାପ ହେବ । ଆଉ ସେହି ପାପର ଫଳ ସ୍ୱରୂପ ନର୍କରେ ଦହଗଞ୍ଜ ହୋଇ ମରିବାକୁ ପଡ଼ିବ । ଜାଣୁ ଅନା ! ପାପ ପାଇଁ ନର୍କ ଓ ପୂଣ୍ୟ ପାଇଁ ସ୍ୱର୍ଗ ।

ନର୍କ, ସ୍ୱର୍ଗ । ଦୁଃଖ, ସୁଖ । ସୁଖ ହେଉଛି ଶାନ୍ତି । ଶାନ୍ତି ହେଉଛି ସ୍ୱର୍ଗ । ଦୁଃଖ ହେଉଛି ଅଶାନ୍ତି, କୁଣ୍ଠା - କ୍ଲିଷ୍ଟ; ନର୍କ ।

ଅନା ହାତଯୋଡ଼ି ନମ୍ରତାରେ ଉପର ଆକାଶକୁ କହୁଛି, ପ୍ରଭୁହେ ! ସେ ନିଜେ ଦୁଃଖ କରୁନି, ଅନୁଶୋଚନା କରୁନି ତାର ଅଂ ନାହିଁ । ସେ ମହା ଶାନ୍ତିରେ ରହୁଛି । ତାକୁ ନର୍କର ଯନ୍ତ୍ରଣା ଦିଅନା । ତା ପରେ ଭ୍ରମା ଲାଗି ସେଇ ଦେବତା ନିକଟରେ ଅଳି କରୁଛି - ନିର୍ଜନତାକୁ କହୁଛି ତୁମେମାନେ ଭ୍ରମାକୁ ଟିକିଏ କହିଦେବ - "ଭ୍ରମା ! ଦୁଃଖ କରନି, ଅନୁଶୋଚନା କରନି - ଅନା ଚାଲିଗଲା

ବୋଲି । ନିଷ୍ଠୁର ଜାତିଆଣ ଯେଉଁ ଦଣ୍ଡ ଦେଇଛି ତାକୁ ଏଡ଼ି ଦେବାକୁ ଯୁ' ନାହିଁ । ସେ ଏଇ ଗଛମୂଳେ ତଳେ କେତେ ଅପେକ୍ଷା କରି ପେଇଛି । ତୋର ଦେଖା ହୋଇଥିଲେ କେତେ କଣ କହିଥାନ୍ତା । ଶେଷରେ ସେ ନିଷ୍ପେଶରେ ପେଷିଛି - ଜାତିଆଣର ହୁକୁମ ମାନି ନେଇଛି । କହିଛି - ଯଦି କେବେ ତା ହାତରେ ଜନ୍ମଣିହ ହେବା ହୁଏ, ମୋ ପେଶ ଅସିବ ଗାଁକୁ ତୋ ପାଖକୁ । ନିଷ୍ଠୁର ଜାତିଆଣର ଗ୍ଲାନି ଉପରେ ଠିଆ ହୋଇ ଆଖି ଦେଖାଇ କହିବ - ଦେଖ ସେ ଜୀଇଛି, ଭାମା ତା'ର ! ଭାମା ! ଏଇ ଆଶାର ପ୍ରତୀକ୍ଷାରେ ବସିଥିବୁ - ଅନା ପୁଣିଥରେ ଆସିବ । ସେ ଗୃହତ୍ୟାଗୀ ବୋଲି କାନ୍ଦ କାନ୍ଦ ନିଜକୁ ନଷ୍ଟ କରିବୁନି । ନଷ୍ଟକଲେ ମହାପାପ - । ପାପ, ହେଉଛି ନର୍କ, ଦୁଃଖ ମନସ୍ତାପ । ଯଦି କେବେ ଅନାଲାଗି ମନରେ ଦୁଃଖ ଆସେ, ଅବାରିତ ଲୋତକ ଧାର ବହେ, ତେବେ ଏଇ ଉପର ଆକାଶକୁ ଚାହିଁବୁ । ଏଇ ମିଟି ମିଟି ତାରା ଗହଣରେ ଗୁହ୍ଲିଚନ୍ଦ୍ର ଜଣେ - ଯେ ଉଜ୍ଜ୍ୱଳଚନ୍ଦ୍ର ଭଲ ମନ୍ଦ, ପାପ ପୁଣ୍ୟ, ସେଇ କଥା ବୁଝାଇ ଦେବେ । କହିବେ - ମଣିଷ ଜୀବନ ଦୁର୍ଲଭ । ତାକୁ ହସି ଖେଳି କଟାଇ ଦେ ।" × × ×

ଅନାର ଭାବନାରେ ଭାସି ଯାଉଥିଲା - ରିକ୍ସାର ହାଣ୍ଡେଲ ଧରି । ସେ ଦେଖୁଛି ଅନନ୍ତ ଗଗନର ବଡ଼ାଙ୍କ ଗୃହ । ସେଇ ନିର୍ଜନତା ଭିତରୁ କେଏ ପ୍ରତିଧ୍ୱନି ଛଳରେ କହୁଛି "ଅନା ! ତୁ ଭୁଲ ଖବର ଦେଉଛୁ । ଆମେ ଏତେବଡ଼ ଭୁଲ ଖବର ଭାମାକୁ ଦେଇ ପାରିବୁନି । ସେ ତୋର ଉପଦେଶ ବା ଆଦେଶକୁ ମାନି ପାରିବନି । ସେ ତୋ ଲାଗି ଲୁହ ଢାଳିବ - ମରି ମାଟିରେ

ମିଶିବ । ନାଇଁ ତ କହିବ ଦୁର୍ଲଭ ଜୀବନ ଏକାତ୍ମୀୟର କେତେବେ ଖେଦ ପାଏନି । ତାର ଲୋଡ଼ା ଆଉଜଣେ ସାଥୀ ।"

ଅନା ଚମକି ଉଠିଲା । ଏବେବି ବାସ୍ତବତାର ଅନୁଭୂତିରେ ଆଖି ତାର ଯଚେଇ ଆସିଲା । ତାକୁ ଅନାଇଥା ଦଶିଲା । ସୁମାର ଦେଖା ନପାଇ ସେ ଗୃହରେ ଫେରି ଆସିଛି, ଅଣ ମର୍ମାହତ ହୋଇ । ସୁମା ତା ଲାଗି ଶୋଚନା କରନ୍ତି । ଶୋଚନା କରନ୍ତି ଦୁଃଖ ନର୍କ ସେବି ବାକୁ । ସେଇ ଲୁଚିଲା ଦେବଭାବ ଇଙ୍ଗିତରେ ବାନ୍ଧି ନେଇଛି ଜଣେ ସାଥୀ । ହସିଖେଳି ବିତାଇ ଦେଉଛି ସମୟ । ଭୁଲି ଯାଉଛି - ପୂର୍ବେ, 'ଅନା' ବୋଲି ଜଣେ ତାର କେତେଆଉ ସାଥୀ ଥିଲା ।

ଅନା ଦେଖି ପାରିଲାନି ନିଜ ଭିତରେ ଏତେବଡ଼ ଦୁଃଖ । ପାଷାଣ ପରି ଛାତି ଧରି ଠିଆହେଲା । ସତକଥା ମଣିଷ ଅନ୍ୟର ଜୀବନ ଲାଗି ଶୋଚନା କରିବ କାହିଁକି ? ଯେଉଁ ଜୀବନ ଦୁର୍ଲଭ ତାକୁ ସୁଖ ସ୍ୱଚ୍ଛନ୍ଦରେ ବିତାଇବା ଉଚିତ । ସୁମାର ଜୀବନ ଦୁର୍ଲଭ । ଦୁର୍ଲଭ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଯଥାର୍ଥରେ ସେ ଯଦି ଭୁଲିଯାଇ ଥାଏ ଅନାକୁ - ସେ ଯଦି ଗ୍ରହଣ କରିଥାଏ ଆଉ କେଉଁ ସାଥୀ - କାହିଁକି ସେ ଦୋଷ ଦେବ ସୁମାକୁ ?

କାହିଁକି ସେ ବାଧା ଦେବ ସୁମାର ସ୍ୱେଚ୍ଛା ଚାରିତାରେ - ସେ କଣ ମଣିଷ ନୁହେଁ - ତାର କଣ ସ୍ୱାଧୀନତା ନାହିଁ ? - କାହିଁକି ସେ ଦୋଷ ଦେବ ସମାଜ ଜାତିଅଣର ନିର୍ମମ ନିର୍ଦ୍ଦେଶକୁ ? ସେମାନେ କଣ ମଣିଷ ନୁହଁନ୍ତି ? ତାଙ୍କର ଜୀବନ କଣ ଦୁର୍ଲଭ ନୁହେଁ ? ତାଙ୍କର କଣ ଉପଭୋଗ କରିବାର - ମଉଜ ମଜଲିସ

କରିବା'ର ବାସନା ନାହିଁ ? ତାଙ୍କର କଣ ସ୍ୱେଚ୍ଛାଚାରିତା ନାହିଁ ନାହିଁ? ସ୍ୱାଧୀନତା ? କେଉଁ ତାରି ବଳରେ ସେମାନେ ଦେଇଛନ୍ତି ଆଦେଶ, —କହୁଛନ୍ତି ଅନା ତୁ ନେଇଯା ରେ । ଗାଁ ଦେବତାଙ୍କ ପାଖରେ ମାଜଣା ହେବ । ଦୁର୍ଲଭ ଜୀବନର ମଙ୍ଗଳ ମଙ୍ଗଳସୂତ୍ର ଧାଇଁ ଭେଜା ଭିତର ଧୂମ୍ର ଉଡ଼ିବ । ତେବେ ସେ ଦୋଷଦେବ କାହିଁକି ? କାହାକୁ ? ଯଦି ଦୋଷଦେବ, ନିଜକୁ ନିଜର ଦାରିଦ୍ର୍ୟତାକୁ - ନିଜର ଅଯୋଗ୍ୟତାକୁ । ତା ପାଖରେ ଯଦି ଟଙ୍କା ଥାନ୍ତା, ତେବେ ଭାମା ରହିପାରି ଥାନ୍ତା, ତା ପାଖରେ । ତା ପାଖରେ ରହିଥାନ୍ତେ ଜାତି, ସମାଜ, ଭାଇ । ଟଙ୍କାର ଅଭାବ ତାଠୁ ଛଡ଼ାଇ ନେଇଛି ସବୁ । ଭାମାକୁ ସେ ଖୋଜୁଛି - ଭାମା ତାକୁ ଖୋଜୁଛି । ସେ ଖୋଜୁଛି କୁଟୁମ୍ବ, ଭାଇ, ବନ୍ଧୁ, ସୋଦର - ସେମାନେ ଘୃଣୁଛନ୍ତି ଅନାକୁ । ଜାତିଆଣ ପଞ୍ଚାମୃତ କହିଛନ୍ତି ତୁ ନଷ୍ଟ କରିଛୁ ଆମ ଜାତିର କୁମାରୀ ଝିଅକୁ - ଏ ଗାଁ ମାଟିରେ ତୋର ସ୍ଥାନ ନାହିଁ ।" ସେ ଖୋଜୁଛି ଗାଁ —ଗାଁ ମାଟି ଖୋଜୁଛି ତାକୁ । ଯେଉଁମାନଙ୍କ ସହିତ ପିଲାଦିନରୁ ସ୍ନେହ ମମତା ଭିତରେ ହାତ ମିଳାଇ ଚାଲି ଆସିଥିଲା ସେମାନଙ୍କୁ ହରାଇଛି ।

ସମସ୍ତେ ତାକୁ ହରାଇଛନ୍ତି - ସେ ହରାଇଛି ସମସ୍ତଙ୍କୁ ।

ଅନେକ ଦିନ ଗଡ଼ିଗଲାଣି ନିଜର ପରିଚିତ ପ୍ରିୟଜନଙ୍କୁ ହରାଇ । କେତେ ଲୋକଙ୍କର ମୁହଁ ଭୁଲି ଗଲାଣି । ଗାଁର ଛୋଟ ଛୋଟ ପିଲାମାନଙ୍କର ନାଁ ମଧ୍ୟ ମନେ ପଡ଼ୁନି । ହୁଏତ ଆଉ କେତେଦିନ ପରେ ଭୁଲିଯିବ ଗାଁର ଆକାର ପ୍ରକାର । କିନ୍ତୁ ଭାମାକୁ ସେ ଭୁଲି ପାରୁନି । ଭୁଲିବାକୁ ଚେଷ୍ଟା କଲେ ମଧ୍ୟ ହାରୁଛି । କାହିଁକି ? ଦୁଇଟି ମନ ଓ ପ୍ରାଣର ପବିତ୍ର ସମ୍ପର୍କ । ତାକୁ ଭୁଲି ହୁଏନା ।

ଭ୍ରମାକୁ ଫେରି ପାଇବାର ଆଶା ଜୀବନ୍ତ ରହିଛି । ସେଇ ଆଶାର ଇଙ୍ଗିତରେ ଚନ୍ଦ୍ରଶେଖର ଟଙ୍କା ଯୋଗାଡ଼ କରି ଗାଁକୁ ତା'ର ଯିବ । ଭ୍ରମାକୁ ବାହା ହେବ । ସେଇଦିନ ତାକୁ ଗାଁରୁ ଉଠେଇନେବ ତାଙ୍କ ଆଖିରେ ଖୁସି ଝଲସିବ । କହିବ, "ଭ୍ରମାଦେଈ ! ଆମକୁ କିଏ ଏମାନେ ଅଲଗା କରି ପାରିବେ !" – କିନ୍ତୁ ଚନ୍ଦ୍ରଶେଖର ଟଙ୍କା ! ସେ ପାଇବ କି ?

ଆଶା ଓ ନୈରାଶ୍ୟର ଦ୍ୱନ୍ଦ୍ୱ ଭିତରେ ଅନାର ପଞ୍ଚପ୍ରାଣ ଆନ୍ଦୋଳିତ ହୋଇ ଉଠିଲା ।

ଭ୍ରମା ! ବହୁ ଦୂରରେ । ଓଡ଼ିଶାର ଉପକୂଳ ଅଞ୍ଚଳର କେଉଁ ଏକ ପଲ୍ଲୀ ଗାଁରେ । ଅନା ସେଇ ଦାଗକୁ ଚାହିଁଛି । ଭାବୁଛି-ସେ ହିନା ଭ୍ରମାକୁ ଭୁଲିବନି ବୋଲି ପଣ କରିଛି । ଭ୍ରମା ଯଦି ଭୁଲିଯାଏ ? ନିଜ ଜୀବନକୁ ହସ ଖୁସିରେ କଟାଇ ଦେବାର ଚାହିଁବସେ ? ନା, ନା, ଭ୍ରମା ସୁଖରେ ରହୁ । ଭ୍ରମାର ସୁଖ ହିଁ ତା'ର ସୁଖ । ଭ୍ରମାର ଆନନ୍ଦ ହିଁ ତାର ଆନନ୍ଦ ।

ସତରେ ଭ୍ରମା କ'ଣ ଭାବୁଥିବ ଅନା ତାକୁ ଠକିଛି ବୋଲି ? ଜାତିଆଣର ଧମକକୁ ଡରି ଚୋରପରି ଲୁଚି ଲୁଚି ସେ ପଳାଇଛି ତା ପାଖରୁ । କାହିଁକି ନଡାକିଲା ତାକୁ ? ଡାକିଥିଲେ ନିଶ୍ଚୟ ସେ ଆସିଥାନ୍ତା ଅନା ସଙ୍ଗରେ । ହଁ ଅନା ଭରି ଦେଇଛି ତା ମନରେ ସନ୍ଦେହ । ଯାହାପାଇଁ ହୁଏତ ଭୁଲି ଯାଇଥିବ ସେ; ନିଜକୁ କେବଳ ଅନାପାଇଁ ଜାଳି ପୋଡ଼ି ନଷ୍ଟ ନକରିବାକୁ । ତା ପରେ ନିଶ୍ଚୟ ସେ ବାଛି ନେଇଥିବ ଆଉଜଣେ ସାଥୀ । ଯଦି ସେ କେବେ ଗାଁକୁ ଫେରେ ଭ୍ରମା ତାକୁ ବିଶ୍ୱାସ କରିବନି । କହିବ, "ତୁମେ

ତୁମେ ଭାରି ଦୁର୍ବଳ । ତୁମେ ପ୍ରତାରକ, ଠକ ।" ଅନା ନିଶ୍ଚୟ ମଥାପାତି ସମ୍ମତି ଜଣାଇବ - ସେ ଭୁଲ କରୁଛି ବୋଲି ।

ଅନା ନିଜର ଯୁକ୍ତିକୁ ସାବାସ ଦେଇ ମନେ ମନେ ଭାବିଲା ଏ ବାବୁ ଭୁଲ ବୁଝିଛନ୍ତି । ଯାଙ୍କର କହିବାର ଅଧିକାର ନାହିଁ, "ସିପ୍ରା ! କେହି ତୁମକୁ ପୃଥକ କରି ପାରିବେନି ଏ ବନ୍ଧନରୁ ।" ସେ ଦିନେ ଏଇକଥା କହୁଥିଲା ଭୀମାକୁ । କିନ୍ତୁ ଆଜି ? କାହିଁ - ଭୀମା - ଗାଁ ମାଟି - ସ୍ନେହ ମମତା ? ସବୁ ଭୁଲ । ନିଜର ଦୁର୍ବଳତା ଲାଗି ହେଉ କିମ୍ବା ସମାଜ, ଜାତି, ଗୋଷ୍ଠୀର ସ୍ୱାର୍ଥ ଲାଗି ହେଉ, ନିଶ୍ଚୟ ଛଡ଼ାଇ ନେବ ଜଣକୁ । ସବୁ କ୍ଷଣିକ ଲାଗି । ତା ନହେଲେ ତା' ପ୍ରାଣର ଭୀମାକୁ କଣ ସେ ଅନ୍ତର କରି ପାରନ୍ତା ? ହଁ, ସବୁ କ୍ଷଣିକ ଲାଗି । ଏ ବାବୁ ଭଲ କହୁଛନ୍ତି । "କେହି ଛଡ଼ାଇ ନେବେନି ସିପ୍ରାଙ୍କୁ" । ଏହା ମନଗଢ଼ା କଥା କେବଳ ।

ଅନାର ପାଟି ଖଜବଜ ହେଲା କହି ଦେବାକୁ -"ବାବୁ ! ଭୁଲ କହୁଛନ୍ତି । ଭବିଷ୍ୟତ କଣ ନେଇ ଆସେ କହି ହୁଏନି ! କିନ୍ତୁ; ବର୍ତ୍ତମାନ ଏ ବନ୍ଧନରୁ ତୁମକୁ କେହି ପୃଥକ କରି ପାରିବେନି ସିପ୍ରା ! ମୁଁ ତୁମକୁ ଖୁବ୍ ଭଲ ପାଏ - ମୁଁ ଚାହେଁ ତୁମକୁ । ତୁମର ଗାଁ, ଗାଉଁଲି, ଗରିବ ପଣିଆ - ଉଚ୍ଚତର ଆସନକୁ ନୁହେଁ ।"

କହି ପାରିଲାନି ଅନା । ସ୍ୱର ରକ୍ସା ବାଲା ସେ । କି ଅଧିକାର ଅଛି ପଶୁଇବାକୁ ? ସେ ବନ୍ଧନ ଛିଣ୍ଡୁ, ନଛିଣ୍ଡୁ - ସେଥିରେ ତାର ଯାଏ ଆସେ କଣ ? ତାର ସେବା ସେତିକି

ମୁଠାଏ ସ୍ମୃତି । ସେଥିପାଇଁ ସେ ଖୋଜୁଛନ୍ତି । ଯେତିକି ମିଳିଲା ଯଥେଷ୍ଟ । ଜୀବନ ସାରା ହସି ଖେଳି, ଅତୀତକୁ ଭୁଲିଯାଇ, ବର୍ତ୍ତମାନର ସ୍ମୃତିରେ ନିଜକୁ ଗଢାଇ ସେ ସମସ୍ତ ବିଦାୟ ପାରିଲେ ଖୁବ୍ ଭଲ । କି ମିଳିବ ଅନ୍ୟ କଥାରୁ ? କିଏ ତାହାଁକ ଗୁରୁତ୍ୱ ଦେବ-ଭଲପାଇବାର ଅନୁଭୂତିକୁ ? ସେ କେତେ ବଞ୍ଚିବେ ଗଣ୍ଡାଏ ?

ଅନା ପ୍ରକୃତିସ୍ଥ ହେଲେ । ଡାକିଲେ - ବାବୁ !

ବାବୁ ମନ୍ତ୍ରମୁଗ୍ଧ ପରି ଚାହିଁ ରହିଥିଲେ ସିପ୍ରାଙ୍କୁ । ଆଜି ବୋଧ ହୁଏ ଖୋଜୁଥିଲେ - ସିପ୍ରା ନିଶ୍ଚୟ ତାଙ୍କ କଥାର ଜବାବ ଦେବେ - "ହଁ, କେହି ନାହିଁ ଏ ବନ୍ଧନରୁ ପୃଥକ କରିବାକୁ । ତୁମରି ହାତର ମୃଦୁ ସ୍ପର୍ଶରେ ହସି ହସି ହାଲୁକା କରିବି ମନକୁ । ତୁମେ ମୋର ଦେବତା···ସର୍ବସ୍ୱ ··"

କିନ୍ତୁ, ସିପ୍ରା କହି ପାରିଲେନି କିଛି । ବରଂ ନିଃଶ୍ୱାସର ଧକ୍କା ଅନୁଭୂତ ବୋଧକଲେ । ନଇଲେ ମୁହଁ ତାଙ୍କର ବିବର୍ଣ୍ଣ ହୋଇ ଥା'ନ୍ତା କାହିଁକି ? କାହିଁକି, କୋମଳ ସ୍ପର୍ଶ କଂପି ଉଠିଥାନ୍ତା ? କାହିଁକି ଆସିଥାନ୍ତା ଅଶ୍ରୁର ଲୁହ ? ହତାଶର ପୂର୍ବାଭାସ ପାଇଛନ୍ତି ବୋଧେ ?

ନପାଇବେ କାହିଁକି ? ସ୍ନେହ - ମମତା!, ମୋହ - ମାୟା ସବୁ ଯେ କ୍ଷଣିକ । ପାଇବାର ଆଶା - ଦେବାର ଇଚ୍ଛା ଦୁଇଟାରୁ ଗୋଟାଏ ମରିଗଲେ କ୍ଷଣକରେ ସ୍ନେହ ମମତାର ଡୋର ଛିଡେ । ବାପ ପୁଅକୁ କରେ ତେଜ୍ୟପୁତ୍ର - ସ୍ୱାମୀ, ସ୍ତ୍ରୀ ଲେଖନ୍ତି ଛାଡ଼ପତ୍ର । କେହି ହେଲେ ସବେନା ଶଲ୍ୟ ଦାନର ସ୍ନେହ ମମତାର ମୂଲ୍ୟ

କେତେ ଥିଲା ? ଥିଲା ଅମୂଲ୍ୟ ମୂଲ୍ୟ । କିନ୍ତୁ ଗୋଟା ମୁହୂର୍ତ୍ତରେ ବିପରୀତ ଦଶା – ଟଙ୍କା ହସ୍ତା, ମୂଲ୍ୟହୀନ । ଅତି ସାମାନ୍ୟ କଥାରେ "ହିଁ ହେଉ, କେତେ ମନ ଫାଟୁଛି, ଘର ଭାଙ୍ଗୁଛି । କିଏ ବୁଝୁଛି ଏଥିରେ ? ନିଜେ ଥିଲେ ଭଲମନ, କାଲି ଘର ।"

ସିପ୍ରା ତାହାଙ୍କ ଭିତରେ ଶକୁନ୍ତଳା ହେଉଛନ୍ତି ? ବାବୁ ଯଦି ଭୁଲି ଯିବେ ବୋଲି ଧାରଣା, ତେବେ ଭୁଲି ଯା'ନ୍ତୁ ସେ । ଦୁନିଆରେ ଏମିତି ଜଣେ ବାବୁ ନାହାଁନ୍ତି । ମନକର, ଘର ଗଡିଆରେ ହେଉଛନ୍ତି ବାହାଦୁର । ପୁରୁଣା କଥାକୁ ଭୁଲିଯିବ ଆଗରୁ ଗୁଲିବ କଣ୍ଠିମାନରେ । ହୁଏତ ଟିଙ୍କାରେ ଆକର୍ଷଣ ଥାଏ ଦୁଇଟାକୁ ବନ୍ଧୁ ଟାଣିବାରେ । ତଥାପି ସେ ଆକର୍ଷଣକୁ ବ୍ୟର୍ଥ କରି ଗୁଲିବାକୁ ହେବ । ନଇଲେ ଜୀବନ ହେବ ପଙ୍ଗୁ ।

ସିପ୍ରା ! ତୁମେ କଣ ଚାହଁ ? ନିଜକୁ ଭିତରେ ଭିତରେ ଜାଳିପୋଡି ମାରିବାକୁ ? ଭୁଲ ତୁମର ଧାରଣା । ଅନାର ଇଚ୍ଛା ହେଲା ଏ କଥା ବୁଝାଇ ଦେବାକୁ । ହେଲେ, ସେ ଯେ ରିକ୍ସା ବାଲା । କେହି ନାହିଁ ତାର ଅଭିଜ୍ଞତା, ଅନୁଭୂତିର କାହାଣୀ ଶୁଣିବାକୁ । କିଏ ତାହାଙ୍କ ଗୁରୁତ୍ୱ ଦେଇ ତା କାହାଣୀ ଶୁଣିବେ ।

ଅନା ପୁଣିଥରେ ଡାକିଲା, "ବାବୁ" ?

ବାବୁଙ୍କର ମୋହ ଭାଙ୍ଗିଲା । ଓହ୍ଲାଇ ପଡିଲେ ରିକ୍ସାରୁ । ସିପ୍ରାଙ୍କର ହାତଧରି ଓହ୍ଲାଇଦେଲେ ତଳକୁ । ଅନା ହାତକୁ ବଢ଼ାଇଦେଲେ ଖଣ୍ଡିଏ ପାଞ୍ଚଟଙ୍କିଆ ନୋଟ ।

ଅନା ମନେ ମନେ ଟିକିଏ ହସିଲା । ଏମିତି ହସ ଅନେକଥର ହସିଛି ସେ । କେତେ ପ୍ରେମିକ - ପ୍ରେମିକା ଅମ୍ବହସ୍ତ ହୋଇ

ଏକ ଜାଗାରେ. ଦୁଇ ଦେଇଛନ୍ତି - ଗୋଟାଏ ଯାଗାକୁ ଯିବାକୁ ଆଉ ଗୋଟିଏ ଯାଗାରେ ଓହ୍ଲାଇ ଯାଇଛନ୍ତି । ଅନା ଦେଖି ଦେଖି ଅଭ୍ୟସ୍ତ ହୋଇଛି । ଆଶ୍ଚର୍ଯ୍ୟ ହେବ କାହିଁକି ? କହିଲା- "ବାବୁ ! ଆପଣ ସବୁ ଯିବେ ନାସନାଲ ପାର୍କ । ଆଉ ଯେ ଯାଇଲେ ବାଟ ରହିଛି ।"

ବାବୁ ଟିକଏ ଅପ୍ରସ୍ତୁତ ହେଲେ । କିନ୍ତୁ ନିଜର ଅପ୍ରସ୍ତୁତା ପ୍ରକାଶ କରିବାକୁ ଇଚ୍ଛୁକ ନୁହଁନ୍ତି । ସେଥିଲାଗି କହିଲେ - ନା କାଲିଯିବୁ । ଆଜି ଏଇଠି କାମ ଅଛି । ଦେ, ସେ ବ୍ୟାଗଟା ହାତକୁ ।

ଅନା ବ୍ୟାଗ ବଢ଼ାଇ ଦେଲା । ବାବୁ ଜଣକ ସିଧାର ହାତଧରି ଚାଲିଲେ । ଅନା ଏକ ଲୟରେ ଚାହିଁଲା । ଦୁହେଁ ହଜିଗଲେ ମେଳା ଗହଳିରେ । ସେ ରିକ୍ସା ବୁଲାଇଲା । ରିକ୍ସା ଗଡ଼ି ଚାଲିଲା ଘର୍... ଘର୍..., ଗଡ଼ି ଚାଲିଲା ଅଡ଼ୁଆ ଓଡ଼ୁଆ ଭାବନା । ଗୋଟାଏ ଖିଆଲରେ ଗାଇଲା "ଚେଡେର ଗୋଟେ ଗୋଟେ ମାଲତେମ ଉଡ଼େଇ ଉଡ଼େଇବାଲି ହୋ ଡେରେ କ୍ୟା କହନା ....." ।



ଟିପିଲ୍ଲ ଅନ୍ଧାର । ବିଜୁଳି ବତୀର ଆଲୋକରେ ସବୁ ସଫା ଦିଶୁଛି । ସାଇକଲ ରିକ୍ସାର ମଇଳା ଆଲୁଅ ରାସ୍ତାରେ ପଡୁଛି । ଅନା ଛୁଟାଉଛି ସାଇକେଲ ରିକ୍ସା ।

ଆଜି ସେ ଖୁବ୍ ଶୀଘ୍ର ପଡ଼ାରୁ ବାହାରି ଆସିଥିଲା । ଦି ପହରରେ ଯାଇ ପାରିନି ଆଉ । ପଡ଼ାର ଭଲମନ୍ଦ ଏଯାଏ ବୁଝି ପାରିନି । ମନ ଚଞ୍ଚଳ ହେଉଛି । ରିକ୍ସା ପଡ଼ାରେ କିଛି ଖରାପ ଘଟିନାତ ?

ଅନା, ଦିନେ ଦିନେ ରିକ୍ସା ବାନ୍ଧି ପଡ଼ାକୁ ଫେରିଲେ ଶୁଣେ - କେତେଜଣ ଚୋରା ମଦ ବ୍ୟବସାୟ ଲାଗି ଥାନାକୁ ଯାଇଛନ୍ତି - କାହାର କାହାର ଉପରେ ଲେଖା, ପକେଟମାର ଅପରାଧରେ ନମ୍ବର ମାଡ଼ ହୋଇଛି - କାହାର ଝିଅ ବୋହୂକୁ କେଉଁ ବାବୁ ଭୁଆଁ ଭୁଲେଇ ନେଇ ଯାଇଛି - କିଏ ବଜାରକୁ ଯାଇ ଆଉ ଫେରିନି । ସେ ଭାବେ, କାହିଁକି ଭଗବାନ ଏସବୁ ଘଟି ଯାଉଛି ପଡ଼ାରେ ? ଧନଯାକ ଝାଡ଼ୁଆଣୀ ଆଉଟେଣି ଗଣ୍ଠି ଗଣ୍ଠି

ମରୁଥିଲେବ କାହିଁକି ତାଙ୍କ ଉପରେ ଦୁର୍ବହ ଅତ୍ୟାଚାର ଚାଲିଛି ? କାହିଁକି ସେମାନେ ମଦ ପିଉଛନ୍ତି ? କାହିଁକି ସେମାନେ ଚୋରି କରୁଛନ୍ତି ? କାହିଁକି ତାଙ୍କ ଝିଅ ବୋହୂଙ୍କୁ ଅନ୍ୟମାନେ ଲୁଚାଇ ନଉଛନ୍ତି -? କାହିଁକି -???

ଅନାର ଗୋଡ ଟିକିଏ ଅଟକିଲା । ରିକ୍ସା ଗଡିଗଲା ଗୋଟାଏ ବଣାଝୁମ୍ପ ମୂଳକୁ । ବ୍ରେକ୍ ଦେଇ, ଥକ୍କାମାରି ରହିଗଲା । ମନରେ ଆଘାତ, କାହିଁକି ସବୁ ଜୁଲମ ଅତ୍ୟାଚାର ରିକ୍ସାବାଲା ଉପରେ ? ଯେଉଁମାନେ ମଦଭାଟି ଖାନତଲାସ କରିବାକୁ ଆସନ୍ତି, ସେମାନେ କଣ ମଦ ଖାଆନ୍ତିନି ? ନା, ନା ସବୁ ଗୁଣ୍ଡାଙ୍କ ରିକ୍ସାବାଲାର ଭୁଲ ନୁହେଁ । ଦିନଯାକ ଖଟି ଖଟି ଲୌହ ଲହଣ ହୋଇ କ୍ଲାନ୍ତ, ଦେହରେ ପେଟରେ ଘରେ ସେ ଚାହେଁ ଅତ୍ୟାଚାରିତ ଦୁନିଆକୁ ଭୁଲି ଯିବାପାଇଁ । ପଞ୍ଚାୟତର ହାଣ୍ଡିଆ - ଖଜୁରୀ ରସ - ଦେଶୀ ରଙ୍ଗମଦ, ଯାହାକୁ ସେ ବିନା ପଇସାରେ ପାଇ ପାରିବ ତା'ର ଆଶ୍ରୟ ନିଏ । ଢେକ୍ ଢକ୍ ଢକ୍ ଢାଳିଦେଇ ପିଇନେଇ, ଆଖିବୁଜି ଢଳିପଡେ ଠାଣୁଆ ମାଟି ଉପରେ । ଭୁଲିଯାଏ ଦୁନିଆର ଅତ୍ୟାଚାର, ଆଉ ତା'ର କରୁଣ ଜୀବନକୁ ।

ରିକ୍ସାବାଲା ତାର କରୁଣ ଜୀବନକୁ ଭୁଲାଇ ଦେବାଲାଗି ଖାଏ ମଦ—ଦେଶୀମଦ, ସରକାରୀ ହୁକୁମ ମନାକରିଛି ଯାହାକୁ । ଧାମିକିଆ ବିଲାତି ମଦ ଖାଇ ବଡଲୋକ ଯେବେ ମାତାଲ ହୋଇ ରାସ୍ତାରେ ଗଡନ୍ତି, କାହିଁ କେହି ତାଙ୍କୁ ବାଧା ଦିଏନି ? ପୁଲିସ ଦେଖି ନଦେଖିଲା ପରି ଭୁଲିଯାଏ । ଅନା ନିଜେ ଦେଖିଛି, ତଳେ

ଶହାବାବୁ ମଦଖାଇ ମାତାଲ ହୋଇ ରାସ୍ତା, ପାର୍କ, ସମୁଦ୍ର କୂଳରେ ଗଡୁଥିଲେ ବେଳେ ରିକ୍ସାବାଲା ଟାକ୍ସି ଡ୍ରାଇଭର ଅଧିକ ବକସିସ ପାଇବା ଆଶାରେ ତାଙ୍କୁ ନେଇ ଘରଦେଇ ଆସିଛନ୍ତି ବହୁବାର । ପୁଲିସ ଦେଖି ନଦେଖିଲା ପରି ଚାଲି ଯାଇଛନ୍ତି । କେହି ତାଙ୍କ ଉପରେ କଡା ନଜର ପକାଇନି । ତେବେ ରିକ୍ସାବାଲା ପେଟରୁ ଦାଉ - ଦୁଃଖର ଜ୍ୱାଳ ଭୁଲିଯିବା ଲାଗି ଯଦି ଦେଶୀ ମଦରୁ ଟୋପାଏ ପିଏ ? ତା' ଉପରେ ସମସ୍ତଙ୍କର ଆଖି କାହିଁକି ? କାହିଁକି ଦିନକେ ସତର ଥର ଘେରାଉ ହୁଏ ରିକ୍ସାଗଡ଼ା ? ନମ୍ବର ରିକ୍ସା ଚାଳକ ଏଥିରେ କଣ କସୁର୍ ଅଛି ? କସୁର ଅଛି କି ନଅଛି ବିଚାର କରିବା ଭାର ତାପରେ ରିକ୍ସାବାଲା ଉପରେ ନିର୍ଭର କରେନି । ସେବି ତାଙ୍କର ଭିତରୁ ଜଣେ । ଦୋଷୀ ବିଚାର ଆସନକୁ ଯାଇ ପାରେନି କେବେ ।

ଅନା ମନେ ମନେ ଠିକ୍ କଲା ସତେତ ସେ ସେଇ ମଦୁଆ, ଯୁଆଡ଼ି, ସଇତାନଙ୍କ ଭିତରୁ ଜଣେ । ସେ ମଦପିଏ, ମାତାଲ ହୁଏ, ଦିଲ ଖୁସିରେ ସିନେମା ଗୀତ ଗାଏ, ନାଇଠ ବଂଶୀ ବଜାଏ, - ଢୋଲକ ପିଟେ । କାହୁଁ କେବେତ ସେ ସ୍ୱୈର ଭଳିନ । ସମସ୍ତେ କୁହନ୍ତି ରିକ୍ସାବାଲା ଗୁଡାକ ମଦୁଆ, ଗୁଣ୍ଡା । ଏକାଟିଆ ପାଇଲେ ଭୁଲେଇ ନେଇ ଯାଆନ୍ତି ନୂଆ ଯାତ୍ରୀଙ୍କୁ । ଦୁରରେ ଖାଡ଼ାଡ଼, ଲମ୍ବା ଭଡ଼ାଉରେ ଧମକ ଦେଇ ଛଡ଼ାଇ ନିଅନ୍ତି ସବୁ । ନାଇଁତ ବେଳ ପଡିଲେ ଜୀବନ ନେବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଯୁଗ, ରିକ୍ସାବାଲାଙ୍କ ଉପରେ ସମସ୍ତଙ୍କର ଖରାପ ଧାରଣା । ଗାଡିରେ ବସିବା ପୂର୍ବରୁ ଟିପି ନିଅନ୍ତି ରିକ୍ସା ଓ ରିକ୍ସା ବାଲାର ନମ୍ବର । ଧମକ ଦେଲାପରେ ପଚାରନ୍ତି କେତୁଟା ପ୍ରଶ୍ନ । ନିଜେ

ଏକା ନସଅରୁ ଅଟେ ଲଷ୍ଟରହୁ । କିନ୍ତୁ, କାହିଁ ଦିନେତ ସେ କାହାକୁ ଠକନ । କେଉଁ ନାରୀ ଉପରେ ଆଖି ଦେଇନ । ଆଜି କେଉଁ ରିକ୍ସାବାଲା ଏଠାରେ କାଣ୍ଡ କରିବାର ସେ ଜାଣେନ । ତେବେ ଏତେବଡ଼ ବୃଥା ଦୋଷଦିଅନ୍ତି କାହିଁକି ? ବଂର ସେ ରକ୍ଷା କରିଛି କେତେ ରିକ୍ସାବାଲାର ଝିଅ ବୋହୂଙ୍କୁ ।

ପୁଣି ମଦଖଟି ଦେଖିବା, ସ୍ବୈର ଧରିବା ବାହାନାରେ କେତେକାବୁ ଆସନ୍ତି ପଡ଼ାକୁ । ଘରଘର ବୁଲି ଦେଖନ୍ତି । ଦେଖନ୍ତି, ରିକ୍ସାବାଲାର ଝିଅ ବୋହୂଙ୍କୁ । ଭେଜା ପଇସାର ଝଣ୍ ଝଣ ଶବ୍ଦ - ମସଲାଇଜ ସାଟର ଗ୍ଲତ ପକେଟରୁ ସଫେଦ ନୋଟର ରୂପ - କଡ଼ା ମିଜାଜ - ଆଖିର ଭାଷା ଇସାରା ଧଏ ରିକ୍ସା ମଢ଼ାର ଝିଅ ବୋହୂଙ୍କୁ ଗୋପନରେ ଥରେ ତାଙ୍କ ସହିତ ଭେଟିବାକୁ । ଦିନରେ କେହି ନଥିଲାବେଳେ ବାବୁମାନଙ୍କର ଆସିବାଟା ବେଶୀ । ଆଜି ରାତରେ ମଦଖାଇ ମାତାଲ ହୋଇ ଗଡୁଥିଲା ବେଳେ ଛପି ଛପି ଗୁଣ୍ଡାମୀ କରି ଧରି ନିଅନ୍ତି ଝିଅ - ବୋହୂଙ୍କୁ । ବାବୁଙ୍କର କାର ଛୁଟି ଗଲେ କାହିଁ କେଉଁ ଦୂର ବାଲିକନ୍ଦ ଅଡ଼େ । ନାଇତ ଅନ୍ଧେରର ପାର୍ବତ୍ୟ ପାଦଦେଶ ଆଡ଼େ । ବର୍ତ୍ତିଷ ସେଦନ ପଡ଼ାରୁ ହୁଏ ଅଦୃଶ୍ୟ । ରିକ୍ସାବାଲାର ହୋଷ ଆସିଲେ ଦେଖେ ଘରେ ତାର କୁଆଁରୀ ଝିଅ ନାହିଁ - ଯୁବତୀ ମାଇପ ନାହିଁ । ମନେ ମନେ ଖୋଜେ, ଡାକେ । ସବୁ ବ୍ୟର୍ଥହୁଏ । ନିଜକୁ ଗାଳିଦିଏ - କାହିଁକି ସେ ମଦଖାଇ ମାତାଲ ହୋଇ ନିଜକୁ ହଜାଇ ଦେଇଥିଲା ? ଏବେ ତା'ର ପରିଣାମ ପାଉ । ବରଷ ରକ୍ସାବାଲା ନଖାଇ ନପିଇ, ଜଗାଗରି ରହି ରାତିଟି କଟାଏ, ନିଜକୁ ଗାଳିଦେଇ । ସେ ଜାଣେ ଯେଉଁମାନେ ତାକୁ

ମନୁଆ ଘେରର ତସ୍କର, ଗୁଣ୍ଡା ବନ୍ଧୁ ଆଖି ଦେଖାଇ ଚୁପି ରଖିବାକୁ ଚେଷ୍ଟା କରନ୍ତି - ସେଇମାନେ ଗୁଣ୍ଡାମୀକରି ଜବରଦସ୍ତି ନେଇ ଯାଆନ୍ତି ତା ଝିଅ - ମାଇପଙ୍କୁ । ସେ ସବୁ ତା ଅଭାବର ଫଳ । ସେ ରିକ୍ସା ଟାଣେ ବୋଲି ତା'ର ମାନ ମହତ ଇଜ୍ଜତ୍ କିଛି ହୋଇଗଲେ କିଛି ନାହିଁ । ତାର ଜାତି ଠିକ୍ ନାହିଁ - ଧର୍ମ ଠିକ୍ ନାହିଁ । କେଉଁ ବାରବୁଲା-ଛତର ଖାଇ ତାର ମାଇପ-ତାର ଝିଅକୁ ନେଇଯାନ୍ତି ବାବୁମାନେ - ଭଦ୍ରବାବୁ ।

ରିକ୍ସାବାଲା ଜାଣେ ଯାହାଁକୁ ନେଇ ଯାଇଛନ୍ତି ସେମାନେ ତଥାପି ସେ ଝିଅ, ମାଇପ ଉପରେ ରାଗ କରେନା । ରାଗ ଯାହାଙ୍କୁ ରାସ୍ତା ଉପରୁ ଘାଣ୍ଟେ ଅଟେଣେ । ଖୋଜ କରେନା ତା' ଭାଗ୍ୟର ଦୋଷ । ଅଦରରେ ବାପ ବୋଲକୁ ନାଏ ଝିଅକୁ ତା'ର । ସ୍ୱାମୀ ନାଏ ସ୍ତ୍ରୀକୁ । ସ୍ତ୍ରୀ, ଅନ୍ତରର ସବୁ ମମତା ଢାଳି ଭୁଲାଇ ଦିଏ ସ୍ୱାମୀର କାନ୍ଧ ଉପରେ । ମନେ ମନେ ଗାଳିଦିଏ ସେ ସଇତାନ ଗୁଡାଙ୍କୁ । ତାଙ୍କର ମା, ଭଉଣୀ ବୋହୂର ନାହିଁ - କି ତାଙ୍କୁ । ତାଙ୍କ ମୁହଁରେ ଯାଉ ଲଣ୍ଡା ଛେପ ପଡୁ ।

ରିକ୍ସାବାଲାର ସ୍ତ୍ରୀ ଥୁ ବୋଲି ରାଗରେ ଘୃଣାରେ ମେଞ୍ଚାଏ ଛେପ ଫିଙ୍ଗେ । ଗାଢ ରୂପେ ଜାକିଧରେ ନିଜର ବାଉଳୀ ହତଭାଗ୍ୟ ସ୍ୱାମୀକୁ । ମୁଣ୍ଡ ଗଡ଼ାଇ ସୁକୁ ସୁକୁ କାନ୍ଦେ । ସେ ତାର କାନ୍ଧ ବୁଡ଼େଇଁ । କୃତଜ୍ଞତାର ତେଜ । ଯାହା କେବଳ ବାଂକ୍ରକର ଦୁଇ ଆଖିର ଲହରେ - ଦୀର୍ଘ ନିଶ୍ୱାସରେ ପଦେ କଥାରେ- "ତୁମେ ମୋର ସର୍ବସ୍ୱ ।"

ଯୁବତୀ, ଅଭିଜାତୀ ଝିଅଙ୍କୁ ବାଗଜାଏ ଘରକୁ । ସେଠି ସମାଜ ନାହିଁ । କେହୁ ଏଡ ବଦସନ ତୋ ଝିଅ କୁଳରୁ ବାହାର ଯାଇଛୁ । ତାର ସମାଜରେ ସ୍ଥାନ ନାହିଁ । ସେ ଜାତିରୁ ବାହାର ଯାଇ ।

କ୍ଷଣିକ ପାଇଁ ବାପାର ମୁଣ୍ଡ ଭାଁ ଭାଁ ହୋଇ ଉଠେ କିନ୍ତୁ···। ଝିଅର ବାସ୍ତବନା ଆଜ ଦ୍ୱିତୀୟ ଆଶ୍ରୟ ନାହିଁ ।

ଅନାର ଆଖି ଛଳ ଛଳେଇ ଉଠିଲା । କେତେ ଉକ୍ସା-ଭାଲର ଝିଅ ସ୍ୱିତ ସ୍ୱର ଧର ପଢ଼ାରୁ ଅଦୃଶ୍ୟ ହୋଇ ଯିବେ ଅସୁଛନ୍ତୁ । ତାହାର ମନରେ ସ୍ୱଣାନାହିଁ - ଶୋଚନା ନାହିଁ - କେହି ଅନାସକ୍ତ କୁହେଁ ଦୀର୍ଘ ଅନୁପସ୍ଥିତର କାରଣ ଖୋଜ ବାହାର କରିବାକୁ । ଏଇଡ ଏସ୍. ବାବୁଲାଲଙ୍କ ଝିଅ ଗୌରୀ ଯେ ଗଳ ଗିତରେ ନଥିଲା ତାହାରେ - ଏଇଡ ଏମ୍ ସୁରେନ୍ଦ୍ରର ଝିଅ ଲକ୍ଷ୍ମୀ । ରୂପଟି ତାର କେତେ କମନୀୟ । ଦେହର ରଙ୍ଗ କଳା ସତ - ଗଠନଟି ଅତି ଚମତ୍କାର । ମୁହଁଟି ଗୋଲ । ମୁଣ୍ଡରବାଳ ଲମ୍ବା ଓ ଛକ୍‌କଣ । ମୁଣ୍ଡରେ ଫୁଲ ପିନ୍ଧା ଗଜ୍ରା । ନାକରେ ଦୁଇଟି କନକଚମ୍ପା ଫୁଲ । ହାତରେ ଆଠ ଆଠ ପଞ୍ଚ ରଙ୍ଗ ବେରଙ୍ଗର କାଚ । ପାଦରେ ରସ ବଳା, କୁସୁମ୍ବଜା ଦକ୍ଷିଣୀ ଶାଢ଼ୀ । ମୁହଁରେ ହଳଦୀ ମାଖି, କୁଙ୍କୁମ ଲଗାଇ ନିଜକୁ ବେଶ୍ ସଜାଇଛୁ ।

ଏଇଡ ମନୁଷ୍ୟର ଦେଖାଇବ ଝିଅ ଲତା । ବୟସ ସତର କି ଅଠର । ବଳିଲା ବଳିଲା ଦେହ । ମରହଟ୍ଟା ଝିଅଟେ । ବେଶ୍ ସ୍ୱାସ୍ଥ୍ୟ । ଲମ୍ବା ଶାଢ଼ୀକୁ ଅଧେ କୁଞ୍ଚକରି ବେକ ପିଠି ଦେଇ ଘେରିଛୁ । ତାକ ଅଧରରେ ଫରମାଲ ପିନ୍ଧିଛୁ । ସ୍ୱଳିଲା ଚକଟେ

ଦେହର ଅଙ୍ଗ ଭଙ୍ଗୀ ଶକ୍ତିର ପରିଚୟ ଦେଉଛନ୍ତି । ଦରକାର ପଡ଼ିଲେ ମରଦପୁଅ ସହିତ ସମର କରିବାକୁ ସେ ପଛାଇବ ନାହିଁ ।

—ଏଇତ ଏମାନେ ସବୁ ତା ପଡ଼ାର ଝିଅ । ସକାଳ ସଂଧ୍ୟାରେ ନିଃସଂକୋଚରେ ପାଇପ ମୂଳକୁ ମାଠିଆ ଧରି ଯାଆନ୍ତି ପାଣି ଆଣିବାକୁ । ସ୍କୁଲ ଛୁଟିଲେ ଦଳ ଦଳ ହୋଇ ବୁଲି ବାହାରନ୍ତି ବଜାରକୁ । କେତେ ବାହାର ଆଖି ଲୋଟେଇ ଧାଇଁ ଆସେ ତାଙ୍କ ଉପରକୁ । ସେଥିଲାଗି କେତେ ଜଣ ରାତି ରାତି ଡେରାରୁ ହୁଅନ୍ତି ଅଦୃଶ୍ୟ । ଗୋଟାଏ ମୁହୂର୍ତ୍ତି ଲାଗି ଖୋଜ ଖବର ଚୁଲେ । ନମିଳିଲେ କେହି ଗୁରୁତ୍ୱ ଦିଏନି । ସିଏ ଯାଇ ଛୁଆଟେ, ପୁଣି ଆସିବତ ? ଏମିତିକି କେତେଜଣ ଯାଇ ଆଉ ଫେରି ନାହାଁନ୍ତି । କାହିଁକି ନଫେରିଲେ - ସେ ଲାଗି ବାପ ଝିଅକୁ ଖୋଜନି, ସ୍ୱାମୀ ସ୍ତ୍ରୀକୁ ଲୋଡ଼ନି । "ଯେ ଗଲା ଯାଉ । ତାକୁ ଖୋଜିବା, କାନ୍ଦିବା ଟିକେ ନୁହେଁ" - ହତଭାଗ୍ୟ ରିକ୍ସାବାଲା ବକ୍ତବ୍ୟ ଭରେ ।

ଏଇତ ତା ପଡ଼ାର ନିଜ ଦେଖିଆ କାହାଣୀ । ଯେଉଁ କାହାଣୀ ନଶୁଣିଲେ ତାକୁ ଭଲ ଲାଗେନି । ମନ ଚଞ୍ଚଳ ହୁଏ । ମନେ ପଡ଼େ ନିଜ ଗାଁ କଥା - ଆଖିରେ ଦିଶେ ଖମାର ଛବି । ମନ ଉଚ୍ଚାଟ ହୋଇ ଉଠେ । ଶୀଘ୍ର ଫେରିଆସେ ପଡ଼ାକୁ । ଟିକିଏ ମଦପିଇ ଭୁଲିଯାଏ ସବୁ । ମନେ ମନେ ସ୍ୱପ୍ନରାଜ୍ୟରେ ପ୍ରଶଂସା କରେ ନିଜ ରିକ୍ସାପଡ଼ାକୁ । କାରଣ - ତା' ପଡ଼ାପରି ସରଳ ସାଗ ସୃଷ୍ଟିରେ ନାହିଁ । ଏଠି କାହାର ସ୍ୱାଧୀନ ମନ ଉପରେ ଜୁଲମ କରିବାକୁ କେହି ନାହିଁ । ଗାଁ, ଜାତର ତୁଙ୍ଗାପିଣ୍ଡା ମଝିରେ ଆଖି ଦେଖାଇ,

ପକ୍ଷପାତ ବର୍ଗର ଜଣେ ଜଣକୁ ଦଣ୍ଡଦେବା ଆଇନ ନାହିଁ । ରିକ୍ସାବାଲା ଏଠି ମଣିଷପରି ଜନ୍ତୁ ବା ମନୁ ହେଲେ, ତା'ର ସ୍ୱାଧୀନତା ଟିକକ ଉପଭୋଗ କରେ । ତଥାପି ସମସ୍ତେ ଘୃଣା କରନ୍ତି ତା' ପଖାକୁ, ରିକ୍ସାବାଲାଙ୍କୁ । ହେଲେ ସେ କନ୍ତୁ ଘୃଣା କରେ ସେମାନଙ୍କୁ । ଭଦ୍ରେ, ସେଗୁଡ଼ାଙ୍କ ମୁଣ୍ଡନାହିଁ । ନହାତ ପଶୁ । ନଇଲେ ଭାଇଙ୍କପରେ ଦୋଷ ଲଦ କାହିଁକ ଗାଁଲୁ ଭଙ୍ଗଥାନ୍ତେ ? ଯୁବତୀ ଝିଅ ଯଦ ନିଜ ଇଚ୍ଛାରେ ନଜର ଗେରସ୍ତଙ୍କୁ ବାଛିନିଏ ତେବେ ଭୁଲ ହେଲା କେଉଁଠି ? ଏଠି ଦେଖ ତ କାହିଁ କେଲସ ମାନ ଦେଖି ପାରୁଛ ସାମାଜିକ ବାଛ ବର୍ଗର । ରିକ୍ସାବାଲାଙ୍କ କଥା ଗଳ୍ପ । ସେମାନେ ଛ ଗୋଟାଏ ଖାଦ, ଠାଙ୍ଗା, ଝଣା ଦୁଇ ଗୋଡ଼ଆ ଘୋଡ଼ା । ପିଲାଦିନେ, "ବାବୁ ! ହେଇଟି ଦେଖ, ଦମ୍ପେଇ ସହର" ସେ ଭୁଲଣିଆଁ ଶିତ୍କାର ଶୁଣି ଯାହାକୁ ବଡ ସହର ବୋଲି ଧରି ନେଇଥିଲା ତାରି କୋଳରେ ଏମିତ କେତେ ବଡ ବଡ ଧରଣର ଘଟଣା ଘଟି ଯାଉଛି । କେହି ନାହାଁ ବାଛ ବିଚାର କରିବାକୁ – ଜାତିଆଣରେ ଅଟକ ଯାଇ ଧମକ୍ ଦେଇ ଜୋରିମାନା ଆଦାୟ କରିବାକୁ । ଦୁଇଟି ପ୍ରାଣର ମୁକ୍ତ ସଙ୍ଗୀତ ଗାଇ, ସାଗରର ବେଳାଭୂମିକୁ ମୁଖରିତ କରିବାକୁ – 'ଜୁହୁ'ର ନଡ଼ିଆ ବଣରେ ବସି ସାନ୍ତାକ୍ରୁଜର ବିମାନଘାଟିକୁ ଗୁହିଁ ଆମେରିକା ଲଣ୍ଡନର ରଙ୍ଗୀନ ଛବି ଦେଖିବାକୁ, ପ୍ରଶସ୍ତ ସ୍ୱପ୍ନ...କାହିଁ, କେହିତ ପୃଥକ କଳ୍ପନା ପ୍ରେମିକ-ପ୍ରେମିକାର ଛନ୍ଦା ବାହୁ ବନ୍ଧନକୁ ! କାହିଁ ବମ୍ବେଇ ଗାଁ ଗହଳି ପରି ଲାଗୁନ ! ପେଣ୍ଟ୍ ପିନ୍ଧା ବାବୁ ଦେଖି କେହୁ ଶଂକ ଯାଉନ ! ହଁ, ବୋମ୍ବେ ସଭ୍ୟତାର ଚରମ ସ୍ଥାନ ! ସେଇଥିପାଇଁ ଗାଁ ଗହଳି, ଜାତି ସାମାଜ ସଙ୍କୀର୍ଣ୍ଣତାରୁ ପୃଥକ ! ବୋମ୍ବେର ସ୍ୱତନ୍ତ୍ର ଧର୍ମ – ସ୍ୱତନ୍ତ୍ର ଜାତି .. ଓ ସ୍ୱତନ୍ତ୍ର ସଂସ୍କୃତି ।

ସଭ୍ୟତାର ଚରମ ପୀଠରେ ଯଦି ଯୁବକ - ଯୁବତୀ ଏକାଠି ମିଶି ପାରନ୍ତି - ଉଚ୍ଚଶାବାଲାର ଝିଅ ସହିତ ପ୍ରେମ କରିବାକୁ ମିଲ୍ ମାଲିକ, ବାବୁଭାୟାମାନେ ଲୋଭେଇ ତାକୁ ହରଣ କରନ୍ତି, ଭଦ୍ର ଘରର ଶିକ୍ଷିତା ଝିଅ ନିଜର ଯୁବକ ବନ୍ଧୁ ସହିତ ନିର୍ଜନରେ ବସି ଖୁସିଗପରେ ନିଜକୁ ହଜାଇ ଦେଇପାରେ; ତେବେ ଗାଁ ଗହଳିରେ ବଢିଥିବା ଦୁଇଟି ସରଳ ପ୍ରାଣୀ ଏକାଠି ମିଶି ହସିବାକୁ ଚାହିଁଲେ ସମସ୍ତେ ଆଖି ଦେଖାଇ ଡରାନ୍ତି କାହିଁକି ? କୁହନ୍ତି ଗାଁ ଦେବୀଙ୍କୁ ଡନଗଣ୍ଡ ଦେ, ନଇଲେ ଏ ଗାଁରେ ତୋର ସ୍ଥାନ ନାହିଁ ।

ଅନା ଘର୍ଘନିଶ୍ୱାସ ମାରି ଭାବିଲି ଏଥିପାଇଁ ଦାୟୀ କେବଳ ଆମ ପୂର୍ବପୁରୁଷ ଗଢା ଆଇନ ।

—ଟ୍ରେନଟି ସେଠ ଆବାଜ ଦେଲା । ବାଟରେ ନଅଁ ଲଟଇ ଦୁଇଦମ ଟାଣିଲା । ଲମ୍ବା ହାଇମାରି, ରିକ୍ସା ଚଲାଇ-ବାକୁ ଉଦ୍ୟତ ହେଲା । ଶୀଘ୍ର ସେ ପଡ଼ାରେ ପହଞ୍ଚିବ । କ'ଣ ମିଳିବ ସେ ଗଲା କଥାରୁ ? ନିଜ ଜୀବନର ସବୁ ସ୍ୱାଦ ମରି ଯାଇଛି । ଆଉ ଦେଢ଼ଟା ବର୍ଷ ଏମିତି ମାରିନେଲେ ସେ ରକ୍ଷା ପାଇବ - ରିକ୍ସା ଟୁଣ୍ଡା ଚାକିରିରୁ, ଦହଗଞ୍ଜିଆ ଜୀବନରୁ । ତଥାପି ସେ ଯେତେଦିନ ବଞ୍ଚିବ, ନିଜେ ଚେଷ୍ଟା କରିବ ଭୁଲିଯିବାକୁ-ସେ ବଞ୍ଚିଛି କେମିତି । ଦିନସାରା ରିକ୍ସା ଟାଣି ସମୟ ଦେଇନି ଭାବିବାକୁ କାହାଲାଗି ସେ ଦୂର ସହରରେ ପଡ଼ିଛି, କାହାଲାଗି ସେ ଗଧ ଖଟଣି ଖଟୁଛି । କାହିଁକି ସେ ମଦପିଇ ମାତାଲ ହେଉଛି ? କେବଳ ସେ ନିଜକୁ ଭୁଲି ଯିବାକୁ ନିଜର ଅସ୍ତିତ୍ୱ ଟିକକ ହଜାଇ ଦେବାକୁ

- ସୀମାର ହସିଲା ମୁହଁ, ଅଭିମାନିଆ କଥା ଦେଇଦେ ସବୁଦିନ ପାଇଁ ଭୁଲିଯିବାକୁ ।

ଅତୀତକୁ ବର୍ତ୍ତମାନକୁ ମିଶାଇ ଦେବାପାଇଁ ଅନା ଭରସା ଚଳାଇଲା । ମନ ଚଞ୍ଚଳ - କଣ ହେବନ ପଡ଼ାରେ ?

"ସୀମା ! ପାଇବନି ତୁମେ - ?"

ଅନା ଅଟକିଯାଇ ଫେରି ଚାହିଁଲା ପଛକୁ । ସର୍ଚ୍ଚଲାଇଟ ଆଲୁ-କନ୍ତରଲେ ବସିଛନ୍ତି ଅଣ୍ଡ ସମ୍ଭାବ ଦୁଇଟି ତରୁଣ - ତରୁଣୀ । ସାଗରର ଶୀତଳ ପବନ - ନିର୍ଜନତାର ଶାନ୍ତରୂପ - ଦୁଇଟି ପ୍ରେମିକ - ପ୍ରେମିକା ଲାଗି ସ୍ୱର୍ଗର ନନ୍ଦନ କାନନର ମୋହ ବାଢ଼ି ଦିଏ ।

ସେହି ପ୍ରଶସ୍ତ ସ୍ଥାନରେ ମାଉଁଦସ ପ୍ରଣୟୀ - ପ୍ରଣୟିନୀ ଯୁଗଳ ।

ଅନା ମନ୍ତ୍ର ମୁଗ୍ଧ ହୋଇ ଚାହିଁଲା । ସୁନ୍ଦର ଗଛ । ଡାଳ ପତ୍ରର ତଳସ୍ଥ ଅନ୍ଧାରରେ ଦୁଇ ଦେହ ଦେଖି ହେଉନି । ସେ ଦୁହିଁଙ୍କର କଳେବର । ତେବେ, ସଫେଦ ଶାଢ଼ୀ, ସୁନ୍ଦର ଅବୟବ ଦେଖାଉଛି - ଜଣେ ନାରୀ, ଜଣେ ପୁରୁଷ । ଆଉ, ଦୁହେଁ ଅନେକବେଳୁ ବାହାର ଦୁନିଆକୁ ଭୁଲିଯାଇ ଲାଗି ଯାଇଛନ୍ତି କେଉଁ ଗପ ସପରେ ।···

ସେ ଥରେ ଚାହିଁ ଅସିଲା ପଛକୁ । - "ପ୍ରଣୟୀ ଯୁଗଳର ଗପସପ ।" - ଦୀର୍ଘ ନିଶ୍ୱାସ ମାରିଲା । ଅନା ଜାତରେ ଫ୍ଲର୍ଟ । ସମସ୍ତେ କୁହନ୍ତି ବହୁ ଘରର ପ୍ରେମ, ଉଚ୍ଚଧରଣର । ଯାହା ହୁଏ, ସାଧାରଣ ପାର୍କର ଗୋପନ ଲତା କୁଞ୍ଜ ଭିତରେ - ସିନେମା ଥିଏଟରର ବାଲକୁନି ସିଟରେ - ମୋଟର ଗାଡ଼ିର ପଛ ସିଟରେ । ଆଉ, ଏମିତି ଜନ ମୁକ୍ତ ବେଳାଭୂମିର ସୁମନ୍ତ୍ର ଆକାଶ ତଳେ । ସେଠି ଘଣ୍ଟା ଘଣ୍ଟା ଧରି କେତେ ଯେ ଅଜଣ୍ଡା ଗପ ଚାଲେ, କଲହ - ଅନୁରାଗ - ମାନ - ଅଭିମାନର ସ୍ରୋତ ବହେ ତା'ର ଇୟତ୍ତା ରହେନା । - ଏତେବେ, ଘର ଘରର ସ୍ନେହ, ମମତା, ପ୍ରେମ ଯାହାକିଛି କୁହ, ସବୁ ବଡ଼ ଧରଣର ।

ଅନା ଗରିବ । ଫ୍ଲର୍ଟ ଜାତ । ତଥାପି, ସେ ପ୍ରେମ କରିଛି, ଭଲ ପାଇଛି ଜଣକୁ । ସେ ହେଉଛି - ସୀମା; ସେ ହେଉଛି - ଅନାର ଆଖିରେ ଫ୍ଲର୍ଟଜାତିଆ ଭଲ ପାଇବା । ଯାହାସବୁ ଘଟିଯାଇଛି କାଲି ଚୋଟା ମାଳତୀର - ଦାନର ଠାଣୁଆଁ ଶରୀରେ ମୁଲ ଲାଗିଲା-

ବେଳେ - ବରଷା, ଶୀତ କାକରରେ ଫସଲ କିଆରୀରେ ନିଜକୁ ହଜାଇ ଦେଉଥିଲା ବେଳେ । - ସବୁଠି ସେ ଦେଖିଛି ଭାମାକୁ ତା'ର ସାଥୀରେ କେତେ ମନଖୋଲା ଗପ କରିଛି - ଆହୁରି ଗପିବାକୁ ଆଶା କରିଛି - କେତେ ପ୍ରତିଶ୍ରୁତି ଦେଇଛି । "ଭାମା ! ସବୁଦିନ କଣ ଏମିତି ଆମେ ଦୁହେଁ ଏକାଠି ମୂଲ ଲାଗିବା, ଫସଲ କାଟିବା ? ତୁ ସବାଗରେ ଗେଲ୍ହିଆ ହସ ହସି - ମାଟିଭରା ଖୋଳେଇ ହଳାବଡ଼ା ମୋ ମୁଣ୍ଡକୁ ଉଠାଇ ଦେଉଥିବୁ ! ସତେ, ସେଦିନ ଆସିବ ? ହଁ, ନିଶ୍ଚୟ ଆସିବ" - ସେ ଯବାବ ଦେଇଛି । ସେତେବେଳେ ଭାମାର ଆଖି କୃତଜ୍ଞତାରେ ନଇଁ ଆସିଛି ! ବନ୍ଦ ଆସିଛି ଓ' ଟୋପା ଲୁହ । ଭିଜିଛି, ଗଣ୍ଡର ସ୍ପନ୍ଦନ । ସେ କହୁଛି ଅନା'ଇ ! ସାରଦିନ ତୁମେ ? - ଯେ ତୁମର ହାତ ଟେକାକୁ ଚାହିଁଛି - ତୁମର ସଂସାର ଅଇଁଠା ତୋଷଣୀ ଟୋପାଏ ତାକୁ ସାହସ, ସମ୍ବଲ ଦେଇଛି । ତୁମେ କଣ ସବୁଦିନ ଅଇଁଠା ତୋଷଣୀ ଟୋପାଏ ଦେବନି ? ସ୍ୱାର୍ଥପର ହେବ ? ଅନା'ଇ ! ଭାମାର ବିଶ୍ୱାସ ରହିଛି, ତା ଅନା'ଇ ସବୁଦିନ ପାଇଁ ତା'ର ।"

\+ \+ \+

ଅନାର କଣ୍ଠ ଥରି ଆସିଲା । ଆଖି ଦୁଇଟା ଜାଲୁ - ଜାଲୁଆ ଦିଶିଲା । ଆକାଶର ପ୍ରଥମ ପ୍ରହରର ତାରା, ଅପୂର୍ଣ୍ଣ ଜହ୍ନମାମୁଁ ଦୁଇ ତିନିଟା ଜଣାଗଲା । ଲୁହଭିଜା ଆଖି ଝପାଇଲା । ଶୁଣିଲା ବାଲିବନ୍ତ ଅତେ । ଏମିତି ସେ କେତେଥର ନିର୍ଜନ ଘାଟରେ ବାଲିପଟ ପୂନଙ୍ଗ ବନରେ ସେ ଭାମା ପାଖରେ ବସିଛି । ମନଖୋଲା ଗପିଛି । ଯାହାର ନଥିଲା ଆରମ୍ଭ, ନଥିଲା ଶେଷ । କେଉଁଠୁ କେଉଁ କଥାର ଆରମ୍ଭ ହୁଏ, କେଉଁଠି ସରେ ଜାଣି ପାରେନା ।

ପାହାନ୍ତ ପ୍ରହରର ପବନ ଶୀତଳ ହେଲେ, ବାଦୁଡ ଚେଁ - ଚୁଁ ହେଲେ ସେ ଫେରେ । ତଥାପି ଗପ ସରେନା । ସେ ଅତୃପ୍ତା ।

ହେଲେ, ସେ ହେଉଛି ନୀଚ ଜାତି । ନୀଚ ଜାତିଆ ଥିଲା ତା'ର ପ୍ରେମ । ଯାହା ରହି ପାରିଲାନି ସବୁଦିନକୁ । ଆଜି ଯାହା ଜାତିର ପୁଅ ଝିଅ ବିଭାହୁଅନ୍ତି ଏକରୁ ଅଧିକଥର - ସ୍ୱାମୀ, ସ୍ତ୍ରୀ ଜୀବିତଥାଇ । ଉଚ୍ଚବର୍ଣ୍ଣଲୋକେ ଘୃଣା କରନ୍ତି ତା ସମ୍ପ୍ରଦାୟର ଏ ପ୍ରକାର ସାମାଜିକ ନୀତିକୁ । ସେ କିନ୍ତୁ ଏତେବଡ ଅପମାନ ମାନିନେବନି । ସେ ଜାତିରେ ନୀଚ ହୋଇପାରେ - ହୋଇପାରେ ତା' ସମ୍ପ୍ରଦାୟର ନୀତି ନିହାତି ଅନୀତି । ତଥାପି ସେ କହିବ, ତା'ର ପ୍ରେମ ଆଦର୍ଶହୀନ ନଥିଲା । ସେଥିପାଇଁ ବଡଲୋକଙ୍କର ବ୍ୟଭିଚାର ନଥିଲା । ଥିଲା କେବଳ ସରଳ ନିଷ୍ଠତମର ଜୀବନର ପବିତ୍ରତା । ସେ ନିଜକୁ ସମର୍ପି ଦେଇଥିଲା ସ୍ୱାମୀ ହାତରେ - ସ୍ୱାମୀ ନିଜକୁ ଦେଇ ଦେଇଥିଲା ତା' ହାତରେ ।

ଅନାର ଆଖିରୁ ଗଡି ଆସିଲା ଦୁଇଧାର ଲୁହ । ସତେ କଣ ଆଜି ସେ ସ୍ୱାମୀକୁ ଫେରି ପାଇବ ନାହିଁ ? ଗହଳର ସ୍ନେହ କରିବାର ଅଧିକାର ମଧ୍ୟ ନାହିଁ ? ପେଟର ଦାନା, ପିଠିର ଉନାପାଇ ଗରିବ ପାଇଁ ପ୍ରେମ ମଧ୍ୟ କାନ୍ତାର ? ମହର୍ଘ ? ଅଲଭ୍ୟ ? ଗରିବ ସବୁକ୍ଷେତ୍ରରେ ଗରିବ ।

ଲୁହ ଲହୁ ଭରା ଆଖିରେ ଅନା ବାଲିବନ୍ତ ଆଡେ ଚାହିଁଲା । ବାବୁଜଣକ ପଚାରନ୍ତି, "ଖାଇବନି ତୁମେ ଶିପ୍ରା ?

× × ×

ଶିପ୍ରା ନୀରବ । ଆଖିରେ ତାର ଅଶ୍ରୁ.

ଯୁବକ ଅତି କରୁଣ କଣ୍ଠରେ ସିପ୍ରାର ଦୁଇହାତକୁ ଚାପିଧରି କହିଲେ – ସିପ୍ରା ! ଭୁଲ ବୁଝନା ! ତୁମେ ଗରବ, ଝରକ୍ସା ବାଲାର ଝିଅ ସତ ··

ଅନା ଚମକ ପଡ଼ଲା । ଝରକ୍ସାବାଲାର ଝିଅ ସିପ୍ରା ! ତା'ର ମୁଣ୍ଡ ଭିତରଟା ଭାଁ ଭାଁ ହୋଇ ଉଠିଲା । ବଡ଼ ବିକଳ ଓ ଆକୁଳ ନୟନରେ ଉତ୍ତରକୁ ଚାହିଁଲା କୌଣସି ଏକ ସମାଧାନ ଉଦ୍ଦେଶ୍ୟରେ । କେହି ଯବାବ ଦେଲେନି । ଅନା ଠିକ୍ କଲା, ମଣିଷ ଅନେକ ସମୟରେ ଅନେକ କଥା ଶୂନ୍ୟକୁ ପଚାରେ । ତାର ଉତ୍ତର କିନ୍ତୁ କେହି ଦଏନା । ଆଖି ପାଣିହିଁ ହୁଏ ସାର ।

ସେ ଝରକ୍ସା ବାଲା । ତା'ର ପଜାର କେତେ ଝିଅ ରାତ ରାତି ଧରି ଅଦୃଶ୍ୟ ହୁଅନ୍ତି । ଏଇଯେ ସିପ୍ରା ! ସେ ଆସିଛି । ହିଁ···ହିଁ··· ଓସ ଘରପୁଅ ଆସିଛି । ଏଇବାବୁ ତାକୁ ବନ୍ଧ ଧରର ଝିଅ ରୂପରେ ସଜାଇଛନ୍ତି । ତାର ସମ୍ଭ୍ରମ ଟିକକ ନଷ୍ଟ କରିଛନ୍ତି । ଏବେ ବୋଧେ ଦରିଆ ମଝିରେ ଠେଲି ଦେବାକୁ ଇଚ୍ଛୁକ । ନହେଲେ, ସେ ବାବୁ କାହିଁକି ଥରି ଉଠୁଛନ୍ତି – ସିପ୍ରାଙ୍କର ହାତଧରି ଗିଲାପରି ଅଳି କରୁଛନ୍ତି, ତାଙ୍କୁ ଭୁଲ ନବୁଝିବାକୁ ? ସିପ୍ରା କଣ ଯୁବକଙ୍କୁ ସନ୍ଦେହ କରନ୍ତି ?

ସନ୍ଦେହ ନକରିବେ କାହିଁକି ? କେତେଝି ଝରକ୍ସାବାଲାର ଝିଅ ରାତରେ ପଡ଼ାରୁ ଅଦୃଶ୍ୟ ହୋଇ, ରାତ ପାହିଲେ ପୁଣି ଦୃଶ୍ୟ ହୁଅନ୍ତି । ତାର ହିସାବ କେହି ରଖେନି । ହୁଏତ ବାବୁ ଛଳନା ଭରି କହୁଥିବେ – " ମତେ ଭୁଲ ବୁଝିନା ସିପ୍ରା ! ଝରକ୍ସାବାଲାର ଝିଅବୋଲି ଘୃଣା କରୁନି ତୁମକୁ !" ଏଇ ଆଶ୍ୱାସନା ଦେବାର

ଅନ୍ତସ୍ଥଳରେ ହୁଏତ ପ୍ରତାରଣାର ଆଶଙ୍କା ଥାଇପାରେ । ଯାହାର ଆଶ୍ୱାସ ପାଇ ସିପ୍ରାଙ୍କର କୋମଳ ସ୍ମୃତି ଥରି ଉଠୁଛି । ସେ ଚାହୁଁଛି ଯୁବକଙ୍କ ଠାରୁ କିଛି ଗୋଟାଏ ପକ୍କା ଯବାବ ନେବାକୁ । କିନ୍ତୁ 'ସିପ୍ରା ତୁମେ କଣ ପାରିବନି' ପ୍ରଶ୍ନରଭାର ମାନେ ?

'ମାନେ' କଣ ହୋଇପାରେ ସେ ଠିକ୍ କରି ପାରିଲାନି । ବରଂ ଅପେକ୍ଷା କଲା କଣ ଅଉ ଘଟିପାରେ । ସେ କିନ୍ତୁ ପ୍ରସ୍ତୁତ ନୁହେଁ ଜଣେ ରିକ୍ସାବାଲାର ଝିଅକୁ ଅସମୟରେ ସ୍ଥାଉ ଖୁଲିଯିବାକୁ । ଯଦି ପ୍ରକୃତରେ ଏ ବାବୁ ଧୋକ୍କା ଦେଉଥାନ୍ତି, ସିପ୍ରା ଯଦି ବାସ୍ତବରେ ରିକ୍ସାବାଲାର ଝିଅ ହୋଇଥାଏ, ସେ ତା'ର ବଦଲା ନନେଇ ଛାଡ଼ିବନି ।

ଅନା ହାକୃତ ହୋଇ ବସି ପଡିଲା ରିକ୍ସାର ତଳ ସିଟ୍‌ରେ । ଅନ୍ଧାରର ପବନ ଆଉ ଉଡିଗଲେ ସ୍ୱପ୍ନର ପକ୍ଷୀ କେଇଟା । ସାନ୍ତ୍ୱନାକୁ ବିମାନ ଘାଟିରେ ଓହ୍ଲାଇଲା ଉଡ଼ା ଜାହାଜ । - ସମୟ ହେଲା ଆଠଟା । ସେ ଆଖିଖୋଲି ଉପକୂଳ ଆଡ଼େ ଚାହିଁଲା । ଶୁଣିଲା —

ବାବୁ ଜଣକ ସିପ୍ରାଙ୍କୁ ଆଲିଙ୍ଗନ କରି, ପିଠିରେ କୋମଳ ପରଶ ଦେଇ କହୁଛନ୍ତି - "ସିପ୍ରା ! ଭୁଲ ବୁଝନା ମତେ । ମୁଁ ତୁମକୁ ଖୁବ୍ ଭଲପାଏ । ତୁମର ସୁନ୍ଦର ରୂପ, ଫୁଲପରି କୋମଳ ଦେହ କେତେବେଳେ କହେନି ତୁମେ ଗରିବ, ତୁମେ ରିକ୍ସାବାଲାର ଝିଅ, ତୁମେ ପଢ଼ିଲା ବୋଲି । ତୁମପାଇଁ ଏଇ ସାଗର ଗର୍ଭକୁ ଡେଇଁ ପଡ଼ିବାକୁ ପ୍ରସ୍ତୁତ—ଯଦି ଗାରଣ୍ଟି ସ୍ୱତପାଡ ଦେଖାଇ କହନ୍ତି ତୁମେ ରହୁଚ ତା ଭିତରେ । ହେଲେ ଏ ମଣ୍ଡା ବାପଦାଙ୍କ ଭଣା ଖାଇବାକୁ ଆଉ ସେ ଉପାୟ ନାହିଁ । ତୁମେ ଜନନୀ ହେବ ।

ତୁମକୁ ରଖିବାକୁ, ଝିଅକୁ ଅନ୍ନ ଦେଇ ବଢ଼ାଇବାକୁ ମୁଁ ଯେ ବସା ବାନ୍ଧିନ । ବାପା ଧନୀ । ମିଲ୍ ମାଲିକ । ପଇସା କୁଢ଼ା, ଘର କୁଢ଼ ଅଭାବ ନାହିଁ । ହେଲେ ସେ ଘରକୁ ନେଲେ ବାପା ତ୍ୟାଜ୍ୟପୁତ୍ର ନକରି ଛାଡ଼ିବେ ନାହିଁ ।

—ବଂଶର ମର୍ଯ୍ୟାଦା ଓ ଆଭିଜାତ୍ୟ ବଜାୟ ରଖିବାକୁ କହିବେ, ଏ ମୋର ପୁଅ ନୁହେଁ । କୁଳାଙ୍ଗାର, ଶତ୍ରୁ । କେଉଁଠୁ ଗୋଟାଏ ସାଉଁଟି ଆଣିଛି-କଂସୁକ ଫୁଲ । ଯାହାର ଜାତି, ଗୋତ୍ର ଠିକ୍ ନାହିଁ । କୁହ…କୁହ ସିପ୍ରା ! ତୁମପ୍ରତି ଯେଉଁ ଅବିଚାର ହେବ, ସେ ଧକ୍କା ସହି ପାରିବତ ?

ଅନା ଶିହରିଉଠିଲା । କଣ ସେ ଶୁଣୁଛି ? ସିପ୍ରା ! ସ୍ୱାର ଗୋଟାଏ ରକ୍ସାଚାଳକର ଝିଅ ସେ ଜନନୀ ହେବ ଗୁପ୍ତ ପ୍ରଣୟ ଇତ ? ଯେଉଁ ଶିଶୁର ପିତା ହେବ ଜଣେ ଧନୀ, ମିଲ ମାଲିକର ପୁଅ ! ସତେତ, ଏତେବଡ଼ ଭାଗ୍ୟ ହେବ ଗୋଟାଏ କଂସୁକ ଫୁଲର ! ଯାହାର ରୂପ ଅଛି ସତ, ହେଲେ ସୁଗନ୍ଧ ନାହିଁ । ମୂଲ୍ୟ ହୀନ ସେ ଫୁଲ ମୂଲ୍ୟହୀନ ତାର ଫଳ ଧାରଣ । କେହି ହେଲେ ଚାହିଁବେନି ସେ ଫଳକୁ ନାକଟେକି ବାଟେଇଙ୍ଗି ଚାଲିଯିବେ ସମସ୍ତେ । କହିବେ, ଏ ପିଲାଟା 'ଜାରଜ' । କେହି ହେଲେ ବିଶ୍ୱାସ କରିବେନି ଯେ କଂସୁକ ଫୁଲର ସୁନ୍ଦର ରୂପରେ ହାସ ଦେଇଥିଲା ଜଣେ ଧନୀ, ସମ୍ଭ୍ରାନ୍ତ ଘରର ପୁଅ । -ସିଏ ବିଶ୍ୱାସ ଘାତକତା କରି, ଫୁଲର ରୂପ ନଷ୍ଟକରି ତା'ର ବିନିମୟରେ ଦେଇଯାଇଛି ହତଭାଗିନୀ କୋଳରେ ଗୋଟିଏ ଶିଶୁ ।

ରକ୍ସାଚାଳକର ହତଭାଗିନୀ, ଅଭଗା ଝିଅ ସିପ୍ରା କୋଳରେ ଗୋଟିଏ ନବଜାତ ଶିଶୁଧରି, ଗଛ ମୂଳରେ ବସି

ଯେତକ ତାଳିବ । କେହି ଚାହିଁବେନି ସେ ଜଣେ ମାଲିକର ନାତି ବୋଲି ।

ସିପ୍ରା ! କାହିଁକି ଜାଣି ଜାଣି ଧରାଦେଲ ? ଯାହାର ଆଶ୍ରୟ ଦେବାକୁ ଭୟ, ଯେ ଡରେ ବାପ - ମା, ଭାଇ - ବନ୍ଧୁ — କାହିଁକି ତାର ହାତରେ ହାତ ମିଳାଇଲ ? ଯେଉଁଦିନ ଏମିତି ଆକାଶ ତଳେ, ସାଗରର ବେଳା ଭୂଇଁରେ, ନଡ଼ିଆ ପଶ୍ଚିମ ଘାଟରେ କେଉଁ ପାହାଡ-ପର୍ବତର ନିର୍ଜନ ସ୍ଥାନରେ ପ୍ରଥମ ହୋଇ ମିଶିବାକୁ ଆସିଥିଲ ଏଇ ମିଲ ମାଲିକର ପୁଅ ସଙ୍ଗତ; ସେଦିନ ପଚାରିଲନି—

—"ତୁମେ ବଡ ଘରର ପୁଅ । ସେ ନିହାତି ଘୃଣିତ ରିକ୍‌ସା-ବାଲାର ଝିଅ । ତୁମେ ସବୁଦିନ ଦୁଃଖ - ସୁଖରେ ତାକୁ ଆଶ୍ରୟ ଦେଇ ପାରିବତ ? ଡରିବନି ତାହାର ପ୍ରତିବନ୍ଧକକୁ, ବାହାର ବିଦ୍ରୂପକୁ ?"

ସିପ୍ରା ! ପଚାରିଥିଲ ଏ ପ୍ରଶ୍ନ ? ନା, ପଚାରିଥିଲେ ଏଇଲେ ସେ ସାହସ କରନ୍ତେନି ଏଭଳି କହିବାକୁ । ସତ, ତୁମମାନଙ୍କର ଏମିତି ଟିକିଏ ଟିକିଏ ଦୁର୍ବଳତାର ସୁଯୋଗ ନେଇ, ତୁମପ୍ରତି ସେମାନେ ଅମାନୁଷିକ ଅତ୍ୟାଚାର ଦେଖାଇ ଥା'ନ୍ତି । ଏ ମିଲ ମାଲିକ ପୁଅର ବା କେଉଁ କବେଳ ? ସେ କଣ ତୋର ଇତିହାସ ଜାଣନ୍ତିକି ? ସେ ଜାଣନ୍ତିକି ତାଙ୍କର ଘର ରହିଛି ବାପ ମା ରହିଛନ୍ତି - କୋଟି କୋଟି ଟଙ୍କା ରହିଛି ? ଏତେ ଜାଣି, ବୁଝି କାହିଁକି ସେ ତୋ ସହିତ ଖେଳିଲେ ? ଯଦି ଖେଳୁ ଖେଳୁ ଭଲ ଲାଗି ହେଲ, ସେ ଭଲ ରଖିବାକୁ ସ୍ଥାନ ନ ରଖିଲେ କାହିଁକି ? ସିପ୍ରା ! ତେବେ ସେ ନିଶ୍ଚୟ ତୋର ସୁନ୍ଦର ରୂପ ସହିତ ଖେଳୁଥିଲେ । ଟଙ୍କାର ଜୋରରେ

ଦାମିକିଆ ଶାଢ଼ୀ, ଅଳଙ୍କାର ରଚନାରେ ସ୍ନେହ-ମମତା ଯୋଗାଉ ଥିଲେ—କେବଳ ଗୋଟାଏ ମୁହୂର୍ତ୍ତ ଲାଗି ନିର୍ଜନରେ ଉଚିତ ସାଥୀ କରିବାକୁ । ଏବେ ଆଉ ଖେଳିବାକୁ ଉପାୟ ନାହିଁ । ହିଁ…ହିଁ… କିନ୍ତୁ ସେ ପ୍ରତାରଣାର ଜାଲ ମେଲିଛନ୍ତି ତୋପାଇଁ ! ଏ ଲକ୍ଷ୍ୟ, କୋଉ ପ୍ରକୃତରେ ତାଙ୍କର ତନ୍ଦ୍ରୀ ଥରାଇ ଉଠୁଛି । ସବୁ ତାଙ୍କର ଛଳନା—

ହିଁ, ସେ କହିବ ଅନ୍ତର ଲକ୍ଷ୍ୟ, ପୂର୍ଣ୍ଣ ଛଳନା । ସିପ୍ରା ଜନନୀ ହେବ ! ସ୍ତ୍ରୀ - ପୁରୁଷ ପ୍ରେମର ଯାହା ସ୍ୱର୍ଗୀୟ ଦାନ, ସେ ଦାନ ଲାଭକରି ସ୍ତ୍ରୀ - ପୁରୁଷ କେବେ ଦୁଃଖ କରନ୍ତିନ । ମନର ଉଚ୍ଛ୍ୱଳା ଆନନ୍ଦରେ ସ୍ନେହ ଥରି ଉଠେ - ମୁହଁରେ ଫୁଟିଉଠେ ଅଳ-ଲାଜ ମିଶା ହସ । ଦୁହେଁ ଆକାଂକ୍ଷିତ ହୋଇ ଦିନ ଗଣନ୍ତି, କେଉଁଦିନ ଶୁଣିବେ ଶିଶୁର ପ୍ରଥମ ଡାକ—କୁଆଁ…କୁଆଁ… । ଯାହାର ମୂଲ୍ୟ କେହି ଦେଇ ପାରେନି କି କଳେଇ ହୁଏନି ।

ତେବେ ଛଳନାର ଅଭିଳାଷ ନଥିଲେ ଏ ଭାବୁ କାନ୍ଦନ୍ତେ ଧାଡ଼ିକି ? ବରଂ ଆନନ୍ଦରେ ଫାଟି ପଡୁଥା'ନ୍ତେ । ଆହ୍ଲାଦରେ ସିପ୍ରାଙ୍କର ଗୋଲ ମୁହଁଟିକୁ ଚପାଇ ରଖୁଥାନ୍ତେ ନିଜର ଛାତି ଉପରେ । ମନେ ମନେ ଭାବୁଥାନ୍ତେ ଆକାଶର ପ୍ରଥମ ତାରା - ଶରତର ପ୍ରଥମ ଚନ୍ଦ୍ର - ସାଗରର ନୃତ୍ୟକାରୀ ତରଙ୍ଗ - ନାସନାଲ ପାର୍କର 'ମତେ ଭୁଲି ଯାଅନା' ଫୁଲର ରୂପଠାରୁ, ସିପ୍ରା ଅଧିକରେ ତାଙ୍କୁ ଆକୃଷ୍ଟ କରୁଛି କି ନା । ସେତେବେଳେ ଯୁବକଙ୍କର ଜୀବନ ବୀଣା ଉପରେ ମଧୁର ଝଙ୍କା ଶୁଣୁଥାନ୍ତେ ସିପ୍ରା ?

—ଭାବୁଥାନ୍ତେ

ସେ ଜଣେ ଘୃଣିତ ରିକ୍ସାବାଲାର ଝିଅ । ସତେ କଣ ଏତେବଡ଼ ଭାଗ୍ୟ ହେବ ଯେଉଁ ଶିଶୁଟିକୁ ସେ ଧାରଣ କରିଛନ୍ତି - ସେ ହେବ ଜଣେ ମିଲ ମାଲିକର ପୁଅ ? - ଏ ତାର ଧୃଷ୍ଟତା ହେବନି ?

ସିପ୍ରାଙ୍କର ଦମ୍ଭ ଭାଙ୍ଗି ଆସୁଥା'ନ୍ତା ନିଜର ଛୋଟ ଦଶାଲାଗି । ଭାବି ଶିଶୁପାଇଁ କାନ୍ଦି ଉଠୁଥାନ୍ତେ - ଯୁବକଙ୍କର କାନ୍ଧରେ ମଥା ଗଡ଼ାଇ କେଇବୁନ୍ଦା ଲୁହ ଢାଳୁଥା'ନ୍ତେ - ସ୍ମିତ ନୟନରେ ଚାହୁଁଥାନ୍ତେ ଯୁବକଙ୍କୁ । ସେତେବେଳେ ଯୁବକ କହୁଥାନ୍ତେ—

—ସିପ୍ରା ! ତୁମେ କାନ୍ଦୁଛ ? ଏତେବଡ଼ ଭାଗ୍ୟ ଦୁନିଆଁରେ କେତେ ଜଣଙ୍କର ଆସେ ? ତୁମେ ହେବ ଜନନୀ, ସେ ହେବ ଜନକ । ଏଇତ ହେଉଛି ସୃଷ୍ଟିର ଶ୍ରେଷ୍ଠ ଲକ୍ଷ୍ୟ । ଏତେବଡ଼ ଆନନ୍ଦ ବେଳେ କେହି କଣ କାନ୍ଦେ ? କଣ ତୁମେ ଭାବୁଛ ?

ସିପ୍ରା ରୁଦ୍ଧକଣ୍ଠରେ ନିଜର ଅସହାୟତା କହୁଥାନ୍ତେ । କହୁଥାନ୍ତେ - ସେ ଭାବି ଶିଶୁଲାଗି ଚିନ୍ତିତ । ସତେକଣ ଏତେବଡ଼ ଭାଗ୍ୟହେବ ସେ ଶିଶୁର···

ଯୁବକ ସିପ୍ରାଙ୍କୁ ଅଦ୍ଭୁତ ଭଙ୍ଗୀରେ ଯାକିଧରି ମୁଣ୍ଡର ବିକ୍ଷିପ୍ତ ବାଳକୁ ସଜାଡ଼ି ଦେଇ, ଆଖିର ଝରାବୁନ୍ଦା ଲୁହ ପୋଛି କହୁଥାନ୍ତେ—

"ସିପ୍ରା ! ବାପା ହୁଏତ ସ୍ଥାନ ଦେଇ ନପାରନ୍ତି । ହେଲେ, ଏଇ ଦେବଭୂମି, ପଶ୍ଚିମ ଘାଟର ପର୍ବତଗୁମ୍ଫା ଆଶ୍ରୟ ଦେବାକୁ ତ ନାହିଁ କରିବନି । ବେଶ ସେଇ ହେବ ଶ୍ରେଷ୍ଠ ଆଶ୍ରୟ ସ୍ଥଳୀ । ତୁମେଥିବ ପାଖେ ପାଖେ । ଛୋଟ ଶିଶୁର ଅନାବିଳ ଭାବ ଦୁହିଁଙ୍କର ହୃଦୟକନ୍ଦରକୁ ଆଲୋକିତ କରିବ । କୁହ ସିପ୍ରା ! ଏହାଠାରୁ ଆଉ ଅଧିକ କଣ ଲୋଡ଼ା ?"

ସିପ୍ରା ଆଶ୍ୱାସନାର ଅମୃତ - ବାରିରେ ସଚେତନ ହୋଇ ଉଠୁଥାନ୍ତେ। ଆନନ୍ଦର ଆତିଶଯ୍ୟରେ ଝରିଆସୁଥାନ୍ତା ଧାରଧାର ଲୁହ। ସେଥିରେ ନିଜକୁ ହାଲ୍‌କା କରୁଥାନ୍ତା ସିପ୍ରା।

ଏଠି ସେ ବିପର୍ଯ୍ୟସ୍ତ। ସିପ୍ରା ହତାଶରେ ଭାଙ୍ଗି ପଡୁଥିଲା-ବେଳେ ଯୁବକ ଅନ୍ତର କନ୍ଦାଉଛନ୍ତି। ସେ ନିଜେ ତ କାନ୍ଦୁ ନାହାଁନ୍ତି! କାନ୍ଦିବା ଛଳରେ ସିପ୍ରାଙ୍କ କାନ ପାଖରେ କହୁଛନ୍ତି—

ସିପ୍ରା! ତୁମ ପେଟ ଭିତରେ ଥିବା ଶିଶୁ ଆମର ଶତ୍ରୁ— ସୁଖ ଶାନ୍ତିର କଣ୍ଟକ। ନଇଲେ ଆମେ ମହା ଉଲ୍ଲାସରେ ବୁଲୁଥାନ୍ତେ। ଏତେଦିନ ତୁମେ ଆସୁଥାନ୍ତ ପଡ଼ାରୁ, ସେ ଆସୁଥାନ୍ତେ ଘରୁ। ଏମିତି ଭେଟ ହେଉଥାନ୍ତା ଲଯ ସ୍ଥଳରେ। ଗଡ଼ ଚାଲୁଥାନ୍ତା ଜୀବନ ନଉକା। କିନ୍ତୁ କେଉଁଠି ଥିଲା ଏ କାଳଶତ୍ରୁ? ଯାହାଲାଗି ଲୋଡ଼ା ପଡୁଛି ସ୍ୱତନ୍ତ୍ର ବସା। ଯାହାପାଇଁ ବାପା ତଡ଼ିବେ ଘରୁ। ଅନ୍ୟମାନେ ନାକ ଟେକିବେ ଘୃଣାରେ। ସିପ୍ରା! ସେ କଣ୍ଟାଟାକୁ ଓପାଡ଼ି ବାଛ ସଫା କରିଦିଅ। ପୁଣି ଦୁହେଁ ସହରର ଏପାଖ-ସେପଖ ବୁଲିବା। ଲୋଡ଼ା ହେବନି ସ୍ୱତନ୍ତ୍ର ନୀଡ଼। କୁହ, ପାରିବନି ତୁମେ ସେ କଣ୍ଟାକୁ ଓପାଡ଼ି?

ଏଇକଥା କହୁଛ ନିର୍ବୋଧ, ଶଠ, ଲମ୍ପଟ - ସିପ୍ରାଙ୍କୁ। ସିପ୍ରା ସେ କଣ୍ଟାଟାକୁ ଓପାଡ଼ି ଦେବ? ଭୁଲ ଧାରଣା। ଯୁବକ୍! ତୁମେ ଉଦ୍‌ଭ୍ରାନ୍ତ, ତୁମେ ପାଗଳ। ତୁମେ ସୁହଁ ନାସ୍ତିକ ନଗ୍ନରୂପ। ଛି, ଧିକ୍ ତୁମକୁ। ଏତେଦିନ ଜଣେ ଯୁବତୀ ଝିଅ ସହିତ ନିର୍ଜନତାରେ ବୁଲି, ଦୁଇଟି ପୃଥକ ରକ୍ତ ବିନ୍ଦୁକୁ ଏକାଠି ମିଶାଇ, ଏ ଯାଏ ଚିହ୍ନି ପାରିଲନି ସେ ଝିଅକୁ? କେଉଁ ସାହାସ, ଦମ୍ଭରେ କୁହ —

ସିପ୍ରା ! ତୁମେ ଗରିବ, ରିକ୍ସାବାଲାର ଝିଅ । ସମସ୍ତେ ଘୃଣା କରନ୍ତି ତୁମମାନଙ୍କୁ । ହେଲେ ମୁଁ ଏସବୁ ଶୁଣେନା । ତୁମକୁ ଖୁବ୍ ଭଲପାଏ । ତୁମଲାଗି ସାଗର ଗର୍ଭକୁ ଡେଇଁ ପଡ଼ିବାକୁ ପ୍ରସ୍ତୁତ ।

ଏସବୁ ତୁମର ଛଳନା । ଯାହାର ରିକ୍ସାବାଲାର ଝିଅଲାଗି କୁଡ଼ିଆ ଖଣ୍ଡେ ଭରିବାକୁ ଶକ୍ତି ନାହିଁ - ସେ ରିକ୍ସାବାଲାର ଝିଅଲାଗି ମରିବାକୁ ପ୍ରସ୍ତୁତ, ଏକଥା ବିଶ୍ୱାସ କରିବ କିଏ ? ନିଶ୍ଚୟ ତୁମେ ଛଳନାରେ ଭୁଲାଇ ଦେଇଛ ସିପ୍ରାକୁ । ହେଲେ ସିପ୍ରା କିଛି ମାଗିନି - କି ତା ବାପର କିଛି ପଚାରିନି । ସେ ପାଇଛି ଭଲ । ଯେଉଁ ଭଲ ଲାଭ ପ୍ରତ୍ୟେକ ନାରୀର ଧର୍ମ୍ମ । କାମ୍ୟ । ସେ ଭଲ ଲାଭରେ ନାରୀ ଗର୍ବକରେ, ଆତ୍ମ ପ୍ରସାଦ ପାଏ, ସିପ୍ରା ନାରୀ । ସେ ଗର୍ବ କରିବ । ଜନନୀ ହୋଇ ଆତ୍ମ ଗର୍ବରେ ହସି ହସି ଫାଟି ପଡ଼ିବ । ଶତଧକ୍କା ଆସିଲେ କାନ ଦେବନି ସେ ଧକ୍କା ପ୍ରତି । ସବୁ ତା ନିକଟରେ ହେବ ସ୍ୱସ୍ତ । ସେ ଜନନୀ ।

ସେ ଜନନୀ । ରାସ୍ତା କଡ଼ରେ, ପାର୍କର ବେଞ୍ଚ ତଳେ, ଗଛମୂଳେ, ମୁସାଫିର ଖାନାରେ, ଗାଡ଼ିର ଡବାରେ ସେ ଆଶ୍ରୟହୀନ । ଛୁଆଲାଗି ଖାଦ୍ୟ ଲୋଡ଼ାହେଲେ ସମସ୍ତଙ୍କ ପାଖରେ ହାତ ପତାଇବ—ସମସ୍ତଙ୍କର ଲୋଲୁପ ଦୃଷ୍ଟି, ମିଠାକଡ଼ା କଥା ଶୁଣିବ । ହେଲେ କାନ ଦେବନି ସେପ୍ରତି । ଅଭାବ, ଅନାଟନ, ଅସହାୟତା ତାକୁ ବାଧିବନି । କାରଣ ସେ ଜନନୀ । ଶିଶୁର ଗୁଲୁଗୁଲିଆ ମୁହଁ, ହସକାନ୍ଦର ଲହର ଦୁନିଆଁର ସବୁ ଘାତ - ପ୍ରତିଘାତକୁ ଲିଭାଇ ଦେବ ତା ମନରୁ । ଦୁନିଆରେ କେହି ନାହିଁ ସେ ସମୟର ଆନନ୍ଦ, ସୁଖରେ ଅଧିକ ହେବ ଜନନୀ, ସିପ୍ରାଠୁ ।

ସେଇତ ମା'ର ବିଶେଷତ୍ୱ । ସନ୍ତାନର ମୁହଁ, ସନ୍ତାନର ହସ-କାନ୍ଦ ମା ହୃଦୟରେ ଭରିଦିଏ ଅପାର ଆନନ୍ଦ - ଯାହାର ତୁଳନା ନାହିଁ ଜଗତରେ ।

ନିର୍ବୋଧ ଯୁବକ ! ସିପ୍ରା ଗଛମୂଳେ ବସି ଭାବେ ତାର ପ୍ରେମ ଅବୈଧ କି ନା ? ମୋଟେ ନୁହେଁ···ମୋଟେ ନୁହେଁ । ହୁଏତ ତୁମେ ଭାବିପାର ରିକ୍‌ସାବାଲାର ଝିଅ ସହିତ ପ୍ରେମ କରିବା ଅବୈଧ । ତେବେ ଜାଣି ଜାଣି ଗୋଟାଏ ଭୁଲକୁ ପ୍ରଶ୍ରୟ ଦେଲ କାହିଁକି ? ଯଦି ଭୁଲ କରିଛ, ସେ ଭୁଲ ଲାଗି ଛୋଟ ଶିଶୁ ପାଇଁ ବସା ନବାନ୍ଧିବ କାହିଁକି ? ଯଦି ବାପ - ମା, ସମାଜ - ଜାତି ଭିତରେ ତୁମର ସ୍ଥାନ ନରହିବ ବୋଲି ଧାରଣା ତେବେ ସେମାନଙ୍କୁ ମୁକ୍ତ କଣ୍ଠରେ ତ୍ୟାଗକର - ତାରପରେ ରିକ୍‌ସା ଭିଡ଼ା । ଦେଖିବ, ସିପ୍ରା କାହାରିକୁ ପରିଚୟ ଦେବନି ସେ ବଜାତ ଶିଶୁଟି ଜଣେ ମିଲ ମାଲିକର ନାତିବୋଲି । ବରଂ ଗର୍ବରେ କହିବ ଏ ଛୁଆଟି ତାରପଜାର, ଜଣେ ରିକ୍‌ସାବାଲାର । ଯୁବକ ! କେବେ ହେଲେ ସାହାସ କରିବନି କହିବାକୁ - ଶିଶୁଟି ଜାରଜ । କିଏ ତାର ବାପ ?

ବାବୁ ! ସିପ୍ରାକୁ ତୁମେ ଆଶ୍ରୟ ଦିଅ । ପାରିବନି ? ତୁମେ ଯଦି ତୁମର ବଡ଼ ଲୋକର ମୋହ, ଗୋଷ୍ଠୀର ଆକର୍ଷଣ ତ୍ୟାଗ କରିବାକୁ ପ୍ରସ୍ତୁତ ନହେବ, ସିପ୍ରା କପରି ପ୍ରସ୍ତୁତ ହେବ ନିଜରକ୍ତ ଦେଇ ଗଢିଥିବା ଛୁଆଟିକୁ ଟିକି ଟିକି ନଷ୍ଟ କରିବାକୁ ? ଭାବନି ନିଷ୍ପେସିତ ରିକ୍‌ସାବାଲା ଝିଅର ହୃଦୟ ତୁମଠାରୁ ହୀନ ବୋଲି । ସେ ଭୁଲରେ ଅନୁଶୋଚନା କରିବନି ତା'ର ପ୍ରେମ ଅବୈଧ ଏବଂ ନିଜ ରକ୍ତଗଢା ସନ୍ତାନଟି ଅବୈଧ ବୋଲି । ଏହାସତ, ସମାଜ

ତେବେବିହେଲେ ଗ୍ରହଣ କରିବନି ସେ ଶିଶୁକୁ । କାରଣ । ସିଏ ନିର୍ଭେଜ ସଂସ୍କାର ବିହୀନ । ଶ୍ରେଣୀହୀନ ସଂପ୍ରଦାୟର ଝିଅ । ତେଉଁ ସମାଜ ତାର ଶିଶୁକୁ ଗ୍ରହଣ ନକଲେ କାହିଁକି ସେ ଦୁଃଖ କରିବ ? ସମାଜର ଅବିଚାର ବୋଲି ନିନ୍ଦାବାଦ କରିବ ? ଯଦି ସେ ନିନ୍ଦା-କରିବ, ନିନ୍ଦା କରିବ ତୁମକୁ । ସଗରେ ଆଖି ଦେଖାଇ ହୁଏତ ଗାଳିଦେବ ତୁମକୁ । କହିବ—

ତୁମେ ତା'ର ସବୁ ଲୁଟି କରିଛ - ବଡ଼ ଆଶାଦେଇ ତଣ୍ଟି କାଟିଛ । ନାରୀର ନାରୀ ହୃଦୟାବେଗରେ, ଭୁଲ ବା ଠିକ୍‌ରେ ତାର ସେଉଁ ନମସ୍କାର ସ୍ୱାମୀ ବୋଲି ଭାବି ହୁଏତ କ୍ଷମା ଦେଇପାରେ । ନାରୀ ପ୍ରାଣରେ କ୍ଷମା ପାଇବାକୁ ବଡ଼ନ ନୁହେଁ । ଯେଉଁ ସ୍ୱଗରେ ନାରୀ କାଳ ସର୍ପପରି ଦଂଶନ କରିପାରେ ସେଇ ସ୍ୱଗରେ ନିଜକୁ ଧୂଳାଏ ଦଂଶି, ଭୁଇଁରେ ଫେଣା ବାଡେଇ ସବୁ କଷ୍ଟ କଷ୍ଟକର, ଦୋଷୀକୁ ବେଳେ ବେଳେ କ୍ଷମାଦିଏ । ହୁଏତ ସିଏ ତାହାହିଁ କରିବ । ଉଚ୍ଛ୍ୱାସର ଝିଅ ନିଜକୁ ଭାଙ୍ଗି ଚୁରି ଗୁଣ୍ଡା କରିପାରେ; କିନ୍ତୁ ଅପରକୁ କ୍ଷମାଦିଏ, ଭାଙ୍ଗି ଦିବାକୁ ପ୍ରବର୍ତ୍ତାଏ ନାହିଁ । ସେ କେବେହେଲେ କାହାର ଅତ୍ୟାଚାରକୁ ଅବିଚାର ବୋଲି ମନରେ ସ୍ଥାନ ଦିଏନା । ପର୍ବତର ଦେହଉପରି ସବୁ ଝଡ଼ - ଝଞ୍ଜା, କୁହୁଡ଼ି - କାକର ସହିଯାଏ — ନିଜ ବପୁ କ୍ଷତ ବିକ୍ଷତ କରି । ସେଇ କ୍ଷତ ବିକ୍ଷତ ହେବାରେ ଉଚ୍ଛ୍ୱାସର ଝିଅ ନିଜକୁ ଜୟ ବୋଲି ଭାବେ ।

ଯୁବକ ! ନିଜେ ବିଚାର କର । ଉଚ୍ଛ୍ୱାସର ଭଲପାଇଁ ଝିଅକୁ ପରକୁ ନିଅ । ସେ ସବୁପ୍ରକାର ଅତ୍ୟାଚାର ସହିବାକୁ ପ୍ରସ୍ତୁତ । ବାପା ତୁମର ପଦ ସିଏ ବିଶ୍ୱାସଣୀ ରୂପରେ ରଖିବାକୁ ସ୍ଥାନ ନଦେବେ ବୋଲି ଭାବୁଛ, ତେବେ କହିବ—

ହାଁ ! ଏ ଜଣେ ଅସହାୟା । କୌଣସି କାରଣରୁ ପର୍ବତ ଉପରୁ ସାଗର ଗର୍ଭକୁ ଡେଇଁ ଆତ୍ମ ବିସର୍ଜନ କରିବାକୁ ସୁଯୋଗ ଖୋଜୁଥିଲା ବେଳେ, ମୁଁ ତାଙ୍କୁ ରକ୍ଷା କରିଛି । ସେ ଗୃହେଁ ଆଶ୍ରୟ—

ଦେଖିବ ଯୁବକ ! ବାପା ତୁମର କଷ୍ଟପ୍ତ ତାକୁ ସ୍ଥାନ ଦେବେ ଦାସୀ ରୂପରେ । ସେଇଥିହେବ ପିତ୍ରାଙ୍କର କୋଟି ଆଶୀର୍ବାଦ । ସେ ଗୃହେଁ ତୁମର ରାଣୀ ହେବାକୁ ନୁହେଁ, ଗୃହରାଣୀ ହେବାକୁ । ରାଣୀହୋଇ, ଭୋଗ ବିଳାସରେ ଲିପ୍ତରହି ତୁମ ସେବାରେ ତ୍ରୁଟି କରିବାକୁ ସେ ଗୃହେଁନା । ସେ ଗୃହେଁ ଦାସୀପଣର ସେବା ଯତ୍ନନେଇ ଅପାର ଆନନ୍ଦ ପାଇବାକୁ । ସେ ନାରୀ - ତୁମର ଜୀବନ ଅଭିସାର ସଙ୍ଗିନୀ । ତୁମର ପାଦତଳେ ସେ ଚିରଦାସୀ । ଦାସୀର ମୂଲ୍ୟ, ପୁରୁଷ ପାଖରେ ରାଣୀର ମୂଲ୍ୟଠାରୁ କୋଟି ଗୁଣରେ ବେଶୀ । ଦାସୀପଣର ସେବା, ରାଣୀପଣର ରୂପ ଉପଭୋଗ କରିବା ପ୍ରକୃତ ପୁରୁଷର କାମ୍ୟ । ହେଲେ, ରାଣୀପଣର ସେବା ଯାହା ହୁଏ ପରିଚାରିକାଙ୍କ ମାଧ୍ୟମରେ-ପୁରୁଷ କେବେ ଲୋଡ଼େନା ସେ ସୁଖ । ସେ ଗୃହେଁ ଜୀବନ ସଙ୍ଗିନୀଠାରୁ ସେବାଯତ୍ନ ସବୁଟି ପାଇବାକୁ - ସବୁଟି ତା ନିଜ ଭିତରେ ବାନ୍ଧି ରଖିବାକୁ । ଆଜ ଯେଉଁ ନାରୀ ବାନ୍ଧହୋଇ ରହେ, ପୁରୁଷର ସେବାଯତ୍ନ ନିଏ, ସେ ଯଥାର୍ଥରେ ନାରୀ, ଜୀବନ ସଙ୍ଗିନୀ - ଚିରପଦ ସେବିକା । ଏଇତ ହେଉଛି ନାରୀର ଅମୂଲ୍ୟ ଟୀକା । ସିପ୍ରା ଏହାଠାରୁ ଆଉ ଅଧିକ କଣ, ଆଶା କରିବ ତୁମଠାରୁ ପାଇବାକୁ ? ବାବୁ ! ଜାବନ ସିପ୍ରା ସେ ଲୋକ ଝିଅଟିକୁ ଜଣେ ମିଲ ମାଲିକର ପୁଅବୋଲି ପରିଚୟ ଦେଇ, ଯେଉଁ ଅସ୍ତ୍ର ପ୍ରସାଦ ପାଇଥାନ୍ତି - ସେ ଅସ୍ତ୍ର ପ୍ରସାଦ ପାଇବେନି ଜଣେ ମିଲ ମାଲିକଙ୍କ ଦାସୀର ପୁଅବୋଲି ପରିଚୟ ଦେଲେବେଳେ ।

ସେ ଯେ ତୁମର କ୍ରୀତ ଦାସୀ । ତାହାଲେ ଏକାକ ତୁମ ପାଖରେ ଥାନ୍ତେ କିପରି ? ସ୍ତ୍ରୀ ନିଶ୍ଚୟ ତୁମର ଅନୁଗତା ହେବ । ଯେଉଁ ନାରୀ ପୁରୁଷର ଅନୁଗତ ନୁହେଁ, ପୁରୁଷକୁ ନିଜ ହାତ ମୁଠାରେ ରଖି ଖେଳାଇବାକୁ ଚାହେଁ ସେ ନାରୀ ପଦବାଚ୍ୟ ନୁହେଁ । କିନ୍ତୁ ଉକ୍ସା ଗୁଳଙ୍କର ହିଁ ଅ ସ୍ତ୍ରୀଠାରୁ ସେ ବ୍ୟବହାର ପାଇବାକୁ ଆଶା କରନ୍ତି । ନିଶ୍ଚୟ ସେ ତୁମର ଅନୁଗତା ହେବ । ତୁମେ ତାଙ୍କୁ ଆଶ୍ରୟ ଦିଅ । ତମ ଆଭିଜାତ୍ୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଜୀବନ ସଙ୍ଗିନୀ ନକରି ପାର କିନ୍ତୁ ଛାୟା ସଙ୍ଗିନୀ କରି ରଖି ପାରିବ, ସେଥିରେକି ବଡ଼ ଲୋକର ମର୍ଯ୍ୟାଦା ହାନି ଘଟିବ ନାହିଁ । କ'ଣ ପାରିବନି ତୁମେ ଯୁବକ !

ଅନା ପ୍ରଶ୍ନବାଚୀ ଦୃଷ୍ଟିରେ ଚାହିଁଲା - 'କଣ କାହୁଁଛ ଯୁବକ' । ସତେ କଣ ଯୁବକ ଏଇ କଥା ପାରିବେନି ? ଯୁବକ ଯଦି ଶକ୍ତିବାନ ହୋଇ ନପାରେ - ତେବେ କଣ ପାରିବେ ବୃଦ୍ଧ, ରୁଗ୍ଣ, ଅବଳା । ଯୁବକର ମନର ବଳ, ଆଶାର ଲକ୍ଷ୍ୟ ସମସ୍ତଙ୍କଠୁ ଯେ ଅଧିକ । ଅନାୟସରେ ସବୁ କିଛି ସେ କରିପାରେ । ସାଗରତଳେ ସନ୍ତରଣ କରିବାକୁ ଡେଇଁପଡ଼େ । ନିଆଁରେ ଝାସ ଦେବାକୁ ଆଗରେ ଠିଆ ହୁଏ । ଆକାଶରେ ପକ୍ଷୀପରି ଉଡ଼ିବାକୁ ହାତଟେକେ । ତା ପରେ ସେ ବୁଢ଼ାମରୁ, ପୋଷଯାଇ, କପାଳୁ ଘଷି ଖାଉ - ଗୋଡ଼ ଭାଙ୍ଗୁ, ଯେ ଲକ୍ଷ ନଥାଏ ତା'ର । ଥାଏ - ଆଗକୁ ସେ ଚାଲିବ । ତେବେ ଏ କଣ ଯୁବକ ନୁହଁନ୍ତି ? ଅ'କର କଣ ଯୁବକ ପଣ ହୃଦୟ ନାହିଁ ? ତେବେ କାହିଁକି ଜାଣି, ବୁଝି ଗୋଟାଏ ସରଳା - କୁଆଁରୀ ହିଁ ଅବ ଅପୂରଣୀୟ ଷଣ୍ଢକଲେ ?

ଅନା ଏଇକଥା ଭାବୁ ଥିଲା କିନ୍ତୁ ସେ ପେଲ ଏହାର ଉତ୍ତର । ସେହି ଯୁବକ । ବୟସ ମୋଟେ ଅଠରଙ୍କ । ଯୁବକର

ବଳିଷ୍ଠ ବାହୁଏବେ ତା'ର ନାହିଁ ସତ, ଯୌବନର ଥିଲା । କିନ୍ତୁ ଯୁବକ ପରି ମନଟାର ଷ୍ଟାଣ ରହିଛି । ହଁ...ହଁ..., ସେ ନିଶ୍ଚୟ ଏହାର ଯଥାର୍ଥ ଉତ୍ତର ଦେବ ।

ଉତ୍ତର ଦେବାକୁ ମୁଣ୍ଡ ଟେକିଲା । କଣ କହିବ ? ସେ ଯୁବକ, ସ୍ୱୀକାର କରୁଛି । ମାନୁଛି, ଦିନେ ସେ ଭଲ ପାଉଥିଲା 'ସ୍ୱପ୍ନା' ଭୋଳି ଗୋଟିଏ ଗାଉଁଲି ଝିଅକୁ । କିନ୍ତୁ କାହିଁ ସେତ ତାକୁ ଆଶ୍ରୟ ଦେଇ ପାରିନ ! ତା ଲାଗି ମାତ ବହନ୍ତ । ଯଦିଓ ସ୍ୱପ୍ନା ଜନନୀ ହେବାକୁ ଯାଇନି, ଘରଟିଏ ଗଢିବାକୁ ଦରକାର ପଡ଼ିନି; ତଥାପି ପ୍ରଥମ ମିଳନର ପରେ ପରେ ସ୍ତ୍ରୀ - ପୁରୁଷ ଯତ୍ନବାନ ହୁଅନ୍ତି ନିଜ ଲାଗି ବସା ବାନ୍ଧିବାକୁ । ତା ମନରେ ଏ ଅଭିଳାଷ ଦିନେ ମଥା ଟେକିଥିଲା । ମନେଅଛି ଥରେ ସେଦିନେ ସେ ଓ ସ୍ୱପ୍ନା ବିଲରେ ମାଟି ବୋହୁଥିଲେ । ପୂର୍ବ ଦିଗରୁ ଉଠି ଆସିଲା ମେଘ । କଳାମେଘ - ବିଜୁଳି - ଘଡଘଡି - ଝଡ ବତାସ । ହଁ...ହଁ...ସେଦିନ ଠିକ୍ ଏମିତିକା ମେଘ ଉଠେ ଆସିଲା । ବିଲର କାମ୍ଭା ପାଣି - ପବନରୁ ରକ୍ଷା ପାଇବା ଲାଗି ନିଜ ନିଜ ବାଟରେ ଗାଁ ଆଡକୁ ଧାଇଁଲେ । ସାଂଗରେ କଣ ଆଣିଥିଲେ, କଣ ନେଇଲେ, କିଏ ରହିଗଲା ଦେଖିବାକୁ ସମୟ ନଥିଲା । ସେଇ ଭୂଇଁରୁ ମୂଲିଆ ବାପୁଡା ପଳାଇଲେ । ଆସିଲା ବର୍ଷା— ପାଣି— ପବନ...

ସେ ନିଜକୁ ରକ୍ଷା କରିବାକୁ ତାଙ୍କର ସାଥିରେ ଧାଇଁଥିଲା । ଧାଇଁଲା ବେଳେ ପାଦଖାଲ ଅଟକି ଥଣ । ଦେଖ ଗଡଥାଏ ପଛକୁ—

ଭ୍ରମା କାହିଁ ? କେଉଁଯାଏ ସେ ଆସିଲାଣି ? ଦେଖେ ଠିକ୍ ତାର ପଛେ ପଛେ ଲୁଗାପଟା ଅଣ୍ଟାରେ ଭିଡ଼ି ଭ୍ରମା ଧାଉଁଛି । ସେତେବେଳେ ଭ୍ରମା ଏତେ ସୁନ୍ଦର ଦେଖା ଯାଉଥିଲା, ସେ ଭୁଲି ଯାଉଥିଲା ବତାସି - ବା' । ଚାହୁଁଥିଲା ଭ୍ରମା ସହିତ ମିଶିବା ପାଇଁ ।

ଭ୍ରମା ସହିତ ମିଶିଥିଲା । ଦୁହେଁ ଏକ ସାଥିରେ ଧାଉଁଥିଲେ । ଭ୍ରମା କେବେ କେବେ ରହି ଯାଉଥିଲା ପଛକୁ । ସେ ଅଟକି ଯାଉଥିଲା ତାକୁ ଧରିବା ପାଇଁ । କାହିଁକି··· ?

ନାରୀ କେବେହେଲେ ଶକ୍ତିରେ ପୁରୁଷ ସହିତ ସମାନ ହେବନି । ନିଶ୍ଚୟ ସେ ପଛରେ ରହିବ । ପୁରୁଷ ପୁଣି କରିବ ଅବଶିଷ୍ଟତାକୁ । ତେବେ ନାରୀ ଚାଲିବ ଠିକ୍ ପୁରୁଷ ସହିତ ପାଦମିଳାଇ । ସେତେବେଳେ ପୁରୁଷ ବିରକ୍ତ ହେବ ନାରୀ ଉପରେ । କହିବ, ତୁମେ ଭାରି ଦୁର୍ବଳ । ଦେଖୁନ ଘର ଆହୁରି କେତେଦୂର ରହିଛି - ବେଳଅସି ଆଖର ହେଲାଣି । ଟିକିଏ ଶୀଘ୍ର ଶୀଘ୍ର ପାଦ ପକାଅ···”

ଏତିକିବେଳେ ନାରୀ ବୁଝେ ପୁରୁଷର ଆଉ ଧୈର୍ଯ୍ୟ ନାହିଁ । ନାରୀ ବିରକ୍ତ ହୁଏନି । ସୁହାଗିନୀ ହୋଇ, ପୁରୁଷ ମନରେ ନିଜ ପ୍ରେରଣା ଜାଗରିତ କରିବା ପାଇଁ ଅଭିମାନ ଭରା କଣ୍ଠରେ, କୁହେ, “ହଁ ହଁ । ଆମେତ ଆଜି ତୁମପରି ସମର୍ଥ ନୁହୁଁ ଯେ ତୁରି ଦୁଲକେଇ ଧାଇଁଯିବୁ । ବେଶ୍ ଦିନ ଯଦି ଗଡ଼ିଯିବ କେଉଁଠି ପାଖଗାଁରେ ରାତିଟି କଟାଇ ନେବା । ଏତେ ହନ୍ତ - ସନ୍ତ ହୋଇ ଧାଇଁବା କାହିଁକି ? ତୁମେପଛେ ଧାଉଁଥାଅ, ହେଲେ ମୁଁ ଆଉ ଧାଇଁ ପାରିବିନି ।

ପୁରୁଷ ଶୁଣେ । ନିଜ ଭିତରେ ଦେଖେ, ସତକଥା ଏତେ ଭରଭର ହେଲେ ନିଜର ଯତ୍ନ । ହେଉ ଯତ୍ନ ହେବତ ହେଉ । ଦେଖାଯିବ ତାପରେ ।

ତାପରେ ପୁରୁଷ ଶୁଣିଲେ ଧୀରେ ଧୀରେ ହୁଲ୍କା ମନରେ – ହଉହେ ସତ୍ୟ ଆସୁ । ଏତେ ଭରଭର କାହିଁକି ? ସେତ ହେଉ ଦୁର୍ଯୋଗରେ ମଙ୍ଗଳ ।

ତେବେ ପୁରୁଷର ଶକ୍ତି, ନାରୀର ଧୈର୍ଯ୍ୟ ଦୁହେଁ ଏକାଠି ମିଶିଲେ ସଂସାରର ଖସଡ଼ା ପଥରେ ଆଗରେ ଯିବାକୁ ଦୁହିଁଙ୍କୁ ବାଧା ଲାଗେନା । ଅନା ବର୍ଷା – ପବନରେ ଧାଇଁଥିଲା ବେଳେ, ଭ୍ରମାର ଶିଥିଳତା ଲାଗି ଖା ଉପରେ ବିରକ୍ତ ହୋଇଥିଲା । ଭ୍ରମା କହୁଥିଲା ସେ ଆଉ ଧାଇଁ ପାରିବନି । ଏଇ ଝଙ୍କା ଗଛମୂଳେ ଆଶ୍ରୟ ନେବା । ଜୀବନ ମୂର୍ଚ୍ଛା ଧାଇଁ ଗୋଡ଼ହାତ ଭାଙ୍ଗିବା ଅପେକ୍ଷା ଦିନେ ଓଦା ହୋଇଗଲେ କିଛି ଭାସି ଯାଉନି । ଗାଁ ଆହୁରି ଅନେକ ଦୂର । ବର୍ଷା ପୂର୍ବରୁ କେତେବେଳେହେଲେ ଗାଁରେ ପହଞ୍ଚି ହେବନି । କ'ଣ ଦରକାର ଧାଇଁବା ?

ଅନା ବୁଝି ପାରିଲା ଭ୍ରମାର ଯୁକ୍ତି । ସେ ବର୍ଷା - ପବନ ସହିବାକୁ ତାର ଧୈର୍ଯ୍ୟ ରହୁଛି । ଏତେ ଆତୁର ହେବ କାହିଁକି ? – ଅନା ଆଉ ପ୍ରତିବାଦ କଲାନି । ସେ ଆଶ୍ରୟ ନେଲା ଗଛମୂଳେ । ପାଖରେ ଥିଲା ଭ୍ରମା ।

ସେଦିନ ସେ ଦୁହେଁ ଯେ ମୂକ ପାଷାଣ ପରି ଠିଆ ହୋଇଥିଲେ ତା' ନୁହେଁ । ତାଙ୍କପରେ ଅବସର ମିଳିଲେ, ସମସ୍ତ ସୁବିଧା ଆସିଲେ ପ୍ରତି ପୁରୁଷ - ସ୍ତ୍ରୀ ନିଜ ନିଜ ଗପଯୋଡ଼ି ମେଲିଲା ପରି ସେ ଦୁହେଁ ଠିକ୍ ସେମିତି କହୁଥିଲେ । କେତେଅଳ୍ପ

କେତେ ଯେ ଗପ ଶୁଣିଥିଲା ତା'ର ନଥିଲା ଶେଷ, ନଥିଲା ଯେମିତି ଆରମ୍ଭ । ପୁଣି ନୂଆ ଯୌବନର ନେହୁଆ ଢଙ୍ଗରେ ଯେଉଁ ମାଦକତା ଥାଏ, ସେ ସମୟରେ ଗପ - ଚେଷ୍ଟା ଅନ୍ୟ ସମୟଠାରୁ ପୃଥକ୍ ଥାଏ । କ୍ଷମା ସେଦିନ ବରଷା ଭିଜା ଦେହରେ ତା ଉପରକୁ ଆଉଜି ଆସିଥିଲା । କାନ ପାଖରେ କହୁଥିଲା, ଅନୁଭବ ଆମେ ଏଇନେ କେଉଁଠି ?

—କହୁଥିଲି, "ଗଛମୂଳେ ।"

କ୍ଷମା ମୁହଁ ବୁଲାଇ କହୁଥିଲା -"ଉଁ...ହୁଁ... ଝୁଲା ଝୁଲା । କୁହୁ. ବରଷା ଝରା ଆକାଶ ତଳେ—ପବନ ଭିଡରେ ।"

—"କାହିଁକି ଏ କଣ ଗଛମୂଳ ନୁହେଁ ?"

ସତକହୁଛ ଅନାଇ । ଆମେ ଗଛମୂଳେ । ଗଛ ଆମର ଆଶ୍ରୟ । ଆଶ୍ରୟ ଛାଡିକୁ ଶ୍ରେଷ୍ଠ ମନେକରିବା ଉଚିତ ନୁହେଁ । ତେବେ କହୁଥାଅ ଅନା'ଇ ! ସବୁଦିନ ଆମ୍ଭେ କେଉଁଠି ଆଶ୍ରୟ ନେବା ? ଜୀବନରେ କେତେ ଝଡ଼ - ଝଞ୍ଜା ଆସିବ । ସବୁଠି କଣ ଗଛମୂଳ ଥିବ ?"

ସେ କହୁଥିଲା, "କାହିଁକି ଆମର କଣ ଘରନାହିଁ ? ଦେଖ୍ ଦୁହେଁ ସେ ଘରେ ରହିବା । ବାହାରର ପାଣି ପବନ ଜଡ଼ା ମଧ୍ୟ ଭେଦକରି ପାରିବ ନାହିଁ ।"

କ୍ଷମା ହସିଥିଲା । ସେ ଦେଇ ବରଷା, ଦହାସି ଭିତରେ କ୍ଷମାକୁ ଯାକଧରି ମନତୋଳା କୋଳ ଦେଇଥିଲା । ସେ ସ୍ୱପ୍ନ...

ବାହିଁ, ଯେଉଁ ଆଶାରେ ସେ ଧାଇଁଥିଲା, ଉଚ୍ଛୁତ ହୋଇ ଯାଇଥିଲା । କୁଆଡେ଼ ଗଲା ସେ ପାଣି - ପବନ, ଗଛ; ଅଭ

ଭ୍ରମା ? ସେ କହିଥିଲା ନା ଯୁବକର ହାଣୁଆ ମନନେଇ -"ଭ୍ରମା ! ତୁମେ ଆମେ ଆଶ୍ରୟ ନେବା ତା'ର ଟିକି କୁଡ଼ିଆ ଭିତରେ । ବାହାରର ପାଣି - ପବନ ଭେଦ ପାରିବନି ଛଣକୁ ।" କାହିଁ, ତା'ର କୁଡ଼ିଆ ଘରଟା ଖାଲି ପଡ଼ିଛି । ଭ୍ରମା ଆସୁନି ମୁଣ୍ଡ ଗୁଞ୍ଜିବାକୁ ? ···

—ଅନାର ସ୍ମୃତି ଦୁଃଖରେ ଜରମି ଆସିଲା । ଗତ ଅନୁଭୂତିର ନିର୍ମମ ଅତ୍ୟାଚାର ପ୍ରତି ରକ୍ତ ବିନ୍ଦୁରେ ନିଆଁ ଲଗାଇଲା । ଆଖିରୁ ବହି ଆସିଲା ଲୁହ । ଥରି ଉଠିଲା ଅଧରୋଷ୍ଠ । ହାତ ଭଙ୍ଗି ଉଠିଲା । କହିଲା—

ନା···ନା··· ଏ ତା'ର ଭୁଲ ନୁହେଁ, ଭ୍ରମାର ଭୁଲ ନୁହେଁ । ନିଷ୍ଠୁର ଜାତିଆଣ ତା' ହାତରୁ ଛଡ଼ାଇ ନେଇଛନ୍ତି ଭ୍ରମାକୁ । ଧକ୍କା ମାରି ତଡ଼ି ଦେଇଛନ୍ତି ଗାଁରୁ । ସେ ଆଶ୍ରୟ ନେଇଛି ଗାଁ ବାହାରେ । ଏପାଏ ସେ ତା'ର କୁଡ଼ିଆରେ ଏକା । ମନରେ ଆଶା ରଖିଛି—ଜୀବନର ଶେଷ ପର୍ଯ୍ୟାୟରେ ଯଦି ଭ୍ରମା ସହିତ ସାକ୍ଷାତ ହୁଏ, ସେ ହାତ ବଢ଼ାଇବ ଭ୍ରମାକୁ ଆଶ୍ରୟ ଦେବାଲାଗି ।

ଆଜି ଏ ଯୁବକ ? ସୁଯୋଗ ଥାଇ, ଜାଣି ଜାଣି ତ୍ୟାଗ କରୁଛନ୍ତି ନିଜର ପ୍ରଣୟିନୀକୁ । ନିର୍ଦ୍ଦେଶ ଦେଉଛନ୍ତି, ସେ କଣ୍ଢାକୁ ଜୋର ଜବରଦସ୍ତି ଟାଣି ଓଟାରି ସାଗର ଗର୍ଭରେ ଫିଙ୍ଗି ଦେବାକୁ । ହେଲେ ସିପ୍ରା କରୁ ପାରିବନି । ସେ ନାରୀ । ବାବୁ ! ତୁମେ ଯୁବକ । ଦେହରେ ବଳ ରହିଛି । ଯେଉଁ ମନରେ, ଯେଉଁ ହାତରେ ସିପ୍ରାକୁ ଆଲିଙ୍ଗନ କରିଛ ସେଇ ହାତରେ ତାକୁ ଆଶ୍ରୟ ଦିଅ । ତା'ର ଘର କୁଡ଼ିଆ ଟିଏ କରି, ମୂଲ ଲାଗି ସିପ୍ରାକୁ ବଞ୍ଚାଅ—ବଞ୍ଚାଅ ଭାବି ଶାବକଟିକୁ । ଦେଖିବ, ତହିଁରୁ ଝରିବ ଅପାର ଆନନ୍ଦ - ସ୍ରୋତ ।

ହୁମୀ - ସ୍ତ୍ରୀ - ସନ୍ତାନ ! ତିନିହେଁ ଏକାଠି ବସି ପରସ୍ପର ମୁହଁକୁ ଚାହିଁବାରେ ଯେଉଁ ସୁଖ - ଶାନ୍ତି, ପ୍ରେମ ଫୁଟି ଉଠିବ—ତା ପାଖରେ ତୁମ ବାପାଙ୍କର କୋଟି କୋଟି ଟଙ୍କା ହାର ମାନିବ । ସିପ୍ରା ଲାଗି କୁଡ଼ିଆ କର । ତାପରେ ବୁଝିବ ପ୍ରେମର ମହତ୍ତ୍ୱ, 'ସ୍ୱାମୀ - ସ୍ତ୍ରୀ - ସନ୍ତାନ' ଜୀବନ କାହାଣୀର ବିଶେଷତ୍ୱ । ସେ ଦିନେ ଏଇଆଶା କରିଥିଲେ - ଜଣକୁ ଆଶ୍ୱାସନା ଦେଇଥିଲେ । ସବୁ ବ୍ୟର୍ଥ ହୋଇଛି । ସେ ପଳାଇ ଆସିଛି ଦୂର ଗାଁଇକୁ । ପର ଗାଁଇକରେ ସେ ବସା ବାନ୍ଧିଛି । କାହାର ସାହାସ ନାହିଁ ସେ ବସା ଭାଙ୍ଗି ଦେବାକୁ । ସେଇ ବସାରେ ସେ ଏକା । ଆଶାର ଆଲୋକ ଜାଳି ଅପେକ୍ଷା କରିଛି ଜଣକୁ । ଯଦି କେବେ ତାର ପରିଚିତ ସାଥୀ ଆସେ ସେ ତାକୁ ଆଶ୍ରୟ ଦେବ ତା କୁଡ଼ିଆରେ···

—ଅନା ନିଜ ଭିତରେ ଆଉ ଅଧିକ କଷ୍ଟ ସହି ପାରିଲାନି । ଛାତି ଭିତର ଅଜାଡ଼ିହୋଇଆ ଲାଗିଲା । ରିକ୍ସାରୁ ଓହ୍ଲାଇ, ଗଡ଼ିଲେ ଚାଲିବନ୍ତ ଚଳିଲକୁ ।

ସିପ୍ରା ହଠାତ୍ କେହି ଜଣେ ଆସୁଥିବାର ଦେଖି ମୁହଁ ବୁଲାଇ ଚାହିଁଲା ଅଥଳ ସାଗର ଆଡ଼େ । ତା' ଆଖି ଦୁଇଟା ମଳିନ, ବିବର୍ଣ୍ଣ ଓ ଅଶ୍ରୁ ପୂର୍ଣ୍ଣ ।

ଅନା ଯୁବକଙ୍କ ପ୍ରତି କଟେଇ ଚାହିଁଲା । ସିପ୍ରାର କରୁଣ କାହାଣୀ ଅନାକୁ ଅତି ବିବ୍ରତ ଓ ମର୍ମାହତ କରି ଦେଲା ।

× × ×

—ମୋହ ମାୟା ଜଗତ । କେତେ କେଉଁଠି ମୋହ ଲାଗି ମାୟାର ରୂପ ଧରୁଛି । କେଉଁଠି ବା କେହି ମାୟାର ମୁଖାପିନ୍ଧି ପ୍ରେମର ମୋହ ଲଗାଉଛି । ଏଇ ଯୁବକ ? ମାୟାବୀର ହୁଏତ

ମୋହ ଲଗାଇଥିଲେ ସିପ୍ରା ସତ୍ତ୍ୱେ, କେବଳ ତାର ଯୌବନର ସନ୍ଦର୍ଭ ଟିକକ ପାଇବା ଲାଗି । ସିପ୍ରାର ସରଳ ମନ ବୁଝି ପାରିନ ନେ ମାୟା । ଭାବିଲା, ଜଗତରେ ଏଇ ଯୁବକ କେବଳ ତା ଲାଗି ମମତା ଦେଇ ପାରିବେ । ସେଇ ମମତାର ଆଶାରେ ଧରାଦେଲା ଯୁବକର ମାୟା - ଜାଲରେ । ନିର୍ବୋଧ ଯୁବକ ସରଳା ଝିଅର ସରଳତାର ସୁଯୋଗ ନେଇ ମନଇଚ୍ଛା କରିଗଲେ ଅତ୍ୟାଚାର । ଲକ୍ଷ୍ୟ ସଭାର ମମତା - ପାଗଳୀ ଝିଅ ସୁଖର ପ୍ରଥମ ସୋପାନ ଭାବି, ମଥା ପାତି ସହିଗଲା ସେ ଅତ୍ୟାଚାର । ତାପରେ—

ମୋହ ଭାଙ୍ଗିଲା । ଗର୍ଭ ଶିଶୁ ଲାଗି ଦୁହେଁ ବିବ୍ରତ । କେଉଁଠି ରଖିବେ ସେ ରତ୍ନକୁ ? କାହିଁକି ଦୁନିଆଁରେ କଣ ତା ପାଇଁ ସ୍ଥାନ ନାହିଁ ? ସାଗରର ବେଲା ଭୂମି - ପଶ୍ଚିମ ଘାଟର ଗିରି ଗହ୍ୱର—ଲମ୍ବେଇ ବିଶାଳ ବକ୍ଷ ପଡି ରହିଛି । ଯାଅ, ଯେଉଁଠି ଇଚ୍ଛା ସେଠି ଆଶ୍ରୟ ନିଅ ଦୁହେଁ । ଦୁହେଁ ବଞ୍ଚାଅ ତୁମ ସୃଷ୍ଟିର ପ୍ରଥମ ଦାନକୁ । "ପାରିବନି ତୁମେ :"—

ଅନା ଏଇକଥା ଯୁବକଙ୍କୁ ପଚାରି ତୀବ୍ର ଦୃଷ୍ଟିରେ ଚାହିଁଲା । ଯୁବକ ନୀରବ । ଚଳିଲା ! କଣ ସେ ଉତ୍ତର ଦେବ ଗୁରୁ ଗୋଟାଏ ଲକ୍ଷ୍ୟ ବାଳର ପ୍ରଶ୍ନରେ ।

ସିପ୍ରାଙ୍କ ପ୍ରତି ଦୃଷ୍ଟି ଫେରାଇଲା ଅନା । 'ସିପ୍ରା' ! - ଲକ୍ଷ୍ୟ ସଭାରେ ଏପରି ବାହାର ନାଁ ଥାଇପାରେ ? ଏ ଯେ ବଡ ଲାଜର ନାଁ । ନାଁର ମୂଲ୍ୟ ସ୍ଥାନ, ବଂଶର ପରିଚୟ ଦେଇଥାଏ ସବୁଠି । ସିପ୍ରା, ଏପୁଣି ସଭରେ କଣ ଲକ୍ଷ୍ୟ ସଭାର ଝିଅ ? ନାହିଁ, କେବେବି ସେ ଶୁଣିନି ସଭାରେ ଏପରି ନାଁ । ହୁଏତ

ଦେଖିପାରୁ ନଥିବ ବା ଶକ୍ତି ନଥିବ ସମସ୍ତଙ୍କୁ । ହେଲେ ନାଁ ଟାଉ ଧାନରେ ବାନ୍ଧିଥାନ୍ତା ? ଟଙ୍କତେ ହୁଅଁସ ହିଁଅ ପ୍ରଭାବୁ ଅଦୃଶ୍ୟ ହୁଅନ୍ତି ତାର ହିସାବ ସେ ଶୁଣିଛି । କିନ୍ତୁ ସିପ୍ରା, ! ସିପ୍ରା କିଏ ? ପଢ଼ାରୁ ସିପ୍ରା ବୋଲି ଜେହୁ ଅଦୃଶ୍ୟ ହେବାର ସେ ଜାଣେନା ! ତେବେ ଏ ସିପ୍ରା କିଏ… ? ? ? – ଅନା ଭାବିହେଲା ।

ସିପ୍ରା ସେତେବେଳେ ଆରବ ସାଗରକୁ ଗୁହିଁ ଦେଖୁଥିଲା, ସାଗରର ଆରପାରକୁ ଛୁଇଁବା ଲାଗି ଗୋଟାଏ ଜାହାଜର ଅନେକ ସ୍ତମ୍ଭ ଦିଗ୍‌ବଳୟ ତଳେ ଲିଭି ଲିଭି ଯାଉଛି । ଆଜି ସେ ଛା'ର ଭିତରେ ଦେଖୁଛି, ଅତୀତର ସ୍ମୃତି – ବଡ଼ ସବୁ ଘଟଣା କ୍ରମେ କ୍ରମେ ଲିଭି ଯାଉଛି । ତିନିମାସ ହେଲାଣି ସେ ଯେଉଁ ଆନେକ ରେଖା ନିଜ ଭିତରେ ଦେଖୁଛି ସେ ଲିଭାଇ ଦେଉଛି ଅତୀତକୁ । ଭାବୁଛି "ମା ! ମୋ ଲାଗି ଆଶ୍ରୟ କାହିଁ ? ମୁଁ ପ୍ରଥମ ହୋଇ ମାଟି ଛୁଇଁଲେ କିଏ ମୋର 'ପିତା' ବୋଲି ପରିଚୟ ଦେବ – ଜଣେ ମିଲ ମାଲିକର ପୁଅ, ନା ଜଣେ ରିକ୍ସାବାଲା ?"

ସିପ୍ରା ପାଗଳୀ ହୋଇଯିବ । ପଚାରୁଛି – "ମୋ ପିଲାକୁ କ'ଣ ବାପାର ସ୍ନେହ ଦେଇ ପାରିବ ନାହିଁ ମହେଶ ?"

"ଏତେ ବ୍ୟସ୍ତ ହୁଅନାହିଁ ସିପ୍ରା । ଗଛଥିଲେ ଫଳ, ଫୁଲ ଓ ଛାଇର ଅଭାବ ରହିବ ନାହିଁ ।…"

ଅନାର ଅପାଦମସ୍ତକ ହିଂସ୍ର ହୋଇ ଜଳି ଉଠିଲା । ମହେଶ ବାବୁ ସିପ୍ରାର ସରଳତାର ସୁଯୋଗ ନେଇ ତାକୁ ନଷ୍ଟ କରିଛନ୍ତି । ଆଜି ସେ ତୃତ ସ୍ଥଳ – କିନ୍ତୁ ଗୋଟାଏ ନିର୍ଭର ଯୋଗ୍ୟ ଜବାବ ନଦେଇ ଫେରିବାନି । ହେଲେ ଯେଉଁ ଜବାବ ସେ ଶୁଣିଲା, ସେଥିରେ ମହେଶ ବାବୁଙ୍କୁ ସେ ମଣିଷ ବୋଲି ଚିହ୍ନି ପାରୁନି ।

ସେ ନାରୀ । ନାରୀର ସାଧନା, ନାରୀର ଧର୍ମ - ଜନନୀ ହେବା । ଆଇନ ଅନୁମୋଦିତରେ ହେଉ, ବା ବେଆଇନ୍‌ରେ ହେଉ ଯେତେବେଳେ ସେ ମା' ହେବାକୁ ଯାଉଛି - ମାତୃତ୍ୱର ଅବମାନନା କରି ମହା ପାପ ଅର୍ଜନ କରି ପାରିବ ନାହିଁ, ଭାବି ଶାବକଟିକୁ ଠିକ ଠିକ ନଷ୍ଟ କରି । କେହି ଯଦି ସେ ଶିଶୁକୁ ଅନୁମୋଦିତ ନକରେ ?

ଅନାରି ଦେହ ଶିହରି ଉଠିଲା । ସେ ଠିକ୍ କଲା କେହି ଯଦି ସେ ଶିଶୁକୁ ଅନୁମୋଦନ ନକରେ, ନକରୁ । ହେଲେ ସିପ୍ରା କିନ୍ତୁ ଅନୁମୋଦନ କରିବ । ନିଜର ରକ୍ତ ଦେଇ ଶିଶୁଟିକୁ ବଞ୍ଚାଇବ । ସେ ନିଜେ ଜାଣିବ, ଆତ୍ମ ବିଶ୍ୱାସ କରିବ, ତା କୋଳର ଶିଶୁଟି ହତଭାଗ୍ୟ ଭିକ୍‌ସାରୀର ନୁହେଁ—ଜଣେ ମିଲ ମାଲିକର ପୁଅ ତା'ର ପିତା । ଦିନ ଦିନ ଧରି ସାଧନା କରି ବଢାଇବ ଶିଶୁକୁ । ଶିଶୁ ବଡ଼ହେଲେ କହିବ—"ଅଲିର ସାଗର କୂଳରେ ଯେଉଁଠି ଅସଂଖ୍ୟ ମିଲ ମୁଣ୍ଡ ଟେକିଛି ତାରି ଭିତରୁ ଗୋଟିକର ମାଲିକ ତାର ବାପା ।

ଏଇ ଆଶା ଓ ବିଶ୍ୱାସ ତା'ର ଏକମାତ୍ର ସମ୍ବଳ ।

\+ \+ \+

ଆଶାର ବଳରେ ସିପ୍ରା ଦୀର୍ଘ ନିଶ୍ୱାସ ମାରିଲା । ଉପରି ଆକାଶକୁ ଚାହିଁ ପ୍ରଣତି ବାଢ଼ିଲା । ମନେ ମନେ କହିଲା, ମା ! ଜଗତରେ ଆଉ ଦେଖ ତୋର ପାଳିତା ଝିଅ 'ଗୌରୀ' ଶତ ଚାହିଲେ ହେବ ଅଶ୍ରୁ ମ୍ଳାନା । ତା'ର ଧୃଷ୍ଟତା ଲାଗି ସରଗିଭୂନ ତା ଜଠରେ । ଭୁଲ ବା ଠିକ୍‌ରେ ଯେଉଁ ଗୁରୁତର କାମ ହୋଇ ଯାଉଛି, ତାହାକୁ ଉଲୁଟିବାକୁ ସ୍ପୃହା ନାହିଁ । ମା ! ଜାଣି ଜାଣି ଆହୁରି କାହିଁକି

ଅପରାଧର ଭାର ବଢ଼ାଇବ ? ପିଲାଦିନରୁ କେହି ତାର ଆଶ୍ରୟ ଦାତା ନଥିଲେ । ଯୌବନର ପ୍ରଥମ ସଂଘାତରେ ଯାହାଙ୍କୁ ସେ ପାଇଥିଲା ସେବି ଯାଇଛନ୍ତି - ରହିଛି କେବଳ ସେ ସ୍ମୃତି ଟିକକ ଛାୟାପରି କେବଳ ସେ ନିଜେ ଥିଲା । ଯୌବନର-ସାଥୀଙ୍କୁ ଫେରାଇ ନେବାକୁ ଆସି ପହଞ୍ଚିଲୁ ତୋର ହାତରେ । ତୋର ସ୍ନେହ, ମାୟା, ମମତା କ୍ରମେ କ୍ରମେ ଲଭାଇ ଦେଲା ଅନ୍ତରର ଶକ୍ତିକୁ । ତା ପରେ ଏ ମହେଶ ବାବୁ ··? ହଁ, ମା ସେ ଅପରାଧ କରିଛି, ଯାହାର ପ୍ରାୟଶ୍ଚିତ୍ତ ନାହିଁ । ସେ ବେଇମାନ କରିପାରେ ତା ପ୍ରତି ଏମିତି ଦଣ୍ଡ ଦଉଥାଏ । କେତେବେ ମା ! ଜାଣି ଜାଣି ଆହୁରି ଗୋଟାଏ ଅପରାଧ କରିବି କାହିଁକି ? ଯେତ ଚାହିଲେ କେହି ନ ହୁଅନ୍ତୁ ମୋର ଆଶ୍ରୟ ଦାତା । ଏଇ ଉତ୍ତର ଝିଅ ତା'ର ବଳ, ତାର ମୋହ - ମାୟା - ମମତା । ସେଇ ତାର ଧନ - ରତ୍ନ - କୋଠା ବାଡ଼ି, - ସବୁକିଛି । ସେ ସିପ୍ରା ନୁହେଁ, କୋଟି ପତିର କୁଳବଧୂ ନୁହେଁ - ସବୁ ତାର ଧୃଷ୍ଟତା । ମା ! ସେ ତୋର ନଷ୍ଟା ଝିଅ ଗୌରୀ - ଜଣେ ରିକ୍ସାବାଲା ତାର ପାଳକ ପିତା - ଜଣେ ମିଲ ମାଲିକର ଉଦ୍‌ଭ୍ରାନ୍ତ ପୁଅ ତାର ନାଷ୍ଟକାର ସ୍ୱାମୀ—।

—ସିପ୍ରା ଆଖିରୁ ଦୁଇଧାର ଲୁହ ବହି ଆସିଲା । ଜଳାଗ ଆଖି ନରମି ଗଲା । ଦୀର୍ଘ ନିଶ୍ୱାସ ମାରି ଶେଷଥର ପାଇଁ କହିଲା — ହଁ ମା' ! ସେ ଆଉ କେହି ନୁହେଁ, ତୋର ପାଳିତା ଝିଅ ଗୌରୀ - ତୁ ତାର ଜୀବନ ରଖିଥିଲୁ ସେ ପାହାଡ଼ ଉପରୁ ଡେଇଁ ପଡୁଥିଲା ବେଳେ ।

\+ + +

ଅନା ଚାହିଁଲା ସିପ୍ରାର ମୁହଁକୁ । ମୁହଁ ତାର ମଳିନରୁ - ଆଖିରେ ଲୁହ - ଅଧରୋଷ୍ଠ ଥରୁଥର - ମୁଣ୍ଡର ବାଳ ଉତ୍ତପ୍ତ

ପିଠିର ଲଟା ଭୁଇଁରେ ଘୁସୁରୁଛି । ସେ ଯେପରି ଉନ୍ମାଦିନୀ । ଦୁଇହାତ ଉପରକୁ ଟେକି ଅସ୍ପଷ୍ଟ ଭାଷାରେ କୁହୁଛି ହଁ, ମା - ତାକୁ କ୍ଷମାକର ।

ସିପ୍ରା ଆକାଶରୁ ମୁହଁ ଫେରାଇ ଚାହିଁଲା । ଆଖି ଦୁଇଟା ପଶି ପଶି ଗଲା ଭିତରକୁ । ହଠାତର ତୀବ୍ର ଗନ୍ଧରେ ଚାହିଁଲା ମହେଶ ଆଡ଼େ । କିନ୍ତୁ ହାୟ ! ମହେଶ ବାବୁ ସେତେବେଳେ ପତଳା ଅନ୍ଧକାରରେ ଲିଭି ଲିଭି ଯାଉଥିଲେ । ସିପ୍ରା ଆଉ ନଦେଖି ପାରିଲାନି ତାଙ୍କୁ । ଆଶାର ପୂର୍ଣ୍ଣ ଆଲୋକ ଲିଭିଗଲା । ହଜିଗଲେ ଚନ୍ଦ୍ର—ଖଣ୍ଡ ଖଣ୍ଡ ହେଲା ମେଘର ଅନ୍ତରାଳରେ ।

ସିପ୍ରାର ଆଉ ଶକ୍ତି ରହିଲାନି ତାଳବନ୍ତ ଉପରେ ଠିଆ ହେବାକୁ । ଗଳା ଫଟାଇ ଝରି ଆସିଲା ଲୁହ । ସେ ଭଇଁ ଭଇଁ କାନ୍ଦି ଉଠିଲା । ବିକଳର ଆର୍ତ୍ତି ଚିତ୍କାରରେ 'ମହେଶ ବାବୁ' ବୋଲି ତାଙ୍କ ଦୁଇପାଦ ଧାଇଁ ଯାଉଁ ଯାଉଁ କମ୍ପିତ ହୋଇ ପଡ଼ିଲା ।

ଅନାର ଦେହ ଅସମ୍ଭବ ରୂପେ ଥରି ଉଠିଲା । ଆଖି ଆଗରେ ମହେଶ ବାବୁ ଗୋଟିଏ ନାରୀର କୋମଳ ଗଳାରେ ଶକ୍ତ ଧକ୍କା ଦେଇ ଚାଲିଗଲେ । ଇସ୍ କି ପାଷାଣ ତାଙ୍କର ହୃଦୟ ! ମଣିଷ କଣ ଭଲପାଇ, ଶେଷରେ ଏମିତି ପ୍ରତାରଣା କରିପାରେ ?

ଅନା ଭାବି ପାରିଲାନି ଏହା ସମ୍ଭବ କି ଅସମ୍ଭବ । ସମ ବେଦନାରେ ନଇଁ ଗଲା ତାର ଟାଣୁଆ ହୃଦୟ । 'ସିପ୍ରା' ବୋଲି ତାକୁ ଧରି ପକାଇଲା ।

ସିପ୍ରା ଆଘାତ ପ୍ରାପ୍ତ ହରିଣୀ ପରି ଚାହିଁ ରହିଲା ଅନାର ମୁହଁକୁ । ଠପ୍ ଠପ୍ ଗଡ଼ି ଆସିଲା ଧାରି ଧାରି ଲୁହ ।

ଅନାର ଆଖି ଓଦେଇ ଆସିଲା । ସେ ଭାଉଛି, ରିକ୍ସାବାଲା
—ଏକଦା ଆଘାତ ପାଇଥିବା ଜୀବନରେ ସେ ଭେଟିଲା ସିପ୍ରାକୁ
ଭିତର କଥା । କହିଲା - ସିପ୍ରା ! ଆଜି ପର୍ଯ୍ୟନ୍ତ ଏଇ ଅଭାଗଟେ
ଦୁନିଆଁ ଭିତରେ ଘରକରି ବଞ୍ଚି ରହିବାକୁ ହେଲେ
ମୁହୂର୍ତ୍ତରେ ଠୁକର ସହିବାକୁ ହେବ । ସେ କଥା କେବଳ ଜାଣେ
ଏଇ ଅନା···, ଯେ ରିକ୍ସା ଟାଣି ବଞ୍ଚି ରହିଛି ।

"ଅନା ! !"

"ହଁ ସିପ୍ରା, ରିକ୍ସାବାଲା ଅନା ।"

ସିପ୍ରାର କଣ୍ଠ ଥର ଉଠିଲା । ଥରିଲା ଥରିଲା ହାତରେ ଲୁହଭରା ଆଖି ଦୁଇଟା ପୋଛି, ଚୋଙ୍କ ଚୋକ କହିଲା - "ଅନାଇ, ମୁଁ ସିପ୍ରାନୁହେଁ, ରିକ୍ସା-ପଡ଼ାର ଝିଅ ଗୌରୀ । ଏକଦା ଟାଙ୍ଗିଲି ଦୁନିଆଁଟା କଣ···" - ଆଉ କହି ପାରିଲାନି କିଛି । ଅହାରନ୍ତ ଲୁହ ତାର ଥରିଲା ଥରିଲା ଅଧର ଯୁଗଳକୁ ଛୁଇଁଗଲା ।

ଅନା ଚମକି ଉଠିଲା । ଗୌରୀ ! - ତାଙ୍କ ପଡ଼ାର ଝିଅ ? ହଁ; ହଁ - ଗୌରୀ । ବେଶ୍ ଠିକ ଅଛି । ଏବେ ସେ ଦୁନିଆଁକୁ ଚିହ୍ନୁଛି । ହଁ, ଚିହ୍ନୁ ।

ଗୌରୀ ଆଉପୁ ହ୍ଳାନା, ଅସହାୟ ଅବସ୍ଥାରେ ଦେଖୁଛି ଲୁହି ରହିଲା ଅନାର ମୁହଁକୁ । କିଏ ତାକୁ ଆଶ୍ରୟ ଦେବ ? ଅନାଇ ? ହଁ, ହଁ ଅଥବା ହେଲେ ତୁମେ ଅସି ପଡ଼ିଛ । ତାକୁ ତୁମେ ସାହାଯ୍ୟ କର । ଗୌରୀ, ଅନାର ହାତଧରି ଥରିଲା ଥରିଲା କଣ୍ଠରେ କହିଲା,

—"ଅନାଇ ତୁମେ ମତେ ବଞ୍ଚାଇବ । ବାହାର ଅପରେ ଲୁହନା ତାର ପ୍ରାଣରୁ ଗାଢ ଅବୈଧ ବୋଲି ହୁଏତ । ସେ ···

ହୋଇପାରେ, ସେ କଂଳଙ୍କିନୀ ହୋଇପାରେ, ସେ ପାପିନୀ ହୋଇପାରେ – ହେଲେ ତାର ପ୍ରଣୟ ପାପ, ନୁହେଁ ତା'ର ଗର୍ଭ ଧାରଣ ପାପ ନୁହେଁ । ସେ ପାପ ମନରେ ମହେଶ ବାବୁଙ୍କୁ ଭଲ ପାଇନଥିଲା । ଦୁନିଆଁର ସବୁ ଅତ୍ୟାଚାର ସେ ମଥାପାତି ସହି ପାରିବ । କିନ୍ତୁ ଯେଉଁମାନେ ତା'ର ମାତୃତ୍ୱର ଅବମାନନା କରି ଘୃଣା କରିବେ ସେ, ସେ ଅପମାନ ସହି ପାରିବନି । କେତେ ମହତ୍ ଆଶାରେ, କେତେ ମହତ୍ ଭାବନାରେ ହୃଦୟ ଖୋଲି ସେ ମିଶାଇ ଦେଇଥିଲା ନିଜକୁ ମହେଶ ବାବୁଙ୍କ ସହିତ । ତା'ର ପ୍ରେମ କାର ନାଗର ପ୍ରେମ ନୁହେଁ, ସ୍ୱାମୀ – ସ୍ତ୍ରୀର ପ୍ରେମ । – ଯାହାର ମୂଲ୍ୟ ଅମାପ, ଅତୁଳନୀୟ । ଅନା'ଇ ! ତା'ଲାଗି ଏତିକି କର । ତୁମେ ତାର ସାକ୍ଷୀ ହୁଅ । ଯେଉଁମାନେ ତାକୁ କହିବେ ତାର ପ୍ରଣୟ ପାପ, ତାଙ୍କର କାନଧରି କୁହ—

"ଭୁଲ କହୁଛ ତୁମେମାନେ । ଏଇ ସହରର ଜଣେ କୋଟିପତିର ପୁଅ ତାର ସ୍ୱାମୀ । ସେ ତୁମମାନଙ୍କର ଅଜ୍ଞାତରେ ବିବାହ କରିଛି କୋଟି ପତିର ପୁଅ ମହେଶ ବାବୁଙ୍କୁ । ତାର ସାକ୍ଷୀ ନିଜେ ଇନ୍ସପେକ୍ଟର ଅନା । ତାପରେ କିଏ ବିଶ୍ୱାସ କରୁ ବା ନକରୁ । ତୁମର ସାକ୍ଷୀ ତାକୁ ବଳ ଦେବ । ସେଇ ବଳରେ, ନିଜ ରକ୍ତ ପାଣି ଫଟାଇ ବଢ଼ାଇବ ସେହି ଶିଶୁକୁ । ଶିଶୁ ବଡ଼ହେଲେ କହିବ ଏଇ ମହେଶ ବାବୁ ତୋର ବାପା । ସନ୍ତାନର କ୍ଷମତାରେ ତୁ ତୋ'ର ପ୍ରାପ୍ୟ ଆଦାୟ କର । ତୁମେ ସେତେବେଳେ ସାକ୍ଷୀ ଦେବ—ହଁ, ହଁ ଏହି ମହେଶବାବୁ, ମିଲ ମାଲିକ ତୋର ବାପା—"

ଅନା ସାଧାରଣ ପରି ଶୁଣିଗଲା ଗୌରୀର ଆଶା, ଆକାଂକ୍ଷା, ପ୍ରାର୍ଥନା । ସେ ତାକୁ ଆଶ୍ରୟ ଦେବ, ବଞ୍ଚାଇବ । ହଁ, ହଁ ସେ

ରକ୍ଷାକରିବ ନିସ୍ପୃହା ଅଭାଗିନୀ ରିକ୍‌ସାପତାର ହୋଇଥିଲୁ । ସେ ବଞ୍ଚାଇବ ତାର ସନ୍ତାନକୁ, ନିଜକୁ ଭାଙ୍ଗି ଚୁରି । ଶିଶୁ ବଡ଼ହେଲେ ଯେଉଁଦିନ ପଚାରିବ—

"ମା' ! କାହାଁନ୍ତି ମୋର ବାପ ?"

ସେଦିନ ସେ ଆନନ୍ଦରେ ହସି ହସି ଫାଟିଯିବ । ନିଜ କାନରେ ବନ୍ଧୁଆଣି ଦେଖାଇବ ମିଲ ମାଲିକର ଘରକୁ । କହିବ ଏଇଟି ତୋର ବାପା ରହନ୍ତି । ଯା, ପଚାରିବୁ - କିଏ ମଦ୍ଦେଶ ବାବୁ ? ନିଶ୍ଚୟ ଜଣେ ବାହାରିବେ, ଦେଖ୍ ସେଇ ତୋର ବାପା । ଯୋର ଗୁଲନ୍ କର ସନ୍ତାନର କ୍ଷମତାରେ ତୁ ତୋର ପ୍ରାପ୍ୟ ଆଦାୟ କର । ଯଦି ସେ ଅସ୍ୱୀକାର କରନ୍ତି, କହିବୁ—ଜଣେ ରିକ୍‌ସାବାଲା ସାକ୍ଷୀ ଦେଉଛି ତୁମେ ତା'ର ବାପା । ତୁମକୁ ସେ ଦେଖିଥିଲା ଆରବ ସାଗର କୂଳରେ । ତୁମେ ତାର ମାକୁ ଦିନେ ନିର୍ଜନ ରାତିରେ ଏକାକୀ, ଅନାଥିନୀ ରୂପେ ତ୍ୟାଗ କରିଥିଲ ଆରବ ସାଗର କୂଳରେ । ଅନାଥବାଲି କେଉଁ ରିକ୍‌ସାବାଲା ମାକୁ ଆଶ୍ରୟ ଦେଇଥିଲା —

ଅନାର ବୁକୁ ଫୁଲି ଉଠିଲା । ଗୌରୀର ଟଳଟଳ ଦୁଇ ଆଖି ବୁଲାଇ ଝାଙ୍କିଦେଇ "କହିଲା --ଗୌରୀ ତୁ ମୋର ଧର୍ମର ଭଉଣୀ ଥା, ଅର୍ଜୁନ ତୁ ରହିବୁ ମୋର ପାଖରେ - ମୁ ବଞ୍ଚାଇବ ତତେ, ତୋର ସବୁ ଛୁଆକୁ ।"

—ଅସହାୟ । ଅକସ୍ମାତରେ ଗୌରୀ ଅଯାଚିତ ଆଶ୍ରୟ ପାଇ କୃତଜ୍ଞଭାବେ ଦୀର୍ଘ ନିଶ୍ୱାସ ମାରିଲା । ଶୁଇଲା ଅନାର ପାଖରେ ।

ଅନା ଗୌରୀକୁ ବସାଇଲା ରିକ୍‌ସାରେ । ରାଜପଥରେ ଗଡ଼ିଲା ରିକ୍‌ସା - ଘର୍... ଘର୍ ଶବ୍ଦରେ । ଗୌରୀ ମୂକ, ପାଷାଣ

ପଡ଼ି ବସି ରହିଲା । ଅନା ନିଜର ଭାବନାରେ ଅସ୍ଥିର । ଦୁହେଁ ନୀରବ । ନୀରବତା ଗ୍ରାସକରି ଆସୁଥିଲା ସମଗ୍ର ଦୁନିଆଁକୁ ।



ଅନା ଓ ଗୋପି । ଦୁହିଁଙ୍କ ଦୁଃଖ - ସୁଖରେ ସେ ଦୁହେଁ ନିଜ ନିଜକୁ ହଜାଇ ଦେଇ ଅପାର ଶାନ୍ତି ଅନୁଭବ କଲେ । ହେଲେ, ବେଳେ ବେଳେ ଗୋପିର ମନ ଭାରି ହୋଇ ଉଠେ । ସତରେ ଅନା'ର କଥା । କି ସମ୍ପର୍କ ଥିଲା ତା ସହିତ ? ଯାହାକୁ ସେ ସୁନା ମୁଣ୍ଡିଏ ପରି ଅତି ଆଦରରେ ସାଇତି ରଖିଥିଲା ସେ କେବେ କେମିତି ପିତଳ ହେଲା; ଅବହେଳିତ ଅନାଉ··? ଗୋଟିଏ ପଡ଼ାରେ ରହି ତାଙ୍କ ସୁଖ ଦୁଃଖ କଥା ବୁଝେନିତ ସେ ଜାଣିନ ? କାହିଁକି ସେ ତାକୁ ଅଯାଚିତ ଦୁଃଖ ଅଶ୍ରୁ ଦେଲେ ?

-ଗୌରୀଙ୍କ କେବଳ ଲାଗେ । ଯେତେ ଲାଗେ ଆଖି ଦୁଇଟା ଲୁହ ଭିଜା ହୁଏ । ସ୍ମୃତି ଥରି ଥରି ଉଠେ । ହାଁ ହଁ କନା ଯେଉଁ ଭିତରେ ଖେଳିଯାଏ ନିଅଁ ମୁଣ୍ଡାଟେ । ଘୁରି ଘୁରି ଆଖି ଆଗରେ ଦିଶିଯାଏ ବହୁ ଅତୀତ ଦିନର କଥା । -ଅନାଇ ବୋଲି ଜଣେ ଥିଲା ତାର ସାଥୀ, ଜୀବନର ହସ - କାନ୍ଦର ସାଥୀ । ହେଲେ ଘଟଣା ଚକ୍ରରେ ବହୁଦିନ ହେଲା ସେ ତାଙ୍କୁ ହରାଇଛି । କେବେଯେ ପୁଣି ତାଙ୍କ ସହିତ ସାକ୍ଷାତ ହେବ - ଏ ଆଶା ବି ଆଉ ନାହିଁ । ତେବେ ଏ ଅନାଇ କିଏ ? କାହିଁକି ତା ଲାଗି ନିଜକୁ ଶୁଣ୍ଡା କରୁଛନ୍ତି ? - ଗୌରୀ ପିଙ୍କ୍ ଭର ସାରେଣୀ କାହିଁକି କୋଲି ।

ଦିନେ ଅନା ରିକ୍ସା ବାହୁ ଘରକୁ ଫେରିଲା ଅଦରରେ ସେ ବାଢ଼ିଦେଲା ଭାତ । ଅନା ହସି ହସି ଖାଇ ବସିଥିଲା । ସେ ମନ୍ତ୍ର ମୁଗ୍ଧ ହୋଇ ଚାହିଁଲା । ଅତୀତ ଓ ବର୍ତ୍ତମାନର ଅନାଇ ଭିତରେ ସାମଞ୍ଜସ୍ୟ ଖୋଜି ପାଇବାକୁ । କିନ୍ତୁ ପାଇଲାନି । ଅତୀତର ଅନାଇର ସେ ବଳୁଆ ବାହା, ମାଂସଳ ଦେହ, କୁଞ୍ଚିତ କେଶ କାହିଁ ହେଲେ ଦେଖି ପାରେନି ଆଜିର ଅନାଇଠାରେ । ଆଜିର ଅନାଇର ମୁଣ୍ଡର ବାଳ ଚନା ହୋଇଛି । ଦେହ ଶୀର୍ଣ୍ଣ । ଗୋଟାଏ କଙ୍କାଳର ରୂପ ନେଇଛି । ମୁହଁ ବିମର୍ଷ । ଅତୀତ ଦିନର ହସ ହସ, ଶାନ୍ତ ମୁହଁ, ଏ ଅନାଇଙ୍କ ଠାରେ ସେ ଖୋଜି ପାଇଲାନି । ହତାଶରେ ଦୀର୍ଘ ନିଶ୍ୱାସ ଛାଡ଼ିଲା । ନା, ଅତୀତର ଅନାଇ ତାର ଅଦୃଶ୍ୟ, ଦୁଷ୍ପ୍ରାପ୍ୟ ହୋଇଛନ୍ତି । ଯେତେ ଖୋଜିଲେ ଆଉ ସେ ମିଳିବେନି ।

\+ +

ଅନା ଶାଢ଼ି ଗାଉ ଚାହିଁଲା ଗୌରୀ ଅନ୍ତେ । ଦେଖିଲା ଆଖିରେ ଲୁହ । ଅନାର ହାତ ରହିଗଲା । ସ୍ଥିରଶୁଣ୍ଡା ଜସିପଡ଼ିଲା ।

କହିଲା : ଗୌରୀ ! ତୋ ଆଖିରେ ଲୁହ ? ଏଇ ଲୁହ କଣ ଦେଖିବା ପାଇଁ ମୁଁ ତତେ ଭଉଣୀ ପରି ପାଳୁଛି । କଣ ଅଛି ତୋର ଅଭାବ ? ଭାଇ କଣ ତୋର ସେ ଅଭାବ ପୂରଣ କରି ପାରିବନି ?

ଗୌରୀ ଚମକି ପଡ଼ିଲା । ଅରେ ସେ କଣ ଶୁଣୁଛି ? ଅନା'ଇ ଯେ ତା ଆଗରେ ବସି ଖାଉଛନ୍ତି । ଚାହିଁକି ସେ ଚାହିଁଲା । ହଁ, ଏଇ ଲୁହ ତାଙ୍କ ମନରେ ଦିଏ ଆଘାତ । ନା, ଆଉ ସେ ଅତୀତର ଅନା'ଇ କଥା ଭାବିବନି । ତାର ଲେଖା ବର୍ତ୍ତମାନ, ଭବିଷ୍ୟତ । ଅତୀତ ବିସ୍ମୃତିରେ ମିଶୁ ।

ଗୌରୀ ଲୁହପୋଛି କହିଲା - ଭାଇ ! ତୁମର ଦୁଃଖ ମୁଁ ଆଉ ଦେଖି ପାରିବିନି । ତୁମେ ମୋ ଲାଗି ଖଟି ଖଟି ଅଧିକ ଦୁର୍ବଳ ହୋଇ ପଡ଼ିଲଣି । ମୁଁ ବି ଆଉ ବେଳ ସହଳରେ ମୁଠାଏ ଫୁଟାଇ ପାରୁନି । ତୁମେ କ'ଣ କେବଳ ମୋ ଲାଗି ନିଜକୁ ଚିନ୍ତା କରୁଥିବ । ମୁଁ ତୁମ କଥା ଆଉ ଭାବିବିନି ? ଭାଇ ! କଥାଟିଏ କହିବି - ତୁମେ ମାନିବତ ?

—ଅନା ଜିଜ୍ଞାସୁ ନୟନରେ ଚାହିଁଲା । ଚାହିଁ କେବେଠୁ ଗୌରୀ ତାକୁ କିଛି କହିନି । କ'ଣ ସେ କହିବ ? ହଁ କ'ଣ କହିବୁ କହୁରୁ ।

ଗୌରୀ ସଥା ଯାତ କହିଲା-ଭାଇ ! ତୁମେ ନୂଆ ବୋହୂଟିଏ ଆଣ...

ଅନାର ମୁହଁ ଫାଉଁକନା ପଡ଼ିଲା । ନୂଆବୋହୂ ! ସେ ଚାହିଁବେକ ?

ଅନା ହସି ଉଠିଲା । କହିଲା, ଗୌରୀ ଏଇଥି ଲାଗି ତୋ ଆଖିରେ ଲୁହ ? ହେଲେ...

ଗୌରୀ ଚାହିଁଲା ଅନାର ମୁହଁକୁ । ମୁହଁ ତା'ର ବଦଳିଗଲା । ଆଖି କୋଣରେ ଦେଖାଦେଲା ଅଶ୍ରୁ । ଗୌରୀ ବୁଝିପାରିଲାନି କିଛି । ପଚାରିଲା - ଭାଇ ! ତୁମେ କାନ୍ଦୁଛ ? କହୁନାହଁ ମତେ ?

—ହଁ ଗୌରୀ କହିବି । ତତେ ନକହିବିତ କହିବି କାହା ଆଗରେ । ତୁମେ ମୋର ଭଉଣୀ । ହଁ ଭଉଣୀ ପାଖରେ ଭାଇର ମନକଥା ଲୁଚାଇ ରଖିବା ଅନୁଚିତ । ହଁ, ଶୁଣ...

...ଅନା କହିଗଲା ନିଜର ଅତୀତ । ପ୍ରେମାବୋଲି ଜଣେ ଥିଲା ତାର ଅତି ଆପଣାର ସାଥୀ । ସମାଜର ଲୋଲୁପ ଦୃଷ୍ଟି ତାକୁ ଛଡ଼ାଇ ନେଲା ତା କୋଳରୁ - ତାକୁ ଧକ୍କା ମାରି ଫିଙ୍ଗି ଦେଲା ଦୂର ସହରକୁ—ସେ ଆସି ରିକ୍ସା ଟାଣୁଛି ଏଇଠି । ଅପେକ୍ଷା କରିଛି ଦିନେ ଆସିବ ହୁଏତ ପ୍ରେମା - ସେ ହେବ ତୋର ନୂଆବୋଉ... ଅନାର କଥା ସରିଗଲା । + + +

ବାହାରେ କିଏ ଡାକିଲା—ହେ ରିକ୍ସାବାଲା ! ରିକ୍ସା ନେବୁ ।

ଅନା ଉଠିଗଲା ବାହାରକୁ । ରିକ୍ସା ଚଲାଇଲା ରାସ୍ତାରେ । ଗୌରୀକୁ ଏହା ପ୍ରହସନପରି ବୋଧ ହେଲା । ବସିଲା ଜାଗାରୁ ଉଠି ପାରିଲାନି ଆଉ । ଅନା'ଇ, ଏଇ ତୋର ଅନା'ଇ...

ଗୌରୀ ଉଠି ଆସିଲା ବାହାରକୁ ଚାହିଁଲା ଅନା'ଇ ନାହାନ୍ତି, ଚାଲି ଯାଇଛନ୍ତି କର୍ତ୍ତବ୍ୟରେ । ସେ ତାଙ୍କର ଠିକ୍ କର୍ତ୍ତବ୍ୟ କରି ଚାଲିଛନ୍ତି । ଆଉ ସେ... ?

ସେ ଅଟକି ଯାଇଛି ମଝିଆ ବାଟରେ । ଏ ଉଭୟ ଅନା'ଇ, ଭବିଷ୍ୟତ, ବର୍ତ୍ତମାନ—ଦୁଇଟା ଏକାଠି ମିଶିଛି । ହଁ...ହଁ ସେ ଅଶ୍ୱତ୍ଥାମା, ଚିରସ୍ଥାୟୀ ଅମର । ଅନା'ଇଙ୍କ ପାଖରେ ରହୁ, ତାଙ୍କୁ ରକ୍ଷି

କେମିତି ସେ ଆଜି ଛଳନା ଭିତରେ ଦିନ କାଟିବ । ନା···ନା, ସେ ଅନା'ଇଙ୍କୁ କହିବ, ଏ ଗୌରୀ ତୁମର ଶ୍ୟାମା··· । ଗୌରୀ ଛାତି ଭିତରଟା କ'ଣ ହୋଇଗଲା । ନା···ନା, ସେ ଏ କଳଙ୍କିତ ମୁହଁ ତାର ପବିତ୍ର ହୃଦୟ ଅନା'ଇଙ୍କି ଦେଖାଇ ପାରିବନି, ବରଂ ତା ପୂର୍ବରୁ ତାର ମୃତ୍ୟୁ ହେବା ଉଚିତ୍ । ସେ ଆତ୍ମହତ୍ୟା କରିବ - ସେଇଟାର ପ୍ରାୟଶ୍ଚିତ !

—ଗୌରୀ ବିବ୍ରତ ହୋଇ ପଡିଲା । ନିଜର କଳଙ୍କିତ ମୁହଁ ଅନା'ଇଙ୍କ ପାଖରୁ ଛପାଇ ଦେବାପାଇଁ ଧାଇଁଲା - ତରଙ୍ଗାୟିତ ସାଗରର ଦିଗରେ - - -

\+ \+ \+

ଅନା ଚିକିତ୍ସା କାହିଁ ଚାଲିଲା । ହେଲେ ସବୁଦିନର ଆଉ ସେ ସରଳତା ନାହିଁ । ବିଶ୍ରାମବେଳେ ଦିନେ ଦିନେ ସେ ଭାବେ ଗୌରୀ କଥା । ଗୌରୀ ତାକୁ ସତେ କେତେ ଭଲ ନପାଏ । ଯାହାଲାଗି ପଙ୍ଗାର କେଇଜଣଙ୍କ ମୁହଁରୁ ପାପକଥା କେଇପଦ ସେ ଶୁଣିଛି । କିନ୍ତୁ କମିଳାର ଘରର ମହାମଣ୍ଡରୁ ? ତଥାପି ଗୌରୀର ଏତେ ମମତା କାହିଁକି ? ସତେ ଯେପିଟି ତୁହିଁଙ୍କର ପରିଚୟ, ସମ୍ବନ୍ଧ ବହୁ ପୁରାତନ । ବେଳେ ବେଳେ ଗୌରୀର କଥା ଶ୍ୟାମାର ଭୁଣ୍ଡ ପରି ଲାଗେ - ତାର ଚାଲି, ତାର ଭାଷା, ତାର ହସର ସମାଜସ୍ୟ ଯେମିତି ଲାଗି ରହିଛି ଗୌରୀଠାରେ । କିନ୍ତୁ ଏକଣ ସମ୍ଭବ ! କାହିଁ ଓଡିଶା, କାହିଁ ଦୂର ସାଇଜ ବମ୍ବେ ! ଆଉ ଶ୍ୟାମା ଯଦି ବମ୍ବେ ଆସିଛି ସେ କଣ ତା ଅନାଇଙ୍କୁ ଭୁଲି ଯାଇ - - । ନା, ଗୌରୀ କେବେ ତାର ଶ୍ୟାମା ନୁହେଁ । ତାର ଭଉଣୀ । କାହିଁକି ଅଲୋଡ଼ା ଅଜ୍ଞାତ ଦିନର ଶ୍ୟାମା ସହିତ ତାକୁ ତୁଳୁଛି । ହଁ ଗୌରୀ ତାକୁ ଭଲପାଏ, ଭାଇ ଯତନାଏ, ଠିକ ସେ ତାର ସ୍ନେହଦାନ ଦିଏ ବୋଲି ।

--ଏମିତି ସେ ଭେଲାଟି ଯାଏ ଭାବି ମନଟା ତାର ଭାଙ୍ଗି ପଡ଼ୁଛି । ଶୀଘ୍ର ସେଲାଗି ଫେରିଚାଲିଲା ସନ୍ଧ୍ୟାକୁ । ସବୁଦିନ ପରି ଦୁଆର ମୁହଁରୁ ଡାକିଲା - " ଗୌରୀ ! ଗୌରୀ ! ! "

କିନ୍ତୁ କାହିଁ ଗୌରୀ ! ଗୌରୀ ତ ଆସି ସବୁଦିନ ପରି ଭାଇ ଭାଇ ବୋଲି ଲୋଟି ଯାଉନି, କାହିଁ ଅଳି କରୁନି—ମୋ ସାବୁନୁ କାହିଁ - ତେଲ କାହିଁ - ଚାରମଜା କାହିଁ । କାହିଁ ଟିକେବେଳ ତ ସେ ତା ଲେଉଟାଣିରେ ଗୌରୀ ଅନୁପସ୍ଥିତ ଥିବାର ସେ ଦେଖିନି । ଆଜି ? ଗୌରୀର ଦେହ କଣ ଭଲନାହିଁ ? ହଁ କହୁଥିଲା ତ ଟେପଟଟା କସର ଲାଗୁଥିଲା ।

—ଅନା ଶୀଘ୍ର ଘର ଭିତରକୁ ଡାକି ଡାକି ପଶିଗଲା । ହେଲେ ଗୌରୀକୁ ପାଇଲାନି । ବଡ ପାଟିରେ ଡାକିଲା - ପାଖ ଘରକୁ ଯାଇଥିବ ଭାବି । ହେଲେ ଡାକିବା ତା'ର ବିଫଳ ହେଲା । ଗୌରୀକୁ ଯେତେ ଖୋଜିଲେ ବି ତାକୁ ପାଇଲାନି । ଗୌରୀ ଅଦୃଶ୍ୟ ?

—ଆଜି ତାର କଣ ହୋଇଛି ? ବଡ଼ ଲୋକର ଆଭିଜାତ୍ୟ ତାକୁ କଷ୍ଟ କରୁଛି ? ମହେଶ ବାବୁ ! ତୁମେ କଣପାଇଁ ଆସି ତାକୁ ନେଇଗଲ ? ନା ନା, ମତେ ତାକୁ ଫେରାଇ ଦିଅ । ମୁଁ ତାକୁ ବଞ୍ଚାଇବି, ତାର ଶାଢ଼ିଟିକୁ ବଦଳାଇବି । ନିଜେ ନେଇ ସେ ଝିଅକୁ ଛାଡିଦେଇ ଆସିବି ତୁମ ପାଖରେ - -

ଅନାର ମନ ଭୟରେ ଥରି ଉଠିଲା । ମହେଶ ବାବୁ ? ହଁ ହଁ, ସେଇ ବୋଧେ ନେଇ ଯାଇଛନ୍ତି ତା'ର ଗୌରୀକୁ । ସେ ଶିଶୁଟିକୁ ନଷ୍ଟକରି ଦେବାକୁ । ଉଃ ! ବଡଲୋକର କି ଭୟଙ୍କର ହିଂସା ! ଶିଶୁ ବଡ଼ହେଲେ ଭାଗେ ତାଙ୍କର ଆଭିଜାତ୍ୟ ଉପରେ

ପଦାଘାତ କରିବ ସେଇ ଉଦ୍ୟରେ ହୁଏତ ନେଇ ଯାଇଛନ୍ତି ଗୌରୀକୁ ? ନା ନା, ସେ ଛଡ଼ାଇ ଆଣିବ ତାର ଗୌରୀକୁ - -

ଅନା ପାଗଳ ପରି ଛୁଟି ଗଲା ଗୌରୀର ସନ୍ଧାନରେ । ହେଲେ ଆଶା ତାର ମେଣ୍ଟୁନି । ସବୁ ଯାଗା ତନ୍ନ ତନ୍ନ କରି ଦେଖି ନିରାଶ ହେଉଛନ୍ତି । ବେଳକୁ ବେଳ ମହେଶ ବାବୁଙ୍କ ଉପରେ ହିଂସା ବଢୁଛି । - ହଁ ସେଇ ନେଇଛନ୍ତି ଗୌରୀକୁ, ସନ୍ତାନକୁ ନଷ୍ଟ କରିବା ପାଇଁ ।

ଅନା ଗୋଟାଏ ପାଗଳର ଝୁଙ୍କରେ ଧାଇଁଲା ସାଗର ଆଡେ଼ ଯେଉଁଠି ସେ ଦେଖିଥିଲା ଗୌରୀ ଓ ମହେଶ ବାବୁଙ୍କୁ ।

ଏକଣ ! ନାରୀର ବିକଟ ଚିତ୍କାର ! କିଏ ଆଜି ନୃଶଂସ ତ୍ୟାଗ କରୁଛି ତା'ର ପ୍ରେମିକାକୁ ? ମହେଶ ବାବୁ ? ଧିକ୍ , ଧିକ୍ ତୁମର ଆଭିଜାତ୍ୟକୁ । ଧନ - ମଦରେ କାହିଁକି ତୁମେ ନଷ୍ଟ କର ଗୋଟାଏ ଗୋଟାଏ ଜୀବନ···

ଅନା ଧାଇଁଗଲା ସେଇ ଦଗରେ । ଏଇ, ଏଇଟେ ତାର ଗୌରୀ ! ପେଟର ଅସହ୍ୟ ଯନ୍ତ୍ରଣାରେ ଅସ୍ଥିର । ତଥାପି ବାଲି ଉପରେ ଘୁଷୁରି ଘୁଷୁରି ଚାଲୁଛି ଆଗକୁ । କାହିଁକି ? କଣ ହେଲା ତାର ? - ଅନାର ଛାତି ଥରି ଉଠିଲା । ଗୌରୀର ସମୁଦ୍ର କୂଳରେ ଏପରି ଅସହାୟ ପରିସ୍ଥିତି କାହିଁକି ସେ ବୁଝି ପାରୁନି । କେବଳ ଆଖିରୁ ବହୁ ଆସିଲା ଲୁହ । ଭଙ୍ଗା ଗଳାରେ ଡାକିଲା -"ଗୌରୀ ! ଏକଣ କରୁଛୁ ?" ଗୌରୀ କିଛି ବି ଉତ୍ତର ଦେଇ ପାରିଲାନି । ଅଣୁ - ପ୍ରସବ ଯନ୍ତ୍ରଣା ଅସ୍ଥିର କରୁଛି । ବେଦନାର ଅତ୍ୟାଧିକ ଅସହ୍ୟ । ତଥାପି ସେ ଚେଷ୍ଟା କରୁଛି ସାଗର ଦଗରେ ଧସି ଯିବାକୁ ।

ଅନା ଆଉ ଦେଖି ପାରିଲାନି ଏ କରୁଣ ଦୃଶ୍ୟ । ଗୌରୀକୁ କୋଳାଗ୍ରତ କରି ଆଉଁସି ଦେଲା ତାର ଅଶ୍ରୁଳ ମୁହଁକୁ । ମୁଣ୍ଡବାଳ ସାଉଁଳି ଦେଇ ରୁଦ୍ଧ କଣ୍ଠରେ କହିଲା, "ଗୌରୀ ଏ କଣ କରୁଛୁ ?"

ଗୌରୀ ଚେଷ୍ଟାକଲା ଅନାର କବଳରୁ ମୁକ୍ତ ହୋଇ ସାଗର ଗର୍ଭରେ ଲମ୍ଫ ଦେବାକୁ । ହେଲେ, ଚେଷ୍ଟା ତା'ର ବ୍ୟର୍ଥହେଲା । ନିଜର ଚେଷ୍ଟା ବ୍ୟର୍ଥହେବା ଦେଖି ଗୌରୀ ହତାସ ହେଲା । ଭଙ୍ଗା ଗଳାରେ କହିଲା - "ଅନା'ଇ ମତେ ଛାଡ଼ିଦିଅ - ମୁଁ ଚାହେଁ ଏଇ ସାଗର ଗର୍ଭରେ ମିଶିଯିବାକୁ ।"

ଅନା ବୁଝି ପାରିଲାନି ଗୌରୀର ଭାଷା । କହିଲା - "ଗୌରୀ ! ଅନାଇ କଣ ତତେ କେବେ ଆଘାତ କରିଛି ?"

-"ନା ଅନା'ଇ ! ତୁମେ କେବେ ଆଘାତ ଦେଇନ । ବରଂ ମେ ତୁମକୁ ଆଘାତ ଦେଇଛି । ତାକୁ ତୁମେ ଛାଡ଼ - ମେ ତାର ପ୍ରାୟଶ୍ଚିତ କରୁଛି, ଆତ୍ମହତ୍ୟାରେ ?

—"ଆତ୍ମହତ୍ୟା ?"

"ହଁ ଅନାଇ । ଏକମାତ୍ର ଉପାୟ ଆତ୍ମହତ୍ୟାରେ ଏ କଳଙ୍କିତ ମୁହଁ ଲୁଚାଇ ଦେବାକୁ - ଓଃ, ଅନାଇ ! ମତେ ଛାଡ଼, - ଭୀଷଣ କଷ୍ଟ । ହଁ - ମୃତ୍ୟୁ - - -"

ଅନା କଣ କରିବ ବୁଝି ପାରିଲାନି । ଭାବିଲା, ଅସହ୍ୟ ଯନ୍ତ୍ରଣାରେ ସେ ପ୍ରଳାପ କରୁଛି - । କହିଲେ ଉପାୟ - -

ଗୌରୀ କେବଳ କହିବାରେ ଲାଗିଲା - ମତେ ଛାଡ଼ିଦିଅ - ଛାଡ଼ିଦିଅ—ମୁଁ ପାପିନୀ ?

-"ପାପିନୀ ?"

-"ହଁ ଅନା'ଇ ! ବିଶ୍ୱାସ କରୁନ ?···ଆଃ··· !"

-"ଗୌରୀ"

ଅନା'ଇ ! ତୁମେ ଯାହାକୁ କାୟମନ - ବାକ୍ୟରେ ଭଲ ପାଇଥିଲ, ତାକୁ ଯଦି ଭ୍ରଷ୍ଟା ହେବାର ଦେଖ - ତା ପ୍ରତି କି ଦଣ୍ଡ ବିଧାନ କରିବ ? ମୃତ୍ୟୁର ବାଟ ତାକୁ ବତାଇଦବନି - ନିଜେ ଧାଇଁବନି ତାର ଗଳାଚିପି ମାରି, ପ୍ରତିହିଂସ ସୁଝିବାକୁ ? ଉଃ, ଅନାଇ ! ଭୀଷଣ କଷ୍ଟ । ମୃତ୍ୟୁ ! କାହିଁ ତୋର ରୂପ ? ଶୀଘ୍ର, ଏ କଳଙ୍କିତ ରୂପ ନିଶେଷ କର ।

-"ଗୌରୀ"! -

—"ହଁ, ଅନାଇ ଏ ତୁମରି ସେଇ ପରିଚିତ ପ୍ରେମା ! ହାତମାରି ଦେଖ, ତୁମରି ହାତଚେଟକାମାଟି ନେଇଟାକେଇ, ହଲା ବୋଝ ବୋହୁ, ବୋହୁ କେମିତି ତା'ର ମୁଣ୍ଡ ବିଣ୍ଡି ହୋଇଛି । ହେଇ ଚାହାଁ - ଏ ଦେହରେ ଲାଗିଥିବା ଅଲିଭା ଦାଗ ତୁମ ହାତର କି ନା ? ନା···ନା···, ଅନାଇ ! ତୁମେ ଆଖି ବୁଜିଦିଅ - ମତେ ସ୍ପର୍ଶ କରନା - ମୁଁ କଳଙ୍କିନୀ ! ମତେ ଛାଡ଼ - ମୁଁ ମରେ--- ! ଆଃ- - -! ଅ- ନା'- ଇ- - -"

ଗୌରୀର କଣ୍ଠ ରୁଦ୍ଧ ହୋଇ ଗଲା । କହି ପାରିଲାନି କଥା । ବେଦନାର ଅସହ୍ୟ ଯନ୍ତ୍ରଣାରେ ମୁହଁ ତାର ବିକୃତ ହୋଇ ଉଠିଲା । ଅନାର ଛାତି ଉପରକୁ ଆଉଜି ପଡ଼ୁ ପଡ଼ୁ ଢଳି ପଡ଼ିଲା ବାଲି- ଭୂଇଁ ଉପରେ ।

ଅନାର ଜ୍ଞାନ ହଜିଗଲା । ଏକଣ ! ଏକଣ ସେ ଶୁଣୁଛି - ଭ୍ରମା ! ଏଇଭାର ଭ୍ରମା ? ହଁ, ହଁ..., ତାର ଅଖି ବୁଇଟା ହଲସି ଉଠିଲା । କଣ କରବ, କଣ କହବ - କଛୁ ବୁଝି ପାରିଲାନ । କେବଳ ଗୁଡୁ ନିଶ୍ୱାସ ମାର ବାଲି - ଭୂଇଁ ଉପରୁ ଗୌରୀକୁ ସାଉଁଟି ଧରି ଭଙ୍ଗା ଗଳାରେ ଡାକଲା "ଗୌରୀ !... ଗୌରୀ ! ! ତୁଇ ମୋର ପିଲାଦିନର ସାଥୀ— ? ଏଁ, ଗୌରୀ ! କଣହେଲା ତୋର ? କଥା କହୁନୁ କାହିଁକି ? କହ, କହ—ତୁଇ ମୋର ଭ୍ରମା...?"

ଅନା ବ୍ୟାକୁଳିତ କଣ୍ଠରେ ଗୌରୀକୁ ବୋହଲାଇ ଡାକଲା ପାଖରିଲା କଥାର ଯବାବ ପାଇବାକୁ ।

ହାୟ, ଓଗୌରୀ ଆଜ ଶୁଣିଲା ନାହିଁ । ବେଦନାର ଆଘାତ, ଧର୍ମର ଅତ୍ୟାଚାର, ସମାଜର ଶାସନ ଦଣ୍ଡ - ମୁହିଁତାର ବାନ୍ଧି ଦେଲା ସବୁଦିନକୁ ।

ଅନା ଶକଳରେ କେବଳ ଗୌରୀର ଛାତି ଉପରେ ମଥା କୋଡି - ଡାକଲା, "ଗୌରୀ ! ଗୌରୀ ! ! କହ, ତୁଇ ମୋର ଭ୍ରମା ? - ହଁ, ହଁ ତୁ ମୋର ଭ୍ରମା । ଏଇ, ଏଇତ ମୁଣ୍ଡ ତୋର ବାନ୍ଧି ହୋଇଛି ମାଟି ବୋହୁ ବୋହୁ । ଦେହରୁ ତୋର, ମୋର ଗନ୍ଧ ଉଠୁଛି - ହଁ, ହଁ ତୁଇ ମୋର ଭ୍ରମା । ଭ୍ରମା - । ଶେଷଥର ପାଇଁ ପଦେ କଥାକହ ତୋର ଅନା'ଇକି -

—ହେଲେ ଗୌରୀ ଆଉ କଥା କହୁଲନ । ସେତକ ବେଳେ ବାଁଲା ପିଲାର ଅନାବିଲ କୁଆଁ···କୁଆଁ ଡାକ ଅନାକୁ ଚମକାଇ ଦେଲା ।

ସମାପ୍ତ

କବିତା ଭବନ, ସୁନ୍ଦରପଦା
ତା୧୩ । ୧୦ । ୧୯୫୮

ମୁଦ୍ରାକର ଓ ପ୍ରକାଶକ:— ଶ୍ରୀ ହରିହର କର
କେଦାର-ଗୌରୀ ପ୍ରେସ, ଭୁବନେଶ୍ୱର / ସ୍ଥ. ୧୯୫୮ ମସିହା